RNI No.ODIODI/2010/33031
୧୭ ବର୍ଷ Volume-17
ISSUE -33 ସଂଖ୍ୟା-୩୩
ଭୁବନେଶ୍ୱର, ଶୁକ୍ରବାର ୧୦ ଏପ୍ରିଲ୍ ୨୦୨୬
Bhubaneswar, Friday 10 April, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଭୁବନେଶ୍ୱରରେ ନିରବଚ୍ଛିନ୍ନ ବିଦ୍ୟୁତ ସେବା

୩ ଗ୍ରୀଡ୍ ସବଷ୍ଟେସନ୍ ଏବଂ ୮ ଟ୍ରାନ୍ସମିସନ୍ ଲାଇନ ଲୋକାର୍ପିତ

ଭୁବନେଶ୍ୱର,୯।୪(ନି.ପ୍ର.): ଭୁବନେଶ୍ୱରର ବିଦ୍ୟୁତ୍ ସରବରାହ ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବାଲିଅନ୍ତା ଠାରେ ୩ଟି ନୂତନ ଗ୍ରୀଡ୍ ସବ୍ଷ୍ଟେସନ ଓ ୮ଟି ଗୁରୁତ୍ୱପୂର୍ଣ୍ଣ ଟ୍ରାନ୍ସମିସନ ଲାଇନ୍ ଉଦ୍ଘାଟନ କରିଛନ୍ତି।

ପ୍ରାୟ ୬୦୦ କୋଟି ଟଙ୍କା ବ୍ୟୟରେ ଏହି ୩ଟି ନୂତନ ଗ୍ରୀଡ୍ ସବ୍ଷ୍ଟେସନ - ବାଲିଅନ୍ତା, ସତ୍ୟନଗର, ଏବଂ କଟକର ଏସ୍.ସି.ବି. ମେଡିକାଲରେ ସ୍ଥାପନ କରାଯାଇଛି। ଯାହାଦ୍ୱାରା ଅଞ୍ଚଳର ପ୍ରାୟ ୨୨ ଲକ୍ଷ ଉପଭୋକ୍ତା ଲାଭାନ୍ୱିତ ହେବେ। ଏହା ସହିତ ଭୁବନେଶ୍ୱରକୁ ଏକ ବିକଳ୍ପ ବିଦ୍ୟୁତ ଉତ୍ସ ସହିତ ସଂଯୋଗ ମଧ୍ୟ କରାଯାଇଛି। ଆଗାମୀ ଦିନରେ କଟକ ଓ ଭୁବନେଶ୍ୱରକୁ ଏକାଧିକ ଫିଡର ଲାଇନ ଦ୍ୱାରା ସଂଯୁକ୍ତ କରାଯିବ। ଏହାଦ୍ୱାରା ରାଜଧାନୀବାସୀ ନିରନ୍ତର ଗୁଣାତ୍ମକ ବିଦ୍ୟୁତସେବା ପାଇପାରିବେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ପ୍ରକଳ୍ପ ଗୁଡିକ ବହୁ ପୂର୍ବରୁ ମଞ୍ଜୁରୀ ପାଇଥିଲେ ମଧ୍ୟ କୋର୍ଟ କେସ୍ ଓ ବିଭିନ୍ନ ସମସ୍ୟା ଯୋଗୁ ଏ ଗୁଡିକର କାର୍ଯ୍ୟ ଆରମ୍ଭ ହୋଇପାରୁ ନଥିଲା। ନୂଆ ସରକାର ଦାୟିତ୍ୱ ଗ୍ରହଣ କଲାପରେ, ଏହି ପ୍ରକଳ୍ପ ଉପରେ ଗୁରୁତ୍ୱ ଦିଆଯାଇ ସମସ୍ତ ସମସ୍ୟାର ସମାଧାନ କରି ବର୍ଷକ ତଳେ କାମ ଆରମ୍ଭ ହୋଇଥିଲା। ମାତ୍ର ୧ ବର୍ଷ ମଧ୍ୟରେ ଡଂଙ୍ଗଉଖା ପକ୍ଷରୁ ୪ଟି ଗୁରୁତ୍ୱପୂର୍ଣ୍ଣ ବିଦ୍ୟୁତ ପ୍ରକଳ୍ପ କାମ ସମ୍ପୂର୍ଣ୍ଣ ହୋଇଛି। ଏଥି ମଧ୍ୟରୁ ନୟାପଲ୍ଲୀ ଗ୍ରୀଡ ଗତବର୍ଷ ଠାରୁ ବିଦ୍ୟୁତ ସେବା ଆରମ୍ଭ ହୋଇସାରିଛି। ରାଜଧାନୀ ବାସୀଙ୍କୁ ବିଶ୍ୱସ୍ତରୀୟ ବିଦ୍ୟୁତସେବା ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କ ଦୃଢ ସଂକଳ୍ପ ଯୋଗୁ ଏହା ସମ୍ଭବ ହୋଇପାରିଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ 'ଯେଉଁଠି ଦୃଢ ଇଚ୍ଛାଶକ୍ତି ଥାଏ, ସେଠାରେ ଅସମ୍ଭବ ସମ୍ଭବ ହୁଏ'। ସେଥିପାଇଁ ଆମେ ମାତ୍ର ୧ ବର୍ଷ ଭିତରେ ୪ଟି ଗ୍ରୀଡ ସବ୍-ଷ୍ଟେସନ କାମ ସମ୍ପୂର୍ଣ୍ଣ କରିପାରିଲୁ। ଭୁବନେଶ୍ୱରର ବିଦ୍ୟୁତ ଶକ୍ତି ଚାହିଦା ଦୁଇଗୁଣା ହେବ। ଯାହା ବର୍ତ୍ତମାନ ଏକ ହଜାର ମେଗାୱାଟ୍ ଅଛି ତାହା ୨୦୩୦ ସୁଦ୍ଧା ଦୁଇ ହଜାର ମେଗାୱାଟ୍‌ରେ ପହଁଚିବ।

ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ରାଜଧାନୀ ଭୁବନେଶ୍ୱରର ଭବିଷ୍ୟତ ବିକାଶକୁ ଦୃଷ୍ଟିରେ ରଖି ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ ଏବଂ ଆଧୁନିକ କରିବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ। ଏହି ନୂତନ ଏଓ୍ୱଜ ଗ୍ରୀଡ ସବଷ୍ଟେସନ ଓ ସଂଲଗ୍ନ ଟ୍ରାନ୍ସମିସନ ଲାଇନଗୁଡ଼ିକ ରାଜଧାନୀରେ ନିରବଚ୍ଛିନ୍ନ, ଉଚ୍ଚ ଗୁଣସ୍ତରୀୟ ଏବଂ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବ। ଏହା ଫଳରେ ଶିଳ୍ପ, ବ୍ୟବସାୟ, ଆଇଟି ଏବଂ ନଗରୀୟ ଜୀବନର ସମଗ୍ର ବିକାଶ ତ୍ୱରାନ୍ୱିତ ହେବ ବୋଲି ସେ କହିଥିଲେ।

ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦୀ ଜୀଙ୍କର ଯେଉଁ ଡିଜିଟାଲ ଇଣ୍ଡିଆର ପରିକଳ୍ପନା ରହିଛି, ସେହି ଆଧାରରେ ଓଡିଶାର ବିଦ୍ୟୁତ ଶକ୍ତି ବ୍ୟବସ୍ଥାର ପୁର୍ନବିନ୍ୟାସ କରାଯାଉଛି। ରାଜ୍ୟରେ ପ୍ରଥମ ଥର ପାଇଁ ଡିଜିଟାଲ ଗ୍ରୀଡ୍ ସବ୍ଷ୍ଟେସନ ନିର୍ମାଣ କରାଯାଇଛି। ସେହିପରି ରାଜଧାନୀ ପାଇଁ ୭୬୫ କେ.ଭି. ଟ୍ରାନ୍ସମିସନ ବ୍ୟବସ୍ଥାର ବିକାଶ କରିବାର ଯୋଜନା ରହିଛି। ପରବର୍ତ୍ତୀ ସମୟରେ କଟକ ଏବଂ ଭୁବନେଶ୍ୱରର ବିଭିନ୍ନ ଗ୍ରୀଡ୍ ସବ୍-ଷ୍ଟେସନକୁ ଏକାଧିକ ଫିଡର ମାଧ୍ୟମରେ ଯୋଗାଣ ବ୍ୟବସ୍ଥା କରାଯିବ। ଏହା ବିଦ୍ୟୁତ୍ ସରବରାହରେ ଅଧିକ ସ୍ଥିରତା ଆଣିବା ସହିତ ଗୁଣାତ୍ମକ ଓ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇବାରେ ଅଧିକ ସକ୍ଷମ ହେବ। ଏହା ଗର୍ବର ବିଷୟଯେ ଓପିଟିସିଏଲ୍ ସାରା ଦେଶର ଏକମାତ୍ର ବିଦ୍ୟୁତ୍ ସଂଚାରଣ ସଂସ୍ଥା ଯାହା ୭୦ ଟି ଗ୍ରୀଡ୍ ସବ୍-ଷ୍ଟେସନକୁ ରିମୋଟ୍ ଅପରେସନ୍ ମାଧ୍ୟମରେ ପରିଚାଳନା କରୁଛି। ଏହା ଦ୍ୱାରା ଉତ୍ତମ ନିୟନ୍ତ୍ରଣ, ଦ୍ରୁତ ତ୍ରୁଟି ସମାଧାନ ତଥା ସୀମିତ ମାନବସମ୍ବଳର ଉପଯୋଗ ସମ୍ଭବ ହେବ ବୋଲି ସେ କହିଥିଲେ। ଆଜି ସ୍ଥିତି ଅନୁଧ୍ୟାନ କଲା ପରେ ମୁଖ୍ୟମନ୍ତ୍ରୀ ଭିଙ୍ଗାରପୁର, ଉତ୍ତମପୁର, ଗଙ୍ଗେଶ୍ୱର, ପାଣ୍ଡରା, ଜଗନ୍ନାଥ ନଗର, ମଙ୍ଗରାଜ, ପଳାଶୁଣୀ ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ବିଦ୍ୟୁତ୍ ସେବା ଯୋଗାଇବା ପାଇଁ ଆଉ ୩ଟି ଫିଡର ଯୋଗାଇଦେବାକୁ ଟାଟା ପାୱାରକୁ ନିର୍ଦ୍ଦେଶ ଦେଇଥିଲେ। ସେ ଏହା ମଧ୍ୟ କହିଥିଲେ ଯେ, ସତ୍ୟନଗର ଓ ଏସ. ସି. ବି. ମେଡିକାଲ ଜିଏସଏସ ପାଇଁ ଫାଉଣ୍ଡେସନ ଡ୍ରଇଂ ଏବଂ କଣ୍ଟ୍ରୋଲ ରୁମ ଭବନର ଲେଆଉଟ୍ ୨୪.୧୨.୨୦୨୪ରେ ଅନୁମୋଦିତ ହୋଇଥିଲା ଏବଂ ଡଂଙ୍ଗଉଖା ୩୧.୦୩.୨୦୨୬ମଧ୍ୟରେ ସମସ୍ତ ସବଷ୍ଟେସନଗୁଡ଼ିକୁ ସମ୍ପୂର୍ଣ୍ଣ କରିପାରିଛି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରକଳ୍ପଗୁଡ଼ିକୁ ସମ୍ପନ୍ନ କରିଥିବାରୁ ସେ ଡଂଙ୍ଗଉଖାକୁ ଅଭିନନ୍ଦନ ଜଣାଇଥିଲେ। ପ୍ରାୟ ୬୦୦ କୋଟି ଟଙ୍କା ବ୍ୟୟରେ ବାଲିଅନ୍ତା, ସତ୍ୟନଗର, ନୟାପଲ୍ଲୀ ଏବଂ ଏସ. ସି. ବି. ମେଡିକାଲ ନିର୍ମିତ ଏହି ଗୁରୁତ୍ୱପୂର୍ଣ୍ଣ ଗ୍ରୀଡ ସବଷ୍ଟେସନଗୁଡ଼ିକ ସ୍ଥାପିତ ହୋଇଛି, ଯାହା ଭୁବନେଶ୍ୱର ସହରର ବିଦ୍ୟୁତ୍ ସରବରାହ ବ୍ୟବସ୍ଥାକୁ ସୁଦୃଢ କରିବ। ଏହା ଫଳରେ ରାଜଧାନୀ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ପ୍ରାୟ ୨୨ ଲକ୍ଷ ଉପଭୋକ୍ତା ନିରବଚ୍ଛିନ୍ନ ଓ ଗୁଣସ୍ତରୀୟ ବିଦ୍ୟୁତ୍ ସେବାରୁ ଲାଭାନ୍ୱିତ ହେବେ। ବାଲିଅନ୍ତାରେ ସ୍ଥାପିତ ୨୨୦/୧୩୨/୩୩ କେ.ଭି. ଏଓ୍ୱଜ ସବଷ୍ଟେସନ ଏହି ଅଞ୍ଚଳ ପାଇଁ ଏକ ମୁଖ୍ୟ ମାଇଲଷ୍ଟୋନ ସୃଷ୍ଟି କରିଛି। ଏହା ମାଧ୍ୟମରେ କଟକ ଓ ମଞ୍ଚେଶ୍ୱର ସହ ଶକ୍ତିଶାଳୀ ବିଦ୍ୟୁତ୍ ସଂଯୋଗ ସ୍ଥାପିତ ହୋଇ ଭୁବନେଶ୍ୱରର ବିଦ୍ୟୁତ୍ ସୁରକ୍ଷାକୁ ଆହୁରି ସୁଦୃଢ କରିଛି।

ସେହିପରି, ସତ୍ୟନଗରରେ ସ୍ଥାପିତ ୧୩୨/୩୩ କେ.ଭି. ଜିଆଇଏସ ସବଷ୍ଟେସନ ସହରର କେନ୍ଦ୍ରାଞ୍ଚଳରେ ପ୍ରଥମ ଥର ପାଇଁ ନିର୍ମିତ ହୋଇ ଦ୍ରୁତଗତିରେ ବଢୁଥିବା ବିଦ୍ୟୁତ୍ ଚାହିଦାକୁ ପୂରଣ କରିବ। ଏସ. ସି. ବି. ମେଡିକାଲ ନିର୍ମିତ ୧୩୨/୩୩ କେ.ଭି. ଜିଆଇଏସ ସବଷ୍ଟେସନ ଗୁରୁତ୍ୱପୂର୍ଣ୍ଣ କ୍ରିଟିକ୍ସ ସେବା ପାଇଁ ନିରବଚ୍ଛିନ୍ନ ଓ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବ। ଏହି ପ୍ରକଳ୍ପଗୁଡ଼ିକ ଭୁବନେଶ୍ୱରକୁ ୧୩୨ କେଭି ଏବଂ ୨୨୦ କେଭିର ଏକ ବଳୟ ମଧ୍ୟରେ ରଖିବ, ଯାହା ବିଦ୍ୟୁତ୍ ସରବରାହର ସ୍ଥିରତା ଓ ନିର୍ଭରଯୋଗ୍ୟତାକୁ ଅଧିକ ସୁଦୃଢ କରିବ। ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ନିଜ ଅଭିଭାଷଣରେ କହିଥିଲେ ଯେ, ଆମ ସରକାରଙ୍କ ଦ୍ୱାରା ଲୋକଙ୍କୁ ଦିଆ ଯାଇଥିବା ପ୍ରତିଶ୍ରୁତିକୁ ଆମେ ରକ୍ଷା କରିଛୁ। ଏଥର ଭୁବନେଶ୍ୱର ଓ ବାଲିଅନ୍ତା ଅଞ୍ଚଳରେ ନୂଆ ଶକ୍ତିର ସ୍ରୋତ ଭାବେ ଏହି ଗ୍ରୀଡ ସବଷ୍ଟେସନ କାର୍ଯ୍ୟ କରିବ। ଲୋକମାନେ ଆଉ ଲୋ ଭୋଲ୍ଟେଜ ସମସ୍ୟାର ସମ୍ମୁଖୀନ ହେବେ ନାହିଁ। ଏହିଭଳି ବଡ଼ ବଡ଼ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବା ପାଇଁ ସ୍ଥାନୀୟ ଲୋକଙ୍କ ସହଯୋଗ ସର୍ବଦା ଆବଶ୍ୟକ। ଏଥିପାଇଁ ସ୍ଥାନୀୟ ଲୋକମାନେ ଏଥିରେ ସହଯୋଗ କରନ୍ତୁ ଆଗକୁ ରାଜ୍ୟରେ ଏମିତି ଜାରି ରହିବ। ଧାର୍ଯ୍ୟ ସମୟ ସୀମା ମଧ୍ୟରେ କାର୍ଯ୍ୟ ଶେଷ କରିଥିବାରୁ ଓପିଟିସିଏଲକୁ ଧନ୍ୟବାଦ ଜଣାଇଥିଲେ।

ଉକ୍ତ କାର୍ଯ୍ୟକ୍ରମରେ ଭୁବନେଶ୍ୱର ସାଂସଦ, ଶ୍ରୀମତୀ ଅପରାଜିତା ଷଡଙ୍ଗୀ ଜୟଦେବ ବିଧାୟକ, ନବକିଶୋର ମଲ୍ଲିକ, ସିଏମଡି ଓପିଟିସିଏଲ୍ ଶ୍ରୀ ଭାସ୍କର ଜ୍ୟୋତି ଶର୍ମା ଏବଂ ଖୋର୍ଦ୍ଧା ଜିଲ୍ଲାପାଳ ଅମୃତ ଋତୁରାଜ ପ୍ରମୁଖ ଉପସ୍ଥିତ ଥିଲେ।

କଟକରେ ପେଜ୍ ଇଣ୍ଡଷ୍ଟ୍ରିଜ୍‌ର ଆପାରେଲ୍ ୟୁନିଟ୍ ଉଦ୍‌ଘାଟିତ

ରାଜ୍ୟରେ ଶିଳ୍ପାୟନ ଓ ନିଯୁକ୍ତିରେ ନୂଆ ଅଧ୍ୟାୟ

କଟକ,୯।୪(ନି.ପ୍ର.): ବ୍ୟାପକ ଶିଳ୍ପାୟନ ଯୋଗୁଁ ଆଗାମୀ ଦିନରେ ଓଡିଶାରେ ନିଯୁକ୍ତି ପାଇଁ ଆଉ ମାଇଗ୍ରେସନ୍ ନ ହୋଇ, ରିଭର୍ସ ମାଇଗ୍ରେସନ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । କଟକ ଜିଲ୍ଲାର ରାମଦାସପୁର ଠାରେ ପେଜ୍ ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ ସ୍ଥାପିତ ଏକ ବୃହତ ଆପାରେଲ୍ ମ୍ୟାନୁଫାକ୍ଚରିଂ ୟୁନିଟ୍‌ର ଶୁଭ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି । ପ୍ରାୟ ୭୫୦ କୋଟି ଟଙ୍କା ବିନିଯୋଗରେ ସ୍ଥାପିତ ଏହି ଉଦ୍ୟୋଗ ଦ୍ୱାରା ୫,୮୦୦ରୁ ଅଧିକ ଯୁବକ-ଯୁବତୀଙ୍କ ପାଇଁ ନୂତନ ନିଯୁକ୍ତି ସୃଷ୍ଟି ହୋଇଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାର ବୟନ ଓ ପୋଷାକ ଶିଳ୍ପ ଉପରେ ଫୋକସ୍ ରଖିଛନ୍ତି । ଏହି କ୍ଷେତ୍ରରେ କମ୍ ପୁଞ୍ଜି ବିନିଯୋଗରେ ଅଧିକ ନିଯୁକ୍ତି ଅବସର ମିଳିଥାଏ । ବିଶେଷକରି ମହିଳାମାନଙ୍କୁ ଅଧିକ ନିଯୁକ୍ତି ମିଳେ । ନିଯୁକ୍ତି ଓ ମହିଳା ସଶକ୍ତିକରଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଓଡିଶାରେ ନୂଆ ନୂଆ ଆପାରେଲ୍ ଇଣ୍ଡଷ୍ଟ୍ରି ସ୍ଥାପନ କରୁଛନ୍ତି । ଖୋର୍ଦ୍ଧା, କଟକ, ଗଞ୍ଜାମ ଏବଂ ଅନ୍ୟାନ୍ୟ ଜିଲ୍ଲାରେ ବ୍ୟାପକ ସଂଖ୍ୟାରେ ଟେକ୍ସଟାଇଲ ଓ ଆପାରେଲ୍ ଉଦ୍ୟୋଗ ପ୍ରତିଷ୍ଠା କରାଯାଉଛି । ଗତବର୍ଷ ଜୁଲାଇ ମାସରେ ଓଡିଶାରେ ଟେକ୍ସଟାଇଲ ସମିଟ୍ ହୋଇଥିଲା । ପ୍ରାୟ ୭୮୦୦ କୋଟି ଟଙ୍କାର ପୁଞ୍ଜି ପ୍ରସ୍ତାବ ଆସିଥିଲା । ଏହିସବୁ ପ୍ରସ୍ତାବ ଗୁଡିକ ଏବେ ଦୃତ ଗତିରେ କାର୍ଯ୍ୟକାରୀ ହେଉଛି ।ଶିଳ୍ପାୟନ ଦ୍ୱାରା କେବଳ ନିଯୁକ୍ତି ସୃଷ୍ଟି ନୁହେଁ, ବରଂ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଷ୍ଟାର୍ଟଅପ୍, ସ୍ଥାନୀୟ ସପ୍ଲାଇ ଚେନ୍ ଓ ଦକ୍ଷତା ବିକାଶରେ ମଧ୍ୟ ଏହାର ପ୍ରଭାବ ପଡିଥାଏ । ଏହା ଏକ ସୁଦୃଢ ଇଣ୍ଡଷ୍ଟ୍ରିଆଲ୍ ଇକୋସିଷ୍ଟମ ଗଠନ କରେ।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ଆଜି ଓଡିଶା ପାଇଁ ଶିଳ୍ପ ଉନ୍ନତିରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ। ଖୋର୍ଦ୍ଧା ଜିଲ୍ଲାରେ ପ୍ରାୟ ୪୧ ହଜାର କୋଟି ଟଙ୍କାର ଅନେକ ଶିଳ୍ପ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରାଯାଇଥିବା ବେଳେ, ଏହି ନୂଆ ଆପାରେଲ୍ ୟୁନିଟ୍ ରାଜ୍ୟରେ ଟେକ୍ସଟାଇଲ୍ ଓ ପୋଷାକ ଶିଳ୍ପକୁ ଆହୁରି ଗତିଶୀଳ କରିବ। ଗୋଟିଏ ଦିନରେ ପ୍ରାୟ ୬୦ ହଜାର ଯୁବକ-ଯୁବତୀଙ୍କ ପାଇଁ ନିଯୁକ୍ତିର ସୁଯୋଗ ସୃଷ୍ଟି ହୋଇଛି, ଯାହା ଓଡିଶାର ଯୁବଶକ୍ତି ପାଇଁ ଏକ ନୂଆ ଆଶା ଜଗାଇଛି। ଓଡିଶାକୁ ପୂର୍ବ ଭାରତର "ସୁରାଟ" କିମ୍ବା "ତିରୁପୁର" ଭାବେ ଗଢି ତୋଳିବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ। ରାଜ୍ୟରେ ଆପାରେଲ୍ ପାର୍କଗୁଡିକରେ 'ପ୍ଲଗ୍ ଆଣ୍ଡ ପ୍ଲେ' ସୁବିଧା ଅର୍ଥାତ୍ ଜମି, ବିଜୁଳି, ପାଣି ଓ ଯାତାୟାତ ସହିତ ସମସ୍ତ ମୌଳିକ ଢାଞ୍ଚା ଉପଲବ୍ଧ କରାଯାଉଛି। ଏହାଦ୍ୱାରା ନିବେଶକମାନଙ୍କ ପାଇଁ ଓଡିଶା ଏକ ଆକର୍ଷଣୀୟ ଗନ୍ତବ୍ୟ ହୋଇପାରିଛି। ଟେକ୍ସଟାଇଲ୍ କ୍ଷେତ୍ରରେ ପ୍ରାୟ ୭,୨୧୨ କୋଟି ଟଙ୍କାର ବିନିଯୋଗ ଓ ୪୦ ହଜାର ନିଯୁକ୍ତି ସୃଷ୍ଟି ଲକ୍ଷ୍ୟ ନିର୍ଦ୍ଧାରିତ ହୋଇଛି।

ମୁଖ୍ୟମନ୍ତ୍ରୀ ଏହି ଅବସରରେ ସାଲେପୁରର ସ୍ୱର୍ଣ୍ଣପ୍ରଭା ରାଉତରାୟ ଓ ମୟୂରଭଞ୍ଜର ଯମୁନା ଟୁଡୁ, ଯିଏକି ତାମିଲନାଡୁରୁ ଆସି ଓଡ଼ିଶା ଟେକ୍ସଟାଇଲ୍ ଇଣ୍ଡଷ୍ଟ୍ରିରେ କାର୍ଯ୍ୟକରୁଛନ୍ତି ସେମାନଙ୍କ ସହ ବାର୍ତ୍ତାଳାପ କରିଛନ୍ତି ।

ଶିଳ୍ପ ଓ ନିଯୁକ୍ତି ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଇ ଏହି କାର୍ଯ୍ୟକ୍ରମରେ ଶିଳ୍ପ ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ, ସରକାରଙ୍କ ଫୋକସ୍ ହେଉଛି କିପରି ଇଣ୍ଡଷ୍ଟ୍ରି ଜରିଆରେ ଅଧିକରୁ ଅଧିକ ନିଯୁକ୍ତି ସୃଷ୍ଟି କରାଯାଇପାରିବ । ଏହି ସବୁ ଶିଳ୍ପ ପ୍ରତିଷ୍ଠା ଦ୍ୱାରା ଅନେକ ଏମଏସଏମଇ ମଧ୍ୟ ଗଢ଼ି ଉଠିବ, ଯାହାଦ୍ୱାରା ଅନେକ ଯୁବକ ଯୁବତୀ ମାନଙ୍କୁ ନିଯୁକ୍ତି ପାଇବେ ।

ଆଜି ରାଜ୍ୟ କ୍ୟାବିନେଟ

ଭୁବନେଶ୍ୱର,୯।୪(ନି.ପ୍ର.): ଆସନ୍ତାକାଲି ଏପ୍ରିଲ ୧୦ରେ ମୋହନ ସରକାରଙ୍କ ୩୮ ତମ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ଲୋକସେବା ଭବନରେ ପୂର୍ବାହ୍ନ ୧୧ଟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ବସିବ। ଏଥିରେ ପଞ୍ଚାୟତିରାଜ, ନିର୍ମାଣ, ରାଜସ୍ୱ, ବିଦ୍ୟାଳୟ ଓ ଗଣଶିକ୍ଷା ସହ ଅନ୍ୟାନ୍ୟ ବିଭାଗର ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଆସିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭାବେ ପାନୀୟଜଳ ସମ୍ପର୍କିତ ଏକ ନୂତନ ନୀତି ଉପରେ ଆଲୋଚନା ହେବ। ସରକାରଙ୍କ ଲକ୍ଷ୍ୟ ରାଜ୍ୟର ସମସ୍ତ ଘରକୁ ପାଇପ୍ ଯୋଗେ ପାନୀୟଜଳ ପହଞ୍ଚାଇବା। ଏହା ସହ ଜଳ ଯୋଗାଣର ରକ୍ଷଣାବେକ୍ଷଣ ପାଇଁ ମଧ୍ୟ ନୂଆ ବ୍ୟବସ୍ଥା ଆଣାଯିବାକୁ ପ୍ରସ୍ତାବ ରହିଛି। ଏହାଛଡ଼ା ନିର୍ମାଣ ବିଭାଗ ପକ୍ଷରୁ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସେତୁ ପାଇଁ ଟେଣ୍ଡର ପ୍ରସ୍ତାବ ମଧ୍ୟ ଆସିବାକୁ ଥିବାରୁ ଏଥିରେ ଅନୁମୋଦନ ମିଳିପାରେ। ରାଜ୍ୟରେ ବିଜେପି ସରକାରକୁ ଆସିବା ପରେ ଏପର୍ଯ୍ୟନ୍ତ ୩୭ଟି କ୍ୟାବିନେଟ୍ ବୈଠକ ହୋଇସାରିଛି। ସେଥିରେ 'ସୁଭଦ୍ରା' ଯୋଜନା, ଚାଷୀଙ୍କ ପାଇଁ ସହାୟତା ଓ ବୃଦ୍ଧମାନଙ୍କ ପାଇଁ ଭତ୍ତା ଭଳି ନିଷ୍ପତ୍ତି ନିଆଯାଇଛି। ତେବେ ଆସନ୍ତାକାଲି ହେବାକୁ ଥିବା ଏହି ବୈଠକର ନିଷ୍ପତ୍ତି ଉପରେ ସମସ୍ତଙ୍କ ନଜର ରହିଛି।

ସସ୍ମିତ ପାତ୍ରଙ୍କ ଇସ୍ତଫା ପତ୍ର ଗୃହୀତ

ଭୁବନେଶ୍ୱର,୯।୪(ନି.ପ୍ର.): ରାଜ୍ୟସଭା ସାଂସଦ ଡାକ୍ତର ସସ୍ମିତ ପାତ୍ରଙ୍କ ଇସ୍ତଫା ଗୃହୀତ ହୋଇଛି । ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ତାଙ୍କର ଇସ୍ତଫା ପତ୍ରକୁ ଗ୍ରହଣ କରିଥିବା ସୂଚନା ମିଳିଛି ।

ସସ୍ମିତ ପାତ୍ର ଗତକାଲି ବିଜୁ ଜନତା ଦଳର ସଂସଦୀୟ ଦଳ ନେତା ପଦରୁ ଇସ୍ତଫା ଦେଇଥିଲେ । ସେ ତାଙ୍କର ଇସ୍ତଫା ପତ୍ର ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇ ଦେଇଥିଲେ, ଯାହା ଆଜି ଗୃହୀତ ହୋଇଛନ୍ତି । ସସ୍ମିତ ପାତ୍ର କାହିଁକି ଇସ୍ତଫା ଦେଇଛନ୍ତି ତାହା ଜଣାପଡ଼ି ନାହିଁ । ରାଜ୍ୟସଭା ନିର୍ବାଚନ ପରେ ଅନ୍ୟମାନଙ୍କୁ ମୁଖିଆ ଏହି ଦାୟିତ୍ୱ ହସ୍ତାନ୍ତର କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି ।

ସସ୍ମିତ ରାଜ୍ୟସଭାକୁ ଦୁଇ ଥର ନିର୍ବାଚିତ ହୋଇଥିଲେ । ସେ ସଂସଦରେ ଅନେକ ଗୁରୁତ୍ୱପୂର୍ଣ୍ଣ କମିଟିରେ ସଦସ୍ୟ ରହିଛନ୍ତି । ଗତ ମାର୍ଚ୍ଚ ୩୦ ତାରିଖରେ ବିଜୁ ବାବୁଙ୍କ ପ୍ରତି ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ ମନ୍ତବ୍ୟ ପ୍ରତିବାଦରେ ସସ୍ମିତ ପାତ୍ର ଯୋଗାଯୋଗ ଓ ସୂଚନା ପ୍ରଯୁକ୍ତି କମିଟି ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ । ସସ୍ମିତ ପାତ୍ର ଗତକାଲି ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶଙ୍କୁ ଭେଟିଥିଲେ । ନିକଟରେ ରାଜ୍ୟସଭା ନିର୍ବାଚନ ସମୟରେ ସଂତୃପ୍ତ ମିଶ୍ରଙ୍କ ପ୍ରବେଶକୁ ନେଇ କିଛି ନେତା ଅସନ୍ତୁଷ୍ଟ ଥିଲେ । ଦିଲ୍ଲୀରେ ସଂତୃପ୍ତଙ୍କ ଦବଦବା ବଢ଼ିବାର ଆଶଙ୍କା ରହିଛି । ଅନ୍ୟପକ୍ଷରେ ୱାକଫ୍ ସଂଶୋଧିତ ବିଲ୍ ଆଗତ ବେଳେ ରାଜ୍ୟସଭା ସାଂସଦ ହିଜବୁଲ୍ଲା ଖାଁ (ମୁନ୍ନା ଖାଁ) ଏବଂ ସସ୍ମିତଙ୍କ ମଧ୍ୟରେ ଦ୍ୱିମତ ଦେଖାଦେଇଥିଲା । ମୁନ୍ନା ଖାଁ ବିଲ୍ ବିରୁଦ୍ଧରେ ଭୋଟ୍ ଦେଇଥିବାବେଳେ ସସ୍ମିତ ପାତ୍ର ବିବେକାନୁମୋଦିତ ଭୋଟ୍ ଦେଇଥିଲେ । ଯାହା ପରେ ମୁନ୍ନା ଖାଁ ସସ୍ମିତଙ୍କ ବିରୁଦ୍ଧରେ ଖୋଲାଖୋଲି ବର୍ଷିଥିଲେ ।

ପୋଖରୀରେ ବୁଡି ୩ ଶିଶୁ ମୃତ

ନବରଙ୍ଗପୁର,୯।୪(ନି.ପ୍ର.): ପୁଣି ଥରେ ଜଳ ନେଇଛି ଜୀବନ । ଗାଧୋଇବା ବେଳେ ପାଣିରେ ବୁଡ଼ି ୩ ଜଣ ନାବାଳିକାଙ୍କୁ ପ୍ରାଣ ଚାଲିଯାଇଛି । ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ କୁର୍ସି ଗ୍ରାମ ଉପରପାରାରେ ଏଭଳି ଅଘଟଣ ଘଟିଛି । ଦୁଇ ଜଣଙ୍କ ବୟସ ୬ ବର୍ଷ ଏବଂ ଜଣଙ୍କ ବୟସ ୫ ବର୍ଷ ବୋଲି ଜଣାପଡ଼ିଛି । ମିଳିଥିବା ପ୍ରାଥମିକ ସୂଚନା ମୁତାବକ, ଆଜି ସକାଳେ ରାଜମାନ ଗଣ୍ଡଙ୍କର ଦୁଇ ଝିଅ ଏବଂ ବାଲସାହି ଗଣ୍ଡଙ୍କର ଗୋଟିଏ ଝିଅ ସ୍କୁଲକୁ ଯାଇଥିଲେ। ସ୍କୁଲରୁ ଆସିବା ପରେ ସମସ୍ତେ ସାଙ୍ଗ ହୋଇ ଘର ପାଖ ପୋଖରୀକୁ ଗାଧୋଇବାକୁ ଯାଇଥିଲେ । ଗାଧୋଇବାବେଳେ ତିନି ଜଣଙ୍କର ପାଣିରେ ବୁଡ଼ି ମୃତ୍ୟୁ ହୋଇଛି । ଗାଧୋଇବା ବେଳେ ଅସାବଧାନତା ବଶତଃ ଏଭଳି ହୋଇଥିବା ଅନୁମାନ କରାଯାଉଛି । ପରିବାର ଲୋକେ ସ୍ଥାନୀୟ ପୋଲିସକୁ ସୂଚନା

ଦେଇଛନ୍ତି । ଏକାବେଳେ ତିନି ତିନି ଜଣଙ୍କର ମୃତ୍ୟୁ ହେବା ପରେ ସମଗ୍ର କୁର୍ସି ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । କେହି ଏହାକୁ ସହଜରେ ଗ୍ରହଣ କରିପାରୁ ନଥିବାବେଳେ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି ।

ଡାହୁକ

ସହଦେଵି ଯିବ ଲୋକଙ୍କ ମନରୁ
ପଦ୍ମ ହାଇଆର ଭୂତ
ଶଙ୍ଖ ଫଟା ହୋଇ ସେମିତି ରହିବ
ଉଠିବନି କେବେ ହାତ
ଭାବି ଅଣଦେଖା କରିଲେ ଏମିତି
ଜାବୁଡି କି ବାହୁ ମତ
ନେଡିଗୁଡ଼ ଯିବ କହୁଣିକି ବୋହି
ନେବେ ସାରା ଖୁଲ ଶଙ୍ଖ
-ବିଧୁ

ପୁରୀରେ ପୁଣି ମୁକୁଳା ଡ୍ରେନ ନେଲା ଜୀବନ

ସପ୍ତାହ ମଧ୍ୟରେ ୨ ଜଣ ମୃତ, ସୁରକ୍ଷାକୁ ନେଇ ଉଠିଲା ପ୍ରଶ୍ନ

ପୁରୀ,୯।୪(ନି.ପ୍ର.): ପୁରୀରେ ପୁଣି ମୁକୁଳା ଡ୍ରେନ୍ ନେଲା ଜୀବନ। ପୁରୀ ପୋଲିସ ଲାଇନ୍ ହାଇସ୍କୁଲ୍ ନିକଟରେ ଥିବା ଖୋଲା ଡ୍ରେନ୍‌ରେ ପଡ଼ି ଜଣେ ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଘଟଣା ସମ୍ପର୍କରେ ସୂଚନା ମିଳିବା ପରେ କୁମ୍ଭାରପଡ଼ା ପୋଲିସ ତୁରନ୍ତ ଘଟଣାସ୍ଥଳକୁ ପହଞ୍ଚି ଡ୍ରେନ୍‌ରୁ ମୃତଦେହକୁ ଉଦ୍ଧାର କରିଥିଲା। ମୃତ ବ୍ୟକ୍ତିଙ୍କ ପରିଚୟ ଏପର୍ଯ୍ୟନ୍ତ ମିଳିନାହିଁ। ପରେ ପୋଲିସ ମୃତଦେହକୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ପୋଷ୍ଟମର୍ଟମ୍ ପାଇଁ ବ୍ୟବସ୍ଥା କରିଛି ।ପୋଲିସ ଏବେ ତଦନ୍ତ ଆରମ୍ଭ କରିଛି ଯେ କେମିତି ଓ କେଉଁ ପରିସ୍ଥିତିରେ ବ୍ୟକ୍ତିଜଣକ ଡ୍ରେନ୍‌ରେ ପଡ଼ିଥିଲେ। ଏଥିସହ ତାଙ୍କ ପରିବାର ସମ୍ପର୍କରେ ମଧ୍ୟ ଖୋଜଖବର ଚାଲିଛି ।ଏହି ଖୋଲା ଡ୍ରେନ୍ ପୂର୍ବରୁ ମଧ୍ୟ ଅନେକ ଜୀବନ ନେଇଛି। ସ୍ଥାନୀୟ ଲୋକମାନେ ଦୀର୍ଘଦିନ ଧରି ଏହାକୁ କଂକ୍ରିଟ୍ ଢାକଣା ଦ୍ୱାରା ଢାକିବାକୁ ଦାବି କରୁଥିଲେ। କିନ୍ତୁ ପ୍ରଶାସନ ପକ୍ଷରୁ କୌଣସି ସ୍ଥାୟୀ ପଦକ୍ଷେପ ନ ନିଆଯାଇବାରୁ ବାରମ୍ବାର ଏପରି ଦୁର୍ଘଟଣା ଘଟୁଛି।

ଗତ ଏପ୍ରିଲ ୨ ତାରିଖରେ ମଧ ଏହି ଡ୍ରେନ୍‌ରୁ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ମିଳିଥିଲା। ତେବେ ସପ୍ତାହ ମଧ୍ୟରେ ପୁଣିଥରେ ଆଉ ଜଣଙ୍କ ଜୀବନ ଯାଇଛି। ୮ ଦିନ ମଧ୍ୟରେ ଦୁଇ ଦୁଇ ଜଣଙ୍କ ଜୀବନ ଯାଇଥିବାରୁ ପ୍ରଶାସନର ଅବହେଳା ପ୍ରତି ପ୍ରଶ୍ନ ଉଠିଛି।

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭିକ ନିରପେକ୍ଷ ଦୈନିକ ସମ୍ବାଦପତ୍ର
୩୧ତମ ପ୍ରତିଷ୍ଠା ଉତ୍ସବ
ତାରିଖ : ୧୪ ଏପ୍ରିଲ ୨୦୨୬, ସ୍ଥାନ : ଗୀତଗୋବିନ୍ଦ ସଦନ, ଭୁବନେଶ୍ୱର
ସମୟ : ସକାଳ ୧୦ ଘଟିକା
ମହାଶୟ/ମହାଶୟା
'ମନ୍ଥନ'ର ୩୧ତମ ପ୍ରତିଷ୍ଠା ଉତ୍ସବରେ ଆମେ ଆପଣଙ୍କର ସଦୟ ଉପସ୍ଥିତି କାମନା କରୁଛୁ ।
: ଉଦ୍‌ଘାଟକ :
ଶ୍ରୀଯୁକ୍ତ ସଞ୍ଜୀବ ଚନ୍ଦ୍ର ହୋତା (ଭା.ପ୍ର.ସେ)
ଅବସର ପ୍ରାପ୍ତ ବରିଷ୍ଠ ପ୍ରଶାସକ
: ଆଲୋଚନା ଚକ୍ର :
ଓଡ଼ିଶା ୨୦୩୬ : ବିକାଶର ସ୍ୱପ୍ନ ଓ ବାସ୍ତବତା
ସମ୍ମାନୀୟ ଆଲୋଚକ ବୃନ୍ଦ
ଶ୍ରୀଯୁକ୍ତ ସଜ୍ଜନ ଶର୍ମା
ମୁଖପାତ୍ର, ଭାରତୀୟ ଜନତା ପାର୍ଟି
ଶ୍ରୀଯୁକ୍ତ ରବି ଦାସ
ବରିଷ୍ଠ ସାମ୍ବାଦିକ
ଶ୍ରୀଯୁକ୍ତ ସୁଦର୍ଶନ ଦାସ
ବରିଷ୍ଠ ରାଜନେତା ଓ ସମାଜସେବୀ
ଶ୍ରୀଯୁକ୍ତ ସରୋଜ କୁମାର ସାମଲ
ଅବସର ପ୍ରାପ୍ତ ପ୍ରଶାସକ
ସଂଯୋଜକ : ଅଧ୍ୟାପକ ବିଶ୍ୱରଞ୍ଜନ
ମନ୍ଥନ ସମ୍ମାନ ବିତରଣ ଉତ୍ସବ
ମୁଖ୍ୟ ଅତିଥି
ଶ୍ରୀମତୀ ସୁଲୋଚନା ଦାସ, ମାନ୍ୟବର ମେୟର
ଭୁବନେଶ୍ୱର ମହାନଗର ନିଗମ
ସମ୍ମାନିତ ଅତିଥି
ଶ୍ରୀଯୁକ୍ତ ସୁରେଶ କୁମାର ରାଉତରାୟ, ପୂର୍ବତନ ମନ୍ତ୍ରୀ
ସଭାପତିତ୍ୱ କରିବେ
ଶ୍ରୀଯୁକ୍ତ ଶରତ ରାଉତ, ସଂପାଦକ, 'ମନ୍ଥନ'
ନିବେଦକ : ସୀତେଶ କୁମାର ରାଉତ, ପ୍ରକାଶକ, ମନ୍ଥନ

ଆଞ୍ଚଳିକ ମନ୍ଥନ

ଶୁକ୍ରବାର,୧୦,ଏପ୍ରିଲ,୨୦୨୬ Friday,10 April 2026, Bhubaneswar

ରାମଲୀଳା ନାଟକ: ଜଗନ୍ନାଥ ନାଟ୍ୟକଳା ପରିଷଦ ମହିମୁଣ୍ଡା

ବଲାଙ୍ଗିର,୯।୪:(ମନ୍ଥନ)ଆଜି ମହିମୁଣ୍ଡା ଜଗନ୍ନାଥ ନାଟ୍ୟକଳା ପରିଷଦ ରାମଲୀଳା ନାଟକ ମହିରାବଣ ବଧ ଓ ରାବଣ ବଧ ହୋଇଯାଇଛି । ରାବଣ ର ସମସ୍ତ ସୌନ୍ୟ ପ୍ରଭୁ ଶ୍ରୀରାମ ଙ୍କ ଦଳ ଦ୍ୱାରା ନିହତ ହେଲା ପରେ ରାବଣ ର ମା ନିକଶା ପାତାଳ ପୁର ରେ ରାବଣ ର ପୁତ୍ର ମହିରାବଣ ର ସନ୍ଦେଶ ଦେଇଛି ଏବଂ ମହିରାବଣ ସ୍ୱପ୍ନାଗତ ରେ ଲଙ୍କା କୁ ଗମନ କରିଛି ସେ ତାର ମନ୍ତ୍ର ତନ୍ତ୍ର ବଳ ରେ ରାମ, ଲକ୍ଷ୍ମଣ ଙ୍କୁ ଅପହରଣ କରି ଆଣି କାଲି ପାଖରେ ବଳି ଦେବାକୁ ଚାହୁଁଥିଲା । ମାତ୍ର ହନୁମାନଙ୍କ କୌଶଳ କ୍ରମେ ନିଜେମହିରାବଣ ବଳି ର ଶିକାର ହେଲା ମହି ରାବଣ ବଧ ପରେ ପ୍ରଭୁ ରାବଣ ର ମୃତ୍ୟୁ ଶର କୌଶଳ କ୍ରମେ ଆଣି ରାବଣ କୁ ବଧ କଲେ ନାଟକ ଉପଭୋଗ କରିବା ପାଇଁ ବହୁତ ଦର୍ଶକ ଭିଡ ଲାଗି ରହି ଥିଲା ବିଭିନ୍ନ ଭୂମିକାରେ କୀର୍ତ୍ତନ ଭୋଇ, ଝସକେତନ ବିଶ୍ୱାଳ, ଅନୀଲ ଭୋଇ, ଭକ୍ତ ପଧାନ, ଜଗନ୍ନାଥ, ବ୍ରଜବନ୍ଧୁ ରଥ, ପ୍ରିୟବ୍ରତ ସାହୁ, ବିଘ୍ନ, ଦିନେଶ,ବାପୁନ୍, ପ୍ରବୀଣ, ଖୁସିରାମ, ଆଦିତ୍ୟ, ନେପାଳ, ବିଶ୍ୱନାଥ, ସାରଥି, ଶମ୍ଭୁ, ପ୍ରୟୋଗ, ରାହୁଲ, ରାଜକିଶୋର, ଉଦ୍ଧବ, ମିଥୁନ, ଅଜିତ,ମୁନା, ଶିବା, ଆୟୁଶ ପ୍ରମୁଖ ନାଟକରେ ଅଭିନୟ କରିଥିଲେ । ସଂଗୀତ ଗୁରୁ ତଥା ନିର୍ଦ୍ଦେଶକ ଶ୍ରୀ ଶିବ ପ୍ରସାଦ ସାହୁ, ସଂଯୋଜନା ରେ ଗୁରୁ ଶ୍ରୀ ଗିରିଧାରୀ ଥନାପତି, ଚନ୍ଦ୍ରମଣି ସାହୁ, ଉଦ୍ଧବ ପ୍ରଧାନ, ରଘୁମଣୀ ବିଶ୍ୱାଳ, କାହ୍ନୁ ବିଶ୍ୱାଳ, କଏଁରୁ ନାଏକ୍ ଇତ୍ୟାଦି ଯନ୍ତ୍ର ସଂଗୀତ ରେ କାର୍ଯ୍ୟ ତୁଲାଇଛନ୍ତି ।

ମାଲପଡା ନାଗରିକ କମିଟି ର ବୈଠକ

ବଲାଙ୍ଗିର,୯।୪:(ମନ୍ଥନ)ମାଲପଡା ନାଗରିକ କମିଟିର ବୈଠକ ସଭାପତି ଗୋପବନ୍ଧୁ ପୁରୋହିତ ଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ହୋଇଯାଇଛି । ସଂପାଦକ ପଂଚାନନ ସେଠ ଗତ ମାସର ବିବରଣୀ ପାଠ କରିଥିଲେ । ଏହି ବୈଠକରେ ମାଲପଡାର ବିଭିନ୍ନ ସମସ୍ୟା ଘନ ଘନ ବିଦ୍ୟୁତ

କାଟ, ସନ୍ଧ୍ୟାରେ ଅତ୍ୟାଧିକ ମଶାର ଉପଦ୍ରବ ନିରାକରଣ ପାଇଁ ସଭ୍ୟମାନେ ମତ ପ୍ରକାଶ କରିଥିଲେ ଏବଂ ପଡାର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା । ଏହି ଆଲୋଚନା ଚକ୍ରରେ ଉପ-ସଭାପତି ପ୍ରଫେସର ତରୁଣ କୁମାର ମିଶ୍ର, କୋଷାଧ୍ୟକ୍ଷ ଦିବାକର ହୋତା, ବରିଷ୍ଠ ସଦସ୍ୟ ଆକୁଳ ବେହେରା, ଦେବଜ୍ୟୋତି ଯୋଷୀ, ଛବିଲାଲ ବେହେରା, ପ୍ରଦୀପ ନେପାକ, ଗଣେଷରାମ ବେହେରା, ଅମୀୟ ମିଶ୍ର, ସନ୍ତୋଷ ସାହୁ, ସୁବାଷ ପାତ୍ର, ସୁରେଶ ଅଗ୍ରୱାଲ, କାଉନସିଲର ମହେନ୍ଦ୍ର ବାଗ, ବିମଲ ଚକ୍ରବର୍ତ୍ତି ଭାଗ ନେଇଥିଲେ । ଶେଷରେ ଅଶୋକ ଚନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

ରଘୁନାଥପୁରରେ ନୂତନ ଆଇଆଇସି ଙ୍କ ଯୋଗଦାନ

ଜଗତସିଂହପୁର,୯।୪:(ମନ୍ଥନ)ଜଗତସିଂହପୁର ଜିଲ୍ଲା ରଘୁନାଥପୁର ଥାନାରେ ବୁଧବାର ନୂତନ ଆଇଆଇସି ଭାବେ ଇନିସପେକ୍ଟର ପ୍ରେମଜିତ ଦାସ ଯୋଗଦାନ କରିଛନ୍ତିପ୍ରକାଶ

ଥାଉକି ରଘୁନାଥପୁର ଥାନାରେ ପୂର୍ବରୁ ଥିବା ଆଇଆଇସି ସୁଶାନ୍ତ କୁମାର ସେଠି ଙ୍କୁ ଜଗତସିଂହପୁର ଏସପି ଡିଆଇବି କୁ ବଦଳିକରିଥିବାବେଳେ ତାଙ୍କ ସ୍ଥାନରେ ଇନିସପେକ୍ଟର ଶ୍ରୀ ଦାସଙ୍କୁ ରଘୁନାଥପୁର ଥାନାରେ ନିଯୁକ୍ତି ଆଦେଶ ଥିଲେ । ଏହି ପରିପେକ୍ଷୀରେ ବୁଧବାର ସଂନ୍ଧ୍ୟାରେ ଏହି ଥାନାର ସମସ୍ତ ଅଫିସର ଓ କର୍ମଚାରୀ ମାନେ ନୂତନ ଆଇଆଇସିଙ୍କୁ ଫୁଲତୋଡାଦେଇ ସ୍ୱାଗତକରିଥିଲେ । ନୂତନ ଆଇଆଇସି ଶ୍ରୀ ଦାସ ଥାନାର ସୁ ପରିଚାଳନାପାଇଁ ସମସ୍ତ ଙ୍କ ସହଯୋଗ କାମନା କରିଥିଲେ ।

ଓଡ଼ିଆ ପକ୍ଷ-୨୦୨୬' ପାଳନ ଅବସରରେ ସ୍ୱେଚ୍ଛାସେବୀ ରକ୍ତଦାନ ଶିବିର

ଜଗତସିଂହପୁର,୯।୪:(ମନ୍ଥନ)'ଓଡ଼ିଆ ପକ୍ଷ-୨୦୨୬' ପାଳନ ଅବସରରେ ଆଜି ସ୍ୱାମୀ ବିବେକାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଏକ ସ୍ୱେଚ୍ଛାସେବୀ ରକ୍ତଦାନ ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଆମ ମାତୃଭାଷାର ଗୌରବ ଗାନ ସହ ଜୀବନ ରକ୍ଷା ଭଳି ମହତ କାର୍ଯ୍ୟକୁ ଯୋଡ଼ିବା ପାଇଁ ଏହି ଅଭିନବ ପ୍ରୟାସ କରାଯାଇଛି । ଏହି ଶିବିରକୁ ମହାବିଦ୍ୟାଳୟ ର ଅଧକ୍ଷା ଡ ଶ୍ରୀମତୀ ସୁଜାତା ଓତା ଉଦ୍ଘାଟନ କରିବା ସହିତ ଯୁବପିଢିଙ୍କୁ ରକ୍ତଦାନ ପାଇଁ ଉତ୍ସାହିତ କରିଥିଲେ । ମହାବିଦ୍ୟାଳୟର ଅଧ୍ୟାପକ

ଅଧ୍ୟାପିକା,ଛାତ୍ରଛାତ୍ରୀ, ଏନ.ସି.ସି. କ୍ୟାଡେଟ୍, ରେଡକ୍ରସ ଏବଂ ଏନ.ଏସ.ଏସ ସ୍ୱେଚ୍ଛାସେବୀମାନେ ସ୍ୱତଃସ୍ଫୂର୍ତ୍ତ ଭାବେ ଏହି ଶିବିରରେ ଅଂଶଗ୍ରହଣ କରି ରକ୍ତଦାନ କରିଥିଲେ । ଜିଲ୍ଲା ରକ୍ତଭଣ୍ଡାର ର ଅଫିସର ଓ କର୍ମଚାରୀ , ସ୍ୱୟଂଶାସିତ ମହାବିଦ୍ୟାଳୟର କର୍ମକର୍ତ୍ତାଙ୍କ ସହାୟତାରେ ରକ୍ତ ସଂଗ୍ରହ କରାଯାଇଥିଲା । ଦିନକ ମଧ୍ୟରେ ୩୭ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି ।

ଯାଜପୁର ବ୍ଲକର ବିଶିଷ୍ଟ ସମାଜସେବୀ ନେତାଙ୍କ ବିୟୋଗରେ ଶୋକ

ଯାଜପୁର,୯।୪:(ମନ୍ଥନ)ଯାଜପୁର ବ୍ଲକ ଅନ୍ତର୍ଗତ ବଡ଼ସୁଆର ପଞ୍ଚାୟତର ବରିଷ୍ଠ ରାଜନେତା ତଥା ସମାଜସେବୀ ସ୍ୱର୍ଗତଃ ରାହାସ ବିହାରୀ ଦାସଙ୍କ ଆକସ୍ମିକ ବିୟୋଗରେ ସମଗ୍ର ଯାଜପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସେ ଜଣେ ପରୋପକାରୀ, ବନ୍ଧୁବତ୍ସଳ, ଅମାୟିକ ରାଜନେତା ଭାବରେ ଜାତୀୟ କଂଗ୍ରେସ ଦଳରୁ ରାଜନୀତି ଆରମ୍ଭ କରି ତୃଣମୂଳସ୍ତରରୁ କଂଗ୍ରେସ ସଂଗଠନକୁ ମଜବୁତ କରିବାରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ । ଗତ ସାଧାରଣ ନିର୍ବାଚନରେ ସେ ବିଜୁ ଜନତା ଦଳକୁ ସମର୍ଥନ କରି ରାଜନୀତିରେ ପର୍ଚ୍ଚା ପରିବର୍ତ୍ତନ କରିଥିଲେ ସୁଦ୍ଧା ଗରିବ, ଖଟିଖିଆ, ମଜଦୁରମାନଙ୍କର ସାହାଭରସା ଥିଲେ । ସେ ଯାଗଯଜ୍ଞ, ସାମୂହିକ ଉତ୍ସବ, ବିବାହ ବ୍ରତ ପ୍ରଭୃତି ଆନୁଷ୍ଠାନିକ କାର୍ଯ୍ୟରେ ଆଖପାଖ ପଞ୍ଚାୟତରେ ହେଉଥିବା ସମସ୍ତ କାର୍ଯ୍ୟକ୍ରମରେ ଆର୍ଥିକ, ଶାରିରୀକ ସହଯୋଗ ପ୍ରଦାନ କରିବାରେ କୁଣ୍ଠାବୋଧ କରୁନଥିଲେ । ତାଙ୍କର ବାସଗୃହ ଧନୀଗରିବ ସମସ୍ତଙ୍କ ପାଇଁ ସବୁସମୟରେ ଉନ୍ମୁକ୍ତ ଥିଲା । ଗ୍ରାମାଞ୍ଚଳରେ ସମସ୍ତଙ୍କ ପ୍ରତି ତାଙ୍କର ସ୍ନେହ ଶ୍ରଦ୍ଧା ଓ ଅତୁଟ ଭଲପାଇବା ତାଙ୍କୁ ସବୁଦିନ ପାଇଁ ସ୍ମରଣୀୟ କରି ରଖିବ ।

ଶ୍ରୀ ଜଗନ୍ନାଥ କଥାମୃତ ଅନୁଷ୍ଠିତ

ଚମ୍ପୁଆ,୯।୪:(ମନ୍ଥନ)ଚମ୍ପୁଆ। ବ୍ଲକ ଚନ୍ଦ୍ରଶେଖରପୁର ପଞ୍ଚାୟତ ଅନ୍ତର୍ଗତ ଚନ୍ଦ୍ରଶେଖରପୁର ଗ୍ରାମର ଗ୍ରାମବାସି ବୃନ୍ଦ ଓ ଚନ୍ଦ୍ରଶେଖର ମନ୍ଦିର କମିଟି ସଦସ୍ୟ ମୋହନ ଚରଣ ନାୟକ,ଦିବାକର ମହାନ୍ତ,କୈଳାଶ ଚନ୍ଦ୍ର ନାଏକ,ରବୀନ୍ଦ୍ର ପ୍ରଧାନ,ତ୍ରିନାଥ ମହାନ୍ତ,କାହ୍ନୁଚରଣ ମହାନ୍ତ,ବସନ୍ତ ନାୟକ,କରୁଣାକର ମୁଣ୍ଡା ଓ ସମସ୍ତ କମିଟି ସଦସ୍ୟଙ୍କ ଆନୁକୂଲ୍ୟରେ ଶ୍ରୀ ଜଗନ୍ନାଥ କଥାମୃତ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଚମ୍ପୁଆ। ନିର୍ବଚନ ମଣ୍ଡଳୀର ଲୋକପ୍ରିୟ ବିଜେପି ଜନନେତା, ବିଜେପି କୃଷକ ମୋର୍ଚ୍ଚା ପୂର୍ବତନ ରାଜ୍ୟ ସଂଯୋଜକ ତଥା କେନ୍ଦୁଝର ଜ଼ିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ବିଶିଷ୍ଟ ସମାଜସେବୀ ଶ୍ରୀମନ୍ତ କୁମାର ତ୍ରିପାଠୀଙ୍କ ସହିତ ଜ଼ିଲ୍ଲା ପରିଷଦ ସଦସ୍ୟା ଶ୍ରୀମତୀ ରମଣୀ ନାୟକ, ଚନ୍ଦ୍ରଶେଖରପୁର ପଞ୍ଚାୟତର ସରପଞ୍ଚ ଶ୍ରୀମତୀ ଜୟମଣୀ ନାୟକ ଯୋଗଦେଇଥିବା ଦେଖିବାକୁ ମିଳିଛି । ଉତ୍ସବର ଆରମ୍ଭ ହୋଇଥିଲା ମଙ୍ଗଳ ଆରତି ଓ ପୂଜାର୍ଚ୍ଚନା ମାଧ୍ୟମରେ । କୁନି ପ୍ରବଚକ କେଶବଦାସ ଦ୍ୱିତୀକୃଷ୍ଣ ଶ୍ରୀ ଜଗନ୍ନାଥଙ୍କ ମହିମା, ଲୀଳା ଓ ଧାର୍ମିକ ମୂଲ୍ୟ ବିଷୟରେ କଥାମୃତ ପାଠ କରିଥିଲେ । ଭକ୍ତମାନେ ଆଗ୍ରହର ସହିତ ସେହି କଥା ଶୁଣି ଆତ୍ମିକ ଶାନ୍ତି ଅନୁଭବ କରିଥିଲେ । ଏହି ଅବସରରେ ଭଜନ, କୀର୍ତ୍ତନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା । ଉତ୍ସବର ଶେଷରେ ସମସ୍ତ ଭକ୍ତଙ୍କୁ ମହାପ୍ରସାଦ ବଣ୍ଟନ

କରାଯାଇଥିଲା । ଆୟୋଜକମାନେ କହିଥିଲେ ଯେ, ଏହି ପ୍ରକାର ଧାର୍ମିକ କାର୍ଯ୍ୟକ୍ରମ ସମାଜରେ ଶାନ୍ତି, ଏକତା ଓ ଆଧ୍ୟାତ୍ମିକତାକୁ ବୃଦ୍ଧି କରେ । ସ୍ଥାନୀୟ ଲୋକମାନେ ଏହି ଉତ୍ସବକୁ ଅତ୍ୟନ୍ତ ସ୍ୱାଗତ କରିଥିଲେ ଏବଂ ଏପରି କାର୍ଯ୍ୟକ୍ରମ ଆଗାମୀ ଦିନରେ ଆହୁରି ଆୟୋଜନ କରିବା ପାଇଁ ଆଶା ବ୍ୟକ୍ତ କରିଥିଲେ । ଏହି ଉତ୍ସବରେ ବହୁ ସଂଖ୍ୟାରେ ଦର୍ଶକ ଉପସ୍ଥିତ ରହି ଖୁବ୍ ଆନନ୍ଦରେ ଉପଭୋଗ କରିଥିଲେ । ବିଶିଷ୍ଟ ସମାଜସେବୀ ଶ୍ରୀମନ୍ତ କୁମାର ତ୍ରିପାଠୀ ଚମ୍ପୁଆ ନିର୍ବାଚନ ମଣ୍ଡଳୀ ବ୍ୟତୀତ କେନ୍ଦୁଝର ଜ଼ିଲ୍ଲା ତଥା ଆଖ ପାଖ ପଡସି ସୁନ୍ଦରଗଡ଼, ମୟୁରଭଞ୍ଜ ଜ଼ିଲ୍ଲାର ଆଦିବାସୀ ଗରିବ ଲୋକମାନଙ୍କ ପାଇଁ ବିଭିନ୍ନ ପ୍ରକାର ସମାଜ ହିତୌଷି ଓ ଜନସାଧାରଣଙ୍କ ମଙ୍ଗଳକାରକ କାର୍ଯ୍ୟମାନ କରିଥାନ୍ତି, ଯାହା ଦ୍ୱାରା ଶ୍ରୀ ତ୍ରିପାଠଙ୍କୁ ଜଣେ ଜନ ନାୟକ ଭାବି ଶ୍ରଦ୍ଧା କରି ବିଭିନ୍ନ କାର୍ଯ୍ୟକ୍ରମ ମାନଙ୍କରେ ମୁଖ୍ୟଅତିଥି ରୁପେ ନିମନ୍ତ୍ରଣ କରିଥାନ୍ତି ଏବଂ ଶ୍ରୀ ତ୍ରିପାଠୀ ମଧ୍ୟ ସବୁବେଳେ ଲୋକଙ୍କ ବିଭିନ୍ନ ସୁବିଧା ଅସୁବିଧାରେ ସାମିଲ ହୋଇ ଲୋକଙ୍କ ସମସ୍ୟା ଦୂର କରିବା ଦିଗରେ ସର୍ବଦା ତତ୍ପରତା ଦେଖାଇ ଆସିଥାନ୍ତି । ତାଙ୍କ ବ୍ୟସ୍ତ ବହୁଳ କାର୍ଯ୍ୟ ସୂଚୀ ସତ୍ୱେ ସମୟ ବାହାର କରି ସମସ୍ତ ଉତ୍ସବରେ ଯୋଗ ଦେଇଥାନ୍ତି ଯାହା ଫଳରେ ଶ୍ରୀ ତ୍ରିପାଠୀଙ୍କ ଲୋକପ୍ରିୟତା ଚମ୍ପୁଆ। ନିର୍ବଚନ ମଣ୍ଡଳୀ ସହିତ ଆଖ ପାଖ ଜ଼ିଲ୍ଲାରେ ଦିନକୁ ଦିନ ବଢିବାକୁ ଲାଗିଛି ଯାହା ସାଦାରଣରେ ଚର୍ଚ୍ଚାର ବିଷୟ ପାଲଟିଛି ।

ଟାଟା ଷ୍ଟିଲ୍ କଳିଙ୍ଗନଗରରେ ୫୫ତମ ଜାତୀୟ ସୁରକ୍ଷା ମାସ ଉଦଯାପିତ

କଳିଙ୍ଗନଗର,୯।୪:(ମନ୍ଥନ) ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସକେ) ୫୫ତମ ଜାତୀୟ ସୁରକ୍ଷା ମାସର ଉଦଯାପନୀ ଉତ୍ସବକୁ ସଫଳତାର ସହିତ ନିଜ ପରିସରରେ ଥିବା ସେଫ୍ଟି ଲିଡରସିପ୍ ଡେଭଲପମେଣ୍ଟ ସେଣ୍ଟର (ଏସଏଲଡିସି) ଠାରେ ଆୟୋଜନ କରିଛି । ଶିଳ୍ପ ସୁରକ୍ଷା ମାନକ ଏବଂ କାର୍ଯ୍ୟକ୍ଷେତ୍ରରେ ଉତ୍କର୍ଷତାକୁ ସୁଦୃଢ଼ କରିବା ପାଇଁ ମାସ ବ୍ୟାପୀ ଚାଲିଥିବା ଏହି ଅଭିଯାନର ଏହା ଶେଷ ପର୍ଯ୍ୟାୟ ଥିଲା । ଚଳିତ ବର୍ଷର ଆଭିମୁଖ୍ୟ 'ନିୟୋଜିତ କର, ଶିକ୍ଷିତ କର ଏବଂ ସଶକ୍ତ କର' (ଏନଗେଜ୍, ଏଜୁକେଟ୍ ଏବଂ ଏମପାଓ୍ୱାର୍) ସହ ମିଳିତ ଭାବେ ସୁରକ୍ଷା ନିୟମାବଳୀ ପ୍ରତି ଅସାଧାରଣ ପ୍ରତିବଦ୍ଧତା ପ୍ରଦର୍ଶନ କରିଥିବା କର୍ମଚାରୀ ଓ ବ୍ୟବସାୟିକ ସହଯୋଗୀମାନଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା । ସର୍ବାଧିକ ସୁରକ୍ଷା

ତାଲିମ, 'କାଇଜେନ' ମାଧ୍ୟମରେ ସୁରକ୍ଷା ବ୍ୟବସ୍ଥାରେ ଉନ୍ନତି ଏବଂ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ଦିଗରେ ଦକ୍ଷତା ଭଳି ବିଭିନ୍ନ ବର୍ଗରେ ପୁରସ୍କାର ପ୍ରଦାନ କରାଯାଇଥିଲା । ଏଥିସହ 'ଶ୍ରେଷ୍ଠ ଭେଣ୍ଡର ପାର୍ଟନର ସେଫ୍ଟି ପ୍ରଫେସନାଲ'ଙ୍କୁ ମଧ୍ୟ ସମ୍ମାନୀତ କରାଯାଇଥିଲା । ମାସ ବ୍ୟାପୀ ଚାଲିଥିବା ଏହି ଜାତୀୟ ସୁରକ୍ଷା ମାସ କାର୍ଯ୍ୟକ୍ରମରେ ବିପଦପୂର୍ଣ୍ଣ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ଏକାଧିକ ତାଲିମ ଶିବିର ଏବଂ ବୈଷୟିକ କର୍ମଶାଳା ଆୟୋଜିତ ହୋଇଥିଲା । ଏଥିରେ ଗ୍ୟାସ୍ ସୁରକ୍ଷା, ଆବଦ୍ଧ ସ୍ଥାନରେ କାର୍ଯ୍ୟ, ଉଚ୍ଚ ସ୍ଥାନରେ କାର୍ଯ୍ୟ, ଓ୍ୱେଲଡିଂ ଏବଂ ଗ୍ୟାସ୍ କଟିଂ ଏବଂ ସାମଗ୍ରୀ ପରିବହନ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଶିକ୍ଷା ଦିଆଯାଇଥିଲା । ଦୁର୍ଘଟଣା ଏଡ଼ାଇବା ପାଇଁ 'ଅତୀତର ଦୁର୍ଘଟଣାରୁ ଶିକ୍ଷା' ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ଏହା ବ୍ୟତୀତ ଜରୁରୀକାଳୀନ ସେବା ପ୍ରଦାନକାରୀଙ୍କ ପାଇଁ ବିଭିନ୍ନ ପ୍ରତିଯୋଗିତା ଏବଂ ଅସୁରକ୍ଷିତ କାର୍ଯ୍ୟ ଚିହ୍ନଟ କରିବା ଭଳି ଆହ୍ୱାନପୂର୍ଣ୍ଣ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥିଲା । ଉଦଯାପନୀ ଉତ୍ସବରେ ଏହି ସମସ୍ତ ପ୍ରତିଯୋଗିତାର ବିଜେତାମାନଙ୍କୁ ସମ୍ମାନ ପୂର୍ବକ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଅବସରରେ ଓଡ଼ିଶା ସରକାରଙ୍କ କାରଖାନା ଏବଂ ବଏଲର ବିଭାଗର ଯାଜପୁର ରୋଡ଼ ଡିଭିଜନର ଉପ-ନିର୍ଦ୍ଦେଶକ ଇଂ ଉମେଶ ଚନ୍ଦ୍ର ସୁତାର, ଟାଟା ଷ୍ଟିଲ୍ କଳିଙ୍ଗନଗରର ଭାଇସ୍ ପ୍ରେସିଡେଣ୍ଟ (ଅପରେସନ୍ସ) ଉତ୍ତମ ସିଂ ଏବଂ ଟାଟା ଷ୍ଟିଲ୍ କଳିଙ୍ଗନଗର ୱାର୍କର୍ସ ୟୁନିଅନର ସଭାପତି ରବୀନ୍ଦ୍ର କୁମାର ଜାମୁଦା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଟିଏସକେର ବରିଷ୍ଠ ଅଧିକାରୀ ଏବଂ ୟୁନିଅନ୍ ପ୍ରତିନିଧିମାନେ ମଧ୍ୟ ସାମିଲ ହୋଇଥିଲେ ।

ପ୍ଲେ ଟ୍ରିନିଟୀ ମଣ୍ଟେସୋରି ସ୍କୁଲ ନୂତନ ଗୃହର ଶୁଭାରମ୍ଭ

ବ୍ରହ୍ମପୁର,୯।୪:(ମନ୍ଥନ) ସ୍ଥାନୀୟ ଇଞ୍ଜିନିୟର ସ୍କୁଲ ରୋଡ଼ ଗଜପତି ନଗର ତୃତୀୟ ଗଳି ସମ୍ପ୍ରସାରଣ ଗଳି ଠାରେ ବୁଧବାର ସନ୍ଧ୍ୟାରେ ପ୍ଲେ ଟ୍ରିନିଟୀ ମଣ୍ଟେସୋରି ସ୍କୁଲ ନୂତନ ଗୃହର ଶୁଭାରମ୍ଭ ହୋଇଛି । ଏଥିରେ ମୁଖ୍ୟ ଅତିଥି ରୂପେ ରଙ୍ଗେଇଲୁଣ୍ଡା ବିଇଓ ଦେବେନ୍ଦ୍ର ବେହେରା, ସିଆରସିସି ଭଗବାନ୍ ବିଶ୍ୱାଳ, ପୋଷ୍ଟାଲ ହେଡଓ ପ୍ରତାପ ଚନ୍ଦ୍ର ସ୍ୱାଇଁ, ଅବସର ପ୍ରାପ୍ତ ଆର୍ମି ହାବିଲଦାର ସୀମାଞ୍ଚଳ ବାରିକ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ ନୂତନ ଗୃହର ରୀବନ୍ କାଟି ଏହାର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ସ୍କୁଲ ଅଧକ୍ଷ କାହ୍ନୁ ଚରଣ ପଣ୍ଡା କାର୍ଯ୍ୟକ୍ରମକୁ ଅଧକ୍ଷତା କରି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆବଶ୍ୟକତା ତଥା ଉପଯୋଗୀତା ଉପରେ ଅବଗତ କରାଇ ଥିବା ବେଳେ, ଉପସ୍ଥିତ ଅତିଥି ମାନେ ଏନେଇ ଉଭୟ ଚେୟାରମେନ ପ୍ରିୟମ୍ବଦା ଦାସ, ସମ୍ପାଦକ କୁନାଲ୍ କୌଶିକ ପଣ୍ଡା, ନିର୍ଦ୍ଦେଶକ ରାହୁଲ ରାଜ ପଣ୍ଡାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ସହ ଶୁଭକାମନା ଜଣାଇ ଶିକ୍ଷାନୁଷ୍ଠାନର ଉତ୍ତରାଉତ୍ତର କାମନା କରିଥିଲେ । ପରେ ସମସ୍ତଙ୍କ ଗହଣରେ କେକ କଟା ଯିବ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହି ପରିପ୍ରେକ୍ଷୀରେ ଅତିଥି ମାନେ ନିଜ ବକ୍ତବ୍ୟରେ ଛାତ୍ରଛାତ୍ରୀ ତଥା ଅଭିଭାବକ ମାନଙ୍କୁ ଉତ୍ସାହିତ କରିବା ସହ ସ୍କୁଲର ଉତ୍ତମ ଶିକ୍ଷା ବ୍ୟବସ୍ଥା ଓ ଉତ୍ତମ ପରିବେଶକୁ ନେଇ ଭୂୟସୀ ପ୍ରଶଂସା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ପରିଚାଳନା କରିଥିବା ବେଳେ, କର୍ମଚାରୀ ମାନେ ସହଯୋଗ କରିଥିଲେ । ଅନୁଷ୍ଠିତ ସଭାକାର୍ଯ୍ୟକୁ ସ୍କାଉଟ ଏଣ୍ଡ ଗାଇଡ ଶିକ୍ଷୟତ୍ରୀ ରଶ୍ମୀତା ଦଳାଇ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ଶେଷରେ ସମ୍ପାଦକ ଶ୍ରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

ଭୁଆଁଭୂଇଁ ଗ୍ରାମରେ ଶବ ଦାହ ପାଇଁ ଶ୍ମଶାନ ନଥିବାରେ ସମସ୍ୟାରେ ଅଞ୍ଚଳବାସୀ

ଗଞ୍ଜାମ,୯।୪:(ମନ୍ଥନ)ଗଞ୍ଜାମ ଦେଶ ସ୍ୱାଧୀନତା ହେବାର ୮୯ ବର୍ଷ ବିତିଯାଇଥିଲେ ସୁଧା ଗ୍ରାମାଞ୍ଚଳରେ ବିକାଶ ମୂଳକ ବ୍ୟବସ୍ଥା ନଥିବାରୁ ଲୋକେ ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି । ଗଞ୍ଜାମ ବ୍ଲକ ଅନ୍ତର୍ଗତ ପୋଇରାସୀ ପଞ୍ଚାୟତର ଭୁଆଁଭୂଇଁ ଗ୍ରାମର ହରିଜନ ସାହି ବାସିନ୍ଦାଙ୍କ ପାଇଁ ଶବ ଦାହ ପାଇଁ ସ୍ମଶାନ ଗୃହ ନଥିବାଯୋଗୁଁ ସମସ୍ୟା ଭୋଗୁଛନ୍ତି ଅଂଚଳବାସୀ । ୬୦ ରୁ ଉର୍ଦ୍ଧ୍ୱ ପରିବାର ଉକ୍ତ ଗ୍ରାମରେ ବସବାସ କରୁଥିବା ବେଳେ ଖରା ଓ ବର୍ଷା ସମୟରେ ଶବ ଦାହ କରିବା ସେମାନଙ୍କ ପାଇଁ ଜଟିଳ ସମସ୍ୟା ସୃଷ୍ଟି ହେଉଛି । ଯାହାକୁନେଇ ଅଂଚଳବାସୀ ଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖିବାକୁ ମିଳିଛି ।ଏନେଇ ହରିଜନ ସାହିର ଶହ ଶହ ମହିଳା ଓ ପୁରୁଷ ଓଡିଶା ସମ୍ବାଦିକ ସଙ୍ଘ ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ

ବେହେରାଙ୍କୁ ଉକ୍ତ ସମସ୍ୟାର ସମାଧାନ ପାଇଁ ଅବଗତ କରିଛନ୍ତି । ଏ ସମ୍ପର୍କରେ ଶ୍ରୀ ବେହେରା ବିଡ଼ିଓ ଅଚ୍ୟୁତାନନ୍ଦ ଜାନି ଓ ସ୍ଥାନୀୟ ସରପଞ୍ଚ ରବିନ୍ଦ୍ର ବେହେରାଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ପୂର୍ବରୁ ଏ ସମସ୍ୟା ନେଇ ଅବଗତ ନଥିବା ବିଡ଼ିଓ କହିବା ସହ ଉଭୟେ ତୁରନ୍ତ ଭୁଆଁଭୂଇଁ ଗ୍ରାମ ହରିଜନ ସାହି ବାସିନ୍ଦାଙ୍କ ପାଇଁ ତୁରନ୍ତ ସ୍ମଶାନ ଗୃହ ନିର୍ମାଣ କରିବାନେଇ ପ୍ରତିଶ୍ରୁତି ଦେଇଛନ୍ତି ।

ଜଳେଶ୍ୱରରେ ନର୍ଥ ଓଡ଼ିଶା ସ୍କେଟିଙ୍ଗ ଏକାଡେମୀ ଗଠିତ

ଜଳେଶ୍ୱର,୯।୪:(ମନ୍ଥନ) ଉତ୍ତର ଓଡ଼ିଶାରେ ସ୍କେଟିଙ୍ଗର ପ୍ରଶିକ୍ଷଣ ଓ ଖେଳାଳୀ ମାନଙ୍କ ମଧ୍ୟରେ ଏହି କ୍ରୀଡ଼ା ପ୍ରତି ଆଗ୍ରହ ସୃଷ୍ଟି ପାଇଁ ଆଜି ଅପରାହ୍ନରେ ଜଳେଶ୍ୱରରେ ନର୍ଥ ଓଡ଼ିଶା ସ୍କେଟିଙ୍ଗ ଏକାଡେମୀ ଗଠିତ ହୋଇଛି । କେତେକ ସମାଜସେବୀ,ଗୃହିଣୀ,ଅଭିଭାବକ,କ୍ରୀଡାବିତ,ଶିକ୍ଷକ ମାନଙ୍କୁ ନେଇ ଆଜି ଏକ ଜରୁରୀ ବୈଠକ ପଞ୍ଚୁଘଣ୍ଟ ଠାରେ ବରିଷ୍ଠ ଆଇନଜୀବୀ ସୁକୁମାର ରଣାଙ୍କ ପୌରହିତ୍ୟରେ ଅନଷ୍ଠିତ ହୋଇଥିଲା । ଆଗାମୀ ୩ ବର୍ଷ ପାଇଁ ସର୍ବସମ୍ମତ ପାଇଁ ଏକାଡେମୀର କର୍ମକର୍ତ୍ତା ମନୋନୟନ କରାଯାଇଛି ।

ସଭାପତି ରୂପେ ସୁକୁମାର ରଣା, ଉପସଭାପତି ରୂପେ ଗୀତାଶ୍ରୀ ଦେ ଓ ଜଗନ୍ନାଥ ରାଉଳ,ସାଧାରଣ ସମ୍ପାଦକ ରୂପେ ଭୂପତି ଭୋଇ,ସମ୍ପାଦକ ରୂପେ ଆରତୀ ଦାସ,ଯୁଗ୍ମ ସମ୍ପାଦକ ରୂପେ ପଦ୍ମିନୀ ଦାଶ,ସହ ସମ୍ପାଦକ ରୂପେ ରାନୁ ପରିଡ଼ା ଓ କୋଷାଧ୍ୟକ୍ଷ ରୂପେ ସଂଯୁକ୍ତା ଭୋଇଙ୍କୁ ନିର୍ବାଚିତ ହୋଇଥିଲେ । ସେହିପରି କାର୍ଯ୍ୟକାରିଣୀ ସଦସ୍ୟ ରୂପେ ସିମାଶ୍ରୀ ଜେନା,ତପସ୍ୱିନୀ ସାହୁ,ଦେବକୀ ଜେନା,ସୂର୍ଯ୍ୟାସ୍ମୟତା ଭୋଇ ଓ ସୁମନ୍ତ ଦେଙ୍କୁ ମନୋନୀତ କରାଯାଇଥିଲା ।ଏହି ଏକାଡେମୀର କୋଚ୍ ରୂପେ ଭୁବନେଶ୍ୱରର ଜାତୀୟ ସ୍ତରର ସ୍କେଟିଙ୍ଗ କ୍ରୀଡାବିତ ଅଭିଜିତ ସ୍ୱାଇଁଙ୍କୁ ଗ୍ରହଣ କରାଯାଇଥିଲା । ଶେଷରେ ସ୍କେଟିଙ୍ଗ କ୍ଷେତ୍ରରେ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ ବିଜେତା ରୋହିତ୍ ଭୋଇ ଧନ୍ୟବାଦ ଅର୍ପଣ କରିବା ସହିତ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା ।

ଘରୋଇ ଗ୍ୟାସ ବ୍ୟବହାରକୁ ନେଇ ଉଠିଲା ପ୍ରଶ୍ନବାଚୀ : ନୀରବରେ ପ୍ରଶାସନ

ମାହାଙ୍ଗା,୯।୪:(ମନ୍ଥନ)ରାଜ୍ୟ ରନ୍ଧନ ଗ୍ୟାସ ସଙ୍କଟ ଦେଖାଦେଇଥିଲା ବେଳେ ରାଜ୍ୟ ସରକାର ପ୍ରଶାସନର ଅବହେଳା ଯୋଗୁ ଘରୋଇ ଗ୍ୟାସ ଏବେ ରାସ୍ତାକଡରେ ଥିବା ଜଳଖିଆ ଦୋକାନ,ହୋଟେଲ ଓ ବିଭିନ୍ନ ମଣ୍ଡପ ଗୁଡିକରେ ବ୍ୟାପକ ଭାବେ ବ୍ୟବହାର ହେଉଛି । ଏଥିପ୍ରତି ପ୍ରଶାସନ ନିରବଦ୍ରଷ୍ଟା ପାଲଟିଥିବା ଅଭିଯୋଗ ହେଉଛି । ଅପରପକ୍ଷରେ ରନ୍ଧନ ଗ୍ୟାସ ପାଇଁ ହିତାଧିକାରୀଙ୍କ ଲମ୍ବାଧାଡି ଗ୍ୟାସ ବିତରଣ ସଂସ୍ଥା ନିକଟରେ ଲାଗି ରହୁଛି । ପ୍ରତିଦିନ ବହୁ ହିତାଧିକାରୀ ଗ୍ୟାସ ସିଲିଣ୍ଡର ନ ପାଇ ଫେରୁଛନ୍ତି । ଅପରପକ୍ଷରେ ମାହାଙ୍ଗା ଅଂଚଳର ବିଭିନ୍ନ ବିଦ୍ୟାଳୟ ଗୁଡିକରେ ଆବଶ୍ୟକୀୟ ରନ୍ଧନ ଗ୍ୟାସ ବିତରକ ସଂସ୍ଥା ପ୍ରଦାନ କରୁ ନଥିବାରୁ ମଧ୍ୟାହ୍ନଭୋଜନ ବନ୍ଦହେବା ନେଇ ଏବେଠୁ ଆଶଙ୍କା ସୃଷ୍ଟି ହେଲାଣି । ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନାହିଁ । କିଭଳି ଭାବରେ ରାସ୍ତାକଡରେ ଥିବା ଜଳଖିଆ ଦୋକାନ ଗୁଡିକ ଘରୋଇ ଗ୍ୟାସ ବ୍ୟବହାର କରୁଛନ୍ତି ତାହାର ତଦନ୍ତ କରାଯାଉ ନାହିଁ । ଏଣୁ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି ।

ସଂଜୀବନୀ ସେବାଟ୍ରଷ୍ଟ ପକ୍ଷରୁ ଓଡ଼ିଆ ପକ୍ଷ ପାଳିତ

ମାହାଙ୍ଗା,୯।୪:(ମନ୍ଥନ)ମାହାଙ୍ଗା ବ୍ଲକର ଗୋପାଳପୁର ପଂଚାୟତର ଗୋପାଳପୁର ଠାରେ ଥିବା ସାମାଜିକ ଅନୁଷ୍ଠାନ ସଂଜୀବନୀ ସେବା ସଂଗଠନ ପକ୍ଷରୁ ଓଡ଼ିଆ ପକ୍ଷ ପାଳନ ଅବସରରେ ବର୍ଣ୍ଣବୋଧ ଓ ଶିଶୁଲେଖା ଉତ୍ସବ ଗୋପାଳପୁର ଅଙ୍ଗନଓ୍ୱାଡିକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଶିଶୁମାନଙ୍କୁ ଭକ୍ତକବି ମଧୁସୂଦନ ରାଓଙ୍କ ପ୍ରଣୀତ ବର୍ଣ୍ଣବୋଧ ପୁସ୍ତକ ବଣ୍ଟନ କରାଯିବା ସହ ଓଡ଼ିଆ ଲିଖନ ଓ ପଠନ ବୃଦ୍ଧି ପାଇଁ କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା । ଅନୁଷ୍ଠାନର ସଂପାଦକ ବିକ୍ରମକେଶରୀ ନାଥ, ସଂହସଂପାଦକ ଜୟପ୍ରକାଶ ବେହେରା, ଅଙ୍ଗନଓ୍ୱାଡି କର୍ମ ମିନର୍ଭା ସ୍ୱାଇଁ, ମିନତି ଦାସଙ୍କ ସମେତ ବହୁ ଅଭିଭାବକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ସଂଜୀବନୀ ସେବା ଟ୍ରଷ୍ଟ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସାଧାରଣରେ ପ୍ରଶଂସା କରାଯାଇଛି ।

ଭର୍ଚ୍ଚୁଆଲ କ୍ଲାସରୁମ ଆଳରେ ଶହଶହ କୋଟି ଆତ୍ମସାତ ଷଡଯନ୍ତ୍ର

ଭୁବନେଶ୍ୱର,୯।୪:(ମନ୍ଥନ)ରାଜ୍ୟରରେ ଥିବା ବିଦ୍ୟାଳୟରେ ଭିତ୍ତିଭୂମି ନଥିବାବେଳେ ମୁକୁଳା ପଡିଛି କ୍ୟାମ୍ପସ୍ । ଏଭଳି ସ୍ଥିତିରେ ଭର୍ଚ୍ୟୁଆଲ କ୍ଲାସରୁମ୍ କରି ଶହଶହ କୋଟି ଆତ୍ମସାତ କରିବାକୁ ଚାଲିଛି ଷଡଯନ୍ତ୍ର । ଏହାକୁ ନେଇ ହାଇକୋର୍ଟରେ ମାମଲା ହୋଇଥିବାବେଳେ ରାଜ୍ୟପାଳ,ରାଷ୍ଟ୍ରପତି, ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ ୧୭୬୩ ବିଦ୍ୟାଳୟରେ ଭିତ୍ତିଭୂମି ଠିକ୍ ନାହିଁ । ଏନେଇ ବିଧାନସଭାରେ ଖୋଦ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଥିଲେ । କ୍ୟାମ୍ପସରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା କଥା ଭୁଲି ଏଆଇ ଭର୍ଚ୍ୟୁଆଲ ସ୍ମାର୍ଟ କ୍ଲାସରୁମ୍ କରିବା ପାଇଁ ସରକାରୀ ସ୍ତରରେ ତତ୍ପରତା ଦେଖାଦେଇଛି । ପ୍ରଥମ ପର୍ଯ୍ୟାୟରେ ୫,୩୭୦ ବିଦ୍ୟାଳୟର ଉନ୍ନତିକରଣ କରିବାକୁ ପାଖାପାଖି ଏକ ହଜାର କୋଟି ଟଙ୍କାର ରୂପରେଖ ପ୍ରସ୍ତୁତ କରାଯାଇ ଟେଣ୍ଡର ଆହ୍ୱାନ କରାଯାଇଛି । ଓକାକ୍ ପକ୍ଷରୁ ଏନେଇ ଟେଣ୍ଡର କରାଯାଇଛି । ରାଜ୍ୟର ୫,୩୭୦ ବିଦ୍ୟାଳୟରେ ଭର୍ଚୁଆଲ୍ ଶ୍ରେଣୀଗୃହ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ଅନ୍ୟପଟେ ଭର୍ଚୁଆଲ୍ ଶ୍ରେଣୀଗୃହରେ ଛାତ୍ରଛାତ୍ରୀଙ୍କ ପାଠପାଇବାକୁ ସ୍ୱପ୍ନ ଦେଖାଇବା କାହା ସ୍ୱାର୍ଥରେ ବୋଲି ଶିକ୍ଷାବିମ୍ମାନେ ମତପ୍ରକାଶ କରିଛନ୍ତି । ସମ୍ବଲପୁର ଜିଲାରେ ସର୍ବାଧିକ ୧୭୫ଟି ସ୍କୁଲ୍ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି । ସେହିପରି ମୟୂରଭଞ୍ଜରେ ୧୨୨, ସୁବର୍ଣ୍ଣପୁରରେ ୧୦୭, କଳାହାଣ୍ଡିର ୧୦୧, ଗଞ୍ଜାମରେ ୧୦୦ ବିଦ୍ୟାଳୟ ଅବସ୍ଥା ଅତ୍ୟନ୍ତ ଶୋଚନୀୟ । ତେଣୁ ବିଦ୍ୟାଳୟର ଭିତ୍ତିଭୂମି ବିକାଶ କଥା ଚିନ୍ତା କରିବା ବଦଳରେ ଭର୍ଚୁଆଲ୍ ଶ୍ରେଣୀଗୃହ କରିବାକୁ ରାଜ୍ୟ ସରକାର ଅଣ୍ଟା ଭିଡ଼ିଛନ୍ତି । ବିଦ୍ୟାଳୟରେ ପାଚେରୀ ନଥିବାବେଳେ କୋଟିକୋଟି ଟଙ୍କାର ଯନ୍ତାଂଶ କିଭଳି ଲାଗିବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହି ପ୍ରକଳ୍ପ ପାଇଁ ପୂର୍ବ ସରକାରରେ ପ୍ରାୟ ୬୦୦କୋଟି ଟଙ୍କା ବ୍ୟୟବରାଦ କରିଥିଲେ । ଏବେ ପ୍ରକଳ୍ପ ମୂଲ୍ୟ ଏକ ହଜାର କୋଟିରେ ପହଞ୍ଚିଛି । ପ୍ରାୟ ୪ ଶହ କୋଟି ଟଙ୍କା ପ୍ରକଳ୍ପ ବାବଦରେ ବୃଦ୍ଧି ପାଇଛି । ଏହି ପ୍ରକଳ୍ପ ଅଧୀନରେ ୪ଟି ମୁଖ୍ୟ ଷ୍ଟୁଡିଓ ସହ ୮ଟି ଜୋନାଲ ସ୍ତରୀୟ ଷ୍ଟୁଡିଓ ରହିବ । ଫାଇବର ଓ ସାଟେଲାଇଟ୍ ସଂଯୋଗ ମାଧ୍ୟମରେ ଶିକ୍ଷାର ଆଦାନପ୍ରଦାନ କରାଯିବ । ଓଡ଼ିଆ ଓ ଇଂରାଜୀ ଭାଷାରେ ଡିଜିଟାଲ କଣ୍ଟେଣ୍ଟ, ଶିକ୍ଷକଙ୍କ ଦକ୍ଷତା ବିକାଶ, ଏଆଇ ଆଧାରିତ ଭର୍ଚୁଆଲ ଶ୍ରେଣୀଗୃହ, ଇଣ୍ଟରାକ୍ଟିଭ୍ ଫ୍ଲାଟ୍ ପ୍ୟାନେଲ୍, ଡିଜିଟାଲ୍ ମୂଲ୍ୟାୟନ ଡିଭାଇସ୍, ଛାତ୍ର ଆପ୍, କାର୍ଯ୍ୟଦକ୍ଷତା ଆନାଲିଟିକ୍ସ ଡ୍ୟାସବୋର୍ଡ ଭଳି ସୁବିଧା ରହିବ ବୋଲି କୁହାଯାଇଛି । ମାତ୍ର ଓଡ଼ିଶାର ଶିକ୍ଷା ଭିତ୍ତିଭୂମିକୁ ବୁଡାଇବା ପାଇଁ ଚକ୍ରାନ୍ତ ହେଉଥିବା ଅଭିଯୋଗ କରି ହାଇକୋର୍ଟରେ ମାମଲା ପହଞ୍ଚିଛି । ଟେଣ୍ଡର ପ୍ରକ୍ରିୟାରେ ପାତରଅନ୍ତର କରାଯାଇ ଏକ ନିର୍ଦ୍ଦିଷ୍ଟ ସଂସ୍ଥା ପ୍ରତି ରାଜ୍ୟ ସରକାରଙ୍କ ଅଧିକାରୀମାନେ ଅନୁକମ୍ପା ପ୍ରଦର୍ଶନ କରିଥିବା ଅଭିଯୋଗକାରୀ ଦର୍ଶାଇଛନ୍ତି ।

ବିଜେପି ସ୍ୱପ୍ନେଶ୍ୱର ମଣ୍ଡଳ ପକ୍ଷରୁ ପ୍ରତିଷ୍ଠା ଦିବସ ଓ ମିଶ୍ରଣ ପର୍ବ ଅନୁଷ୍ଠିତ

ଜଳେଶ୍ୱର,୯।୪:(ମନ୍ଥନ)ଜଳେଶ୍ୱର ବ୍ଲକ ସ୍ୱପ୍ନେଶ୍ୱର ମଣ୍ଡଳ ୯ନଂ ଜୋନ ସୁଗୋ ଗ୍ରାମପଞ୍ଚାୟତର ବାଣୀଦା ଗ୍ରାମର ବିଜେପି ପକ୍ଷରୁ ୪୭ତମ ପ୍ରତିଷ୍ଠା ଦିବସ ପାଳନ ହୋଇଯାଇଛି । ସୁଗୋ ହାଟ ଛକ ନିକଟରେ ମଣ୍ଡଳ ସଭାପତି ସଞ୍ଜୀବ କୁମାର ସେନାପତିଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ସାମୁହିକ ବିଜେପିର ପ୍ରତିଷ୍ଠା ଦିବସ ପାଳନ କରାଯାଇଥିଲା । ପରେ ଜଳେଶ୍ୱର ବିଜେପି ନେତା ବ୍ରଜମୋହନ ପ୍ରଧାନଙ୍କ ଉପସ୍ଥିତିରେ ବିଜେଡି ଦଳ ଛାଡି ୧୩ନଂ ୱାର୍ଡ ସଭ୍ୟ ଧନଞ୍ଜୟ ମହାପାତ୍ର, ବିନୟ



କର,ତପନ ପାତ୍ର, ଝୁନା ପାତ୍ର,ଅଭୟ ମହାପାତ୍ର, ସୂର୍ଜେନ୍ଦୁପାତ୍ର, ଦୀପକ ପଟ୍ଟନାୟକ, ବିଶ୍ୱନାଥ ନାଥ ମହାନ୍ତି,ଧୀରେନ୍ଦ୍ର ମହାପାତ୍ର, ଗଣେଶ ମହାନ୍ତିଙ୍କ ସମେତ ଅନେକ କର୍ମୀ ବିଜେପି ଉପରେ ଆସ୍ଥା ପ୍ରକଟ କରି ଦଳରେ ସାମିଲ ହୋଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପଞ୍ଚାୟତ ସଭାପତି ରବୀନ୍ଦ୍ର ନାଥ ଜେନା, ସୁବ୍ରତ ଜେନା, ଅଭୟ ପରିଡ଼ା,ଅଜିତ ପରିଡ଼ା, ଉମାଶଙ୍କର ମହାପାତ୍ର,ପ୍ରଦୀପ ପାତ୍ର, କାହ୍ନୁ ଚରଣ ଚନ୍ଦ,ଲୁଟନ ବାରିକ, ପ୍ରସଂଜିତ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

ଆଞ୍ଚଳିକ ମନ୍ଥନ
ଶୁକ୍ରବାର,୧୦,ଏପ୍ରିଲ,୨୦୨୬ Friday,10 April 2026, Bhubaneswar

ଚିକିଟି ବ୍ଲକ ଓ ଏନ୍‌ଏସି ପ୍ରଶାସନ ପକ୍ଷରୁ ଜନପ୍ରତିନିଧିଙ୍କୁ ଅଣଦେଖା ନେଇ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ

ଛତ୍ରପୁର,୯ ।୪:(ମନ୍ଥନ) ଗଞ୍ଜାମ ଜିଲ୍ଲା ଚିକିଟି ବ୍ଲକ ଓ ଏନ୍‌ଏସି ପ୍ରଶାସନ ପକ୍ଷରୁ ପ୍ରାୟ ୨ ବର୍ଷ ହେଲା ବ୍ଲକଅଧ୍ୟକ୍ଷ, ଉପାଧ୍ୟକ୍ଷ, ସରପଂଚ ଓ ସମିତିସଭ୍ୟ ଏବଂ ଏନଏସିରେ ଦୀର୍ଘ ଦିନ ଧରି ଅଧ୍ୟକ୍ଷା, ଉପାଧ୍ୟକ୍ଷ ଓ କାଉନସିଲର ମାନଙ୍କୁ ଅଣଦେଖା କରାଯାଉଛି ।ଏକ୍ଷେତ୍ରରେ ପଂଚାୟତ ଜନପ୍ରତିନିଧିଙ୍କ ପକ୍ଷରୁ ବହୁବାର ଚିକିଟି ବିଡିଓଙ୍କ ଠାରୁ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ଯୋଗାଣ ନୀରିକ୍ଷକ ଏବଂ ଅନ୍ୟାନ୍ୟ କର୍ମଚାରୀମାନଙ୍କ ନିକଟରେ ପଂଚାୟତ ତଥା ବ୍ଲକବାସୀଙ୍କ ସ୍ୱାର୍ଥରେ କୌଣସି ସମସ୍ୟା ଜଣାଇଲେ ତାହାକୁ ଗ୍ରହଣ ନ କରି ବାରମ୍ବାର ଅବହେଳା କରିବା ଏବଂ ପଂଚାୟତ ପ୍ରତିନିଧିଙ୍କୁ ଏକ ପ୍ରକାର ଅଣଦେଖା ଭଳି କାର୍ଯ୍ୟ କରୁଛନ୍ତି ।ଯେପରି କାହାରି କଥାରେ ପରିଚାଳିତ ହୋଇ ବ୍ଲକ ପ୍ରଶାସନର ସମସ୍ତ କର୍ମଚାରୀମାନେ ଆମ୍ଭମାନଙ୍କୁ ହଇରାଣ ହରକତ କରୁଛନ୍ତି । ଏଣୁ ଜିଲ୍ଲାର ମୁଖ୍ୟ ତଥା ଜିଲ୍ଲାପାଳ ଭାବେ ଏଦିଗରେ ସ୍ୱତନ୍ତ୍ର ଭାବେ ଅନୁଧ୍ୟାନ କରି ଚିକିଟି ବ୍ଲକର ସର୍ବାଙ୍ଗୀନ ବିକାଶରେ ସମସ୍ତ କାର୍ଯ୍ୟ ଗୁଡିକ ତ୍ୱରାନ୍ୱିତ ହୋଇପାରିବ ଏବଂ ପଂଚାୟତ ପ୍ରତିନିଧିମାନଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ପୂର୍ବଭଳି ସମ୍ମାନ ନଜରରେ ଦେଖାଯାଇ ଜନସାଧାରଣଙ୍କ ସମସ୍ୟା ଗୁଡିକୁ ତୁରନ୍ତ ସମାଧାନର ପଦକ୍ଷେପ ନେବାକୁ ସମସ୍ତ ପଂଚାୟତ ପ୍ରତିନିଧିମାନଙ୍କ ପକ୍ଷରୁ ନିବେଦନ କରାଯାଇଛି ।ସରକାରଙ୍କ ନିୟମ ଅନୁସାରେ ସମସ୍ତ କାର୍ଯ୍ୟ ଖସଡା, ଭତା ବଂଟନ, ରାସନକାର୍ଡ ପ୍ରଦାନ, ଆବାସଗୃହ ଯୋଜନାର ହିତାଧିକାରୀ ଚୟନ ଗ୍ରାମସଭା ମାଧ୍ୟମରେ କରାଯାଉ ।୨ ବର୍ଷ ଧରି ଉଦ୍ଦେଶ୍ୟମୂଳକ ଭାବେ ସ୍ଥଗିତ

ରଖାଯାଇଥିବା ମଞ୍ଜୁରୀପ୍ରାପ୍ତ ପ୍ରକଳ୍ପଗୁଡିକର କାର୍ଯ୍ୟ ଆରମ୍ଭ କରି ସମିତି ମାଧ୍ୟମରେ କାର୍ଯ୍ୟକାରୀ କରାଯାଉ । ମନରେଗା କାର୍ଯ୍ୟକୁ ଉଦ୍ଦେଶ୍ୟମୂଳକ ଭାବେ ଦଳୀୟ ମନୋଭାବ ଦେଖାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦଳୀୟ ଶ୍ରମିକମାନଙ୍କୁ କାର୍ଯ୍ୟରେ ନିୟୋଜିତ କରିବା ବନ୍ଦ କରାଯାଉ ।ଭତା, ରାସନକାର୍ଡ ବଂଟନ ସମୟରେ ଆମ୍ଭମାନଙ୍କୁ ଜଣାଇ ଓ ସମୟ ନିର୍ଦ୍ଧାରଣ ବଂଟନ କରାଯାଉ ।ପଂଚାୟତ ଗୁଡିକରେ ଉଦ୍ଦେଶ୍ୟମୂଳକ ଭାବେ ବନ୍ଦ କରି ରଖିଥିବା ବିଲ୍ ଗୁଡିକୁ ଶୀଘ୍ର ପ୍ରଦାନ କରାଯାଉ । ବିକଶିତ ଗାଁ, ବିକଶିତ ଓଡିଶା ଯୋଜନାରେ ଆମ୍ଭେ ଗ୍ରାମସଭା ମାଧ୍ୟମରେ ଏବଂ ପଂଚାୟତ ସମିତିର ସୁପାରିଶ କ୍ରମେ ଦେଇଥିବା କାର୍ଯ୍ୟ ଖସଡା ଗୁଡିକୁ ଆର୍ଥିକ ବର୍ଷ ୨୦୨୫-୨୬ ମଞ୍ଜୁର କରାଯାଉ । ଭୁଲବଶତଃ ଆର୍ଥିକବର୍ଷ ୨୦୨୫-୨୬ର ବିକଶିତ ଗାଁ ବିକଶିତ ଓଡିଶାର କାର୍ଯ୍ୟ ଖସଡାକୁ ବାତିଲ କରାଯାଉ ଏଭଳି ଦାବି ଗୁଡିକ ନେଇ ଆଜି ଗଞ୍ଜାମ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏବଂ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ସାକ୍ଷାତ କରି ଦାବିପତ୍ର ମାଧ୍ୟମରେ ଚିକିଟି ବ୍ଲକର ପଂଚାୟତ ପ୍ରତିନିଧିମାନେ ଅଭିଯୋଗ ଜଣାଇଥିଲେ । ଏହି ଦାବିପତ୍ର ପ୍ରଦାନ ବେଳେ ଚିକିଟି ବ୍ଲକ ଅଧ୍ୟକ୍ଷ ଆପନ୍ନା ସେଠୀ, ଉପାଧ୍ୟକ୍ଷା ବି.ରେଣୁକାମ୍ମା, ଚିକିଟି ବ୍ଲକ ସରପଞ୍ଚ ସଂଘର ସଭାପତି ଏ. ରାଙ୍ଗା ରାଓ ଙ୍କ ବହୁ ସରପଞ୍ଚ / ସମିତି ସଭ୍ୟା / ସଭ୍ୟ ମାନେ ଉପସ୍ଥିତ ଥିଲେ । ଅନ୍ୟପକ୍ଷରେ ଚିକିଟି ଏନ୍‌ଏସି ପ୍ରଶାସନ ପକ୍ଷରୁ ଏନଏସି ର ନିର୍ବାଚିତ ଜନପ୍ରତିନିଧିମାନଙ୍କୁ ଅଣଦେଖା ଏବଂ ସେମାନେ ଜନସାଧାରଣଙ୍କ ସମସ୍ୟା ନେଇ କୌଣସି ପ୍ରସ୍ତାବ ଦେଲେ ଅବହେଳା କରାଯାଉଛି ବୋଲି ଜିଲ୍ଲାପାଳଙ୍କ ନିକଟରେ ଚିକିଟି ଏନ୍‌ଏସି ଅଧ୍ୟକ୍ଷା ଦିପା କୁମାରୀ ସାହୁ, ଉପାଧ୍ୟକ୍ଷ ହରପ୍ରସାଦ ଚୌଧୂରୀଙ୍କ ସମେତ କାଉନସିଲରମାନେ ଅଭିଯୋଗ କରିଥିଲେ। ସରକାରଙ୍କ ନିୟମ ଅନୁସାରେ କାଉନସିଲ ବୈଠକ ଆଗତ କରାଯାଉ ନାହିଁ । ରାସନକାର୍ଡ, ଆବାସ ଗୃହ ହିତାଧିକାରୀ ଚୟନ ସମୟରେ ଜନପ୍ରତିନିଧିମାନଙ୍କୁ ଅଣଦେଖା କରାଯାଉଛି । ସ୍ଥଗିତ ରଖାଯାଇଥିବା କାର୍ଯ୍ୟ ଗୁଡିକୁ ତୁରନ୍ତ କାର୍ଯ୍ୟକାରୀ କରାଯାଉ । ବସଷ୍ଟାଣ୍ଡ ନିକଟରେ ଏକ ଆହାରକେନ୍ଦ୍ର ଖୋଲାଯାଉ । ସଙ୍କୁଚିତ ରାସ୍ତା ଯୋଗୁଁ ଚିକିଟି ପେଣ୍ଠର ଟ୍ରାଫିକ୍ ସମସ୍ୟାକୁ ଦୂରକରିବା ପାଇଁ ପାର୍କିଂ ଜୋନ୍ ଖୋଲାଯାଉ ।ପ୍ରତ୍ୟେକ ଦିନ ନାଳ ନର୍ଦ୍ଦମା ଗୁଡିକୁ ସଫେଇ କରାଯାଉ ବୋଲି ବିଭିନ୍ନ ଦାବି ରଖିଥିଲେ ।

୧୨୦ ୟୁନିଟ୍ ରକ୍ତ ସଂଗ୍ରହ

ଅନୁଗୋଳ,୯ ।୪:(ମନ୍ଥନ) ସମାଜ କଲ୍ୟାଣ ଏବଂ ମାନବିକ ସେବା ପ୍ରତି ନିରନ୍ତର ପ୍ରତିବଦ୍ଧତାର ଅଂଶ ସ୍ୱରୂପ ଅନୁଗୋଳ ପୋଲିସ ପକ୍ଷରୁ ଆଜି ଛେଲିଆପଡ଼ାସ୍ଥିତ ରିଜର୍ଭ ପୋଲିସ କାର୍ଯ୍ୟାଳୟରେ ଏକ ମେଗା ରକ୍ତଦାନ ଶିବିର ସଫଳତାର ସହ ଆୟୋଜନ କରାଯାଇଥିଲା। ଶିବିରରେ ପୋଲିସ କର୍ମଚାରୀ ଏବଂ ଗୃହରକ୍ଷୀମାନଙ୍କ ପକ୍ଷରୁ ଏକ ବିପୁଳ ଏବଂ ଉତ୍ସାହଜନକ ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା । ଶିବିର ସମୟରେ ପୋଲିସ କର୍ମଚାରୀଙ୍କ ଦ୍ୱାରା ମୋଟ ୧୨୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା, ଯେଉଁଥିରେ ୫୬ ଜଣ ଗୃହରକ୍ଷୀ ମଧ୍ୟ ଥିଲେ, ଯାହା ଜୀବନ ରକ୍ଷା ପ୍ରତି ସେମାନଙ୍କର ସମର୍ପଣକୁ ପ୍ରତିଫଳିତ କରିଥିଲା। ଅନୁଗୋଳର ପୋଲିସ ଅଧିକ୍ଷକ ରାହୁଲ ଜୈନଙ୍କ ଦ୍ୱାରା ଶିବିରଟି ଉଦଘାଟନ କରାଯାଇଥିଲା, ଯିଏ ନିଜେ ରକ୍ତଦାନ କରି

ଏହି ମହାନ କାର୍ଯ୍ୟରେ ଅଂଶଗ୍ରହଣ କରିଥିଲେ ।ଅତିରିକ୍ତ ଏସପି ରାଜୀବ ଲୋଚନ ପଣ୍ଡା , ଡିଏସପି ଯୋଗେଶ୍ୱରୀ ବେହେରା , ଇନ୍ସପେକ୍ଟର ଅନୁପ ତିର୍କୀ ଏବଂ ଆୟଶକାନ୍ତ ଜେନାଙ୍କ ସମେତ ବରିଷ୍ଠ ଅଧିକାରୀମାନେ ରକ୍ତଦାନ କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ ଏବଂ ରକ୍ତଦାନ କରିଥିଲେ ।ଏହି କାର୍ଯ୍ୟକ୍ରମକୁ ଆହୁରି ଗୁରୁତ୍ୱ ପ୍ରଦାନ କରି, ମାନ୍ୟବର ଆଇଜିପି, ଏନସିଆର ସତ୍ୟବ୍ରତ ଭୋଇ ସକାଳ ପ୍ରାୟ ୧୦:୩୦ ସମୟରେ ଶିବିର ପରିଦର୍ଶନ କରିଥିଲେ । ସେ ଦାତାମାନଙ୍କ ସହିତ ଆଲୋଚନା କରିଥିଲେ, ଅଂଶଗ୍ରହଣକାରୀମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ସେମାନଙ୍କର ମାନବିକତାପୂର୍ଣ୍ଣ କାର୍ଯ୍ୟକୁ ପ୍ରଶଂସା କରିଥିଲେ । ଏହି ପଦକ୍ଷେପ କେବଳ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ନୁହେଁ ବରଂ ଏହିପରି ଜୀବନ ରକ୍ଷାକାରୀ ପ୍ରୟାସ ମାଧ୍ୟମରେ ସମାଜ ଏବଂ ଜନସ୍ୱାସ୍ଥ୍ୟ ପାଇଁ ଅର୍ଥପୂର୍ଣ୍ଣ ଯୋଗଦାନ ଦେବା ପାଇଁ ଅନୁଗୁଳ ପୋଲିସର ପ୍ରତିବଦ୍ଧତାକୁ ଉଜ୍ଜ୍ୱଳ କରିଥାଏ ।

ମହିଳା ମହାବିଦ୍ୟାଳୟରେ ରକ୍ତଦାନ ଶିବିର ଅନୁଷ୍ଠିତ

ମାହାଙ୍ଗା,୯ ।୪:(ମନ୍ଥନ) ଓଡ଼ିଆ ପକ୍ଷ ୨୦୨୬ ଅବସରରେ ମାହାଙ୍ଗା ମହିଳା ମହାବିଦ୍ୟାଳୟ ପଲ୍ଲୀସାହି ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ରକ୍ତଦାନ କେବେହେଲେ ମୋଟା ଓ ପତଳା ଲୋକ ପାଖରେ ସିମିତ ନଥାଏ। ଏକ ସୁସ୍ଥ ମାନସିକତାରେ ଅନ୍ୟକୁ ଭଲ ପାଉଥିବା ମଣିଷ ପାଖରେ ବିପଦ ସମୟରେ ସାହାଯ୍ୟ କରିବା ଏକ ମହାନ୍ କର୍ତ୍ତବ୍ୟ। କେନ୍ଦ୍ରୀୟ ରେଡ୍‌କ୍ରସ୍ ସହାୟତାରେ ଅନୁଷ୍ଠିତ ରକ୍ତଦାନ ଶିବିରକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। ଉକ୍ତ ରକ୍ତଦାନ ଶିବିରକୁ ଅଧ୍ୟାପିକା ତାଂଜିମ୍ ତଲତ୍, ଫରଜାନା ଆଂଜୁମ୍, ଡଃ ପୁଷ୍ପାଞ୍ଜଳି ଶତପଥୀ, ପ୍ରମିଳା ରାଉତ, ଜୟଶ୍ରୀ ଖୁଣ୍ଟିଆ, ବିନିତା ବରାଳ, ଡଃ ମନସ୍ୱିନୀ କର, ସୋନାଲୀ ପ୍ରିୟଦର୍ଶନୀ, ମାମାଲି, ମୋନାଲିସା ଦାସ, ଚିନ୍ମୟୀ ରାଉତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ବୀରବର ଖଟୁଆ, ଭାଗ୍ୟଧର ଘଡେଇ, ରାଜେନ୍ଦ୍ର ଠାକୁର, ସୁରେଶ ବାରିକ, ଦିପକ ତ୍ରିପାଠୀ, ସୁବାଷ ବେହେରା, ସତ୍ୟବ୍ରତ ଦାଶ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ଯୁବ ରେଡ୍‌କ୍ରସ୍‌ର କାଉନ୍‌ସିଲର ପ୍ରଶାନ୍ତ କୁମାର ସିଂଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ରକ୍ତଦାନ ଶିବିରରେ ୪୦ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

ନବରଂଗପୁର ଠାରେ ସିଆରପିଏଫ୍ ୧୨ ବାଟାଲିୟନ ର ଶୌର୍ଯ୍ୟ ଦିବସ ପାଳନ

୯ ।୪:(ମନ୍ଥନ) ନବରଂଗପୁର ସି ଆର୍ ପି ଏଫ୍ (୧୨ ବାଟାଲିୟନ) ପ୍ରାଙ୍ଗଣରେ ୬୧ ତମ ଶୌର୍ଯ୍ୟ ଦିବସ ପାଳନ ହୋଇଯାଇଛି ।ଏହି ଅବସରରେ କମାଣ୍ଡାଣ୍ଟ ଏନ. କେ. କେ ପ୍ରସାଦଙ୍କ ଉପସ୍ଥିତିରେ, ଡେପୁଟି କମାଣ୍ଡାଣ୍ଟ ରାଜୀବ କୁମାର, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଶ୍ରୀନିବାସ ରାଓ, ଇନ୍ସପେକ୍ଟର ସୁଜୀତ କୁମାର, ଇନ୍ସପେକ୍ଟର ପି. କେ. ସାହୁ, ସବ୍-ଇନ୍ସପେକ୍ଟର ବନ୍ଦ ନାମଦେଓ ଏବଂ ୧୨ ବ୍ୟାଟାଲିଅନର ସମସ୍ତ କର୍ମଚାରୀଙ୍କ ସହଭାଗୀତାରେ ୬୧ତମ ଶୌର୍ଯ୍ୟ ଦିବସ ପାଳନ କରାଯାଇଥିଲା ଓ ଆଜିର ଦିନରେ ସବୁ ସହିଦଙ୍କୁ ସମ୍ମାନ ଦିଆଗଲା । ସହିଦ ସିପାହୀ ବିଜୟ କୁମାର ହରିଜନ ଯିଏ ୧୬.୪.୨୦୦୯ ରେ ନକ୍ସଲଙ୍କ ସହ ଲଢ଼ି ମୁରକି ଗାଁ, ଦାନ୍ତେବାଡା, ଛତିଶଗଡ ରେ ସହିଦ ହୋଇଥିଲେ । ମାତା ହେମଲତା ହରିଜନ ଓ ପିତା ବୁଧନ ହରିଜନ ଙ୍କ ସୁପୁତ୍ର ଶହୀଦ ବିଜୟଙ୍କୁ ସ୍ମରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା ।କମାଣ୍ଡାଣ୍ଟ ଏନ. କେ. କେ ପ୍ରସାଦ ସହିଦ ବିଜୟ କୁମାର ହରିଜନଙ୍କ ମା ଓ ବାପା ଙ୍କୁ ପୁଷ୍ପ ମାଳା ଓ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ ।

ସାର୍ବଜନୀନ ନାମଲେଖା ନିମନ୍ତେ ଶିକ୍ଷା ମହାସଭା

ଅନୁଗୋଳ,୯ ।୪:(ମନ୍ଥନ) ଆଜି ପାଲଲହଡାର ବଣ ପାହାଡ ଘେରା ଅଗମ୍ୟ ସିବିଡା କନ୍ୟାଶ୍ରମଠାରେ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀଙ୍କ ସାର୍ବଜନୀନ ନାମଲେଖା ତଥା ସମସ୍ତ ଶିଶୁଙ୍କୁ ବିଦ୍ୟାଳୟମୁଖୀ କରିବା ନିମନ୍ତେ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ଅନ୍ତର୍ଗତ ଶିକ୍ଷା ମହାସଭା ସମ୍ପନ୍ନ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ନିରଞ୍ଜନ ସାହୁ, ସମ୍ମାନୀତ ଅତିଥି ଭାବରେ ପାଲଲହଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ସତ୍ୟବାଦୀ ସାମଲ, ସ୍ଥାନୀୟ ବରଡିହ ସରପଞ୍ଚ ଶ୍ରୀଯୁକ୍ତ କପିଳ ଦେହୁରୀ, ନଗିରା ସରପଞ୍ଚ ଶ୍ରୀଯୁକ୍ତ ପିତନ ବାରିକ, ଜିଲା ଶିକ୍ଷା କାର୍ଯ୍ୟାଳୟରେ ବିଭାଗୀୟ ଅଧିକାରୀ ଶ୍ରୀଯୁକ୍ତ ରୋହିତ କୁମାର ନାଥ, ଅନୁଗୋଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଅଶୋକ କୁମାର ପ୍ରଧାନ, ସମଗ୍ର ଶିକ୍ଷା ଜିଲ୍ଲା ଶୈକ୍ଷିକ ସଂଯୋଜକ ଶ୍ରୀଯୁକ୍ତ ମନୋରଞ୍ଜନ ସାହୁ, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଶ୍ରୀଯୁକ୍ତ ଅମ୍ବୁଜ କୁମାର ଗଡନାୟକ, ସମଗ୍ର ଶିକ୍ଷା ଜିଲ୍ଲା ଅନୁସୂଚିତ ଜନଜାତି ସଂଯୋଜକ ଶ୍ରୀଯୁକ୍ତ ମନୋଜ କୁମାର ସ୍ୱାଇଁ, ଜିଲ୍ଲା ଅନ୍ତନିର୍ବେଶୀ ଶିକ୍ଷା ସଂଯୋଜକ ଶ୍ରୀଯୁକ୍ତ ବିଜୟ କୁମାର ସାହୁ, ସ୍ଥାନୀୟ ସିବିଡା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଶ୍ରୀଯୁକ୍ତ ବେଣୁଧର ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଶ୍ରୀଯୁକ୍ତ ମୁଣ୍ଡା ସାଉଁତ ଶ୍ରୀଯୁକ୍ତ ଜଗନ୍ନାଥ ପ୍ରଧାନ, ସଇଡା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଶ୍ରୀଯୁକ୍ତ ମଖମଲ ନାୟକ, ସଇଡା

ବାଳିକା ଉଚ୍ଚ ବିଦ୍ୟାଳୟର ଦାୟିତ୍ୱଧାରୀ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଭାରତୀ ନାଏକ ପ୍ରମୁଖ ଯୋଗଦାନ କରିଥିଲେ ।କାର୍ଯ୍ୟକ୍ରମ ଅନ୍ତର୍ଗତ ସିବିଡା ଗ୍ରାମରେ ଶିକ୍ଷା ସଚେତନତା ରାଲୀ ଓ ସିବିଡା କନ୍ୟାଶ୍ରମଠାରେ ଶିକ୍ଷା ମହାସଭା ଆୟୋଜନ କରାଯାଇଥିଲା । ଶିକ୍ଷା ମହାସଭାର ଉଦ୍‌ଘାଟନୀ ଉତ୍ସବରେ ଅତିଥିମାନଙ୍କ ଦ୍ୱାରା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ଜଳନ ଓ ପୁଷ୍ପମାଲ୍ୟ ଅର୍ପଣ କାରାଇଯାଇଥିଲା । ସିବିଡା ପିଭିଟିଜି ବାଳକ ଆଶ୍ରମ ବିଦ୍ୟାଳୟ ଏବଂ କନ୍ୟାଶ୍ରମ ଉଚ୍ଚ ବିଦ୍ୟାଳୟ ତରଫରୁ ମଞ୍ଚାସୀନ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ବ୍ୟାଚ ପ୍ରଦାନ କରି ସମ୍ମାନିତ କାରାଯାଇଥିଲା । ତଦପଶ୍ଚାତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ସାମଲ ମଞ୍ଚାସୀନ ଅତିଥିମାନଙ୍କ ପରିଚୟ ପ୍ରଦାନ ସହିତ କାର୍ଯ୍ୟକ୍ରମ ସମ୍ପର୍କିତ ଅଧିସୂଚନା ପ୍ରଦାନ କରିଥିଲେ । ଏହାପରେ ମୁଖ୍ୟ ଅତିଥି ଯୁକ୍ତ ସାହୁ ତାଙ୍କର ଆଶ୍ରିବଚନ ମାଧମରେ ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କୁ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ଅନ୍ତର୍ଗତ ସାର୍ବଜନୀନ ନାମଲେଖା କରାଯାଇ ସବୁ ଶିଶୁଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ନିମନ୍ତେ ଆହ୍ୱାନ ଜଣାଇଥିଲେ । ଛାତ୍ରଛାତ୍ରୀମାନଙ୍କୁ ପାଠପଢି ଜଣେ ଜଣେ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ । ଏଥିସହିତ ଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ କୁନି କୁନି କୋମଳମତିଶିଶୁଙ୍କୁ ସ୍ନେହ, ସମ୍ମାନ ଓ ଆନନ୍ଦମୟ ଶିକ୍ଷଣ ପରିବେଶରେ ମଧ୍ୟରେ ରଖି ଶିକ୍ଷାଦାନ କରିବା ପାଇଁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମ କେବଳ ଗୋଟିଏ ଦିନର ଉତ୍ସବ ମଧ୍ୟରେ ସୀମିତ ନ ରହି ଏକ ସୁନ୍ଦର ଓ ସଂସ୍କୃତି ସମ୍ପନ୍ନ ସମାଜ ଗଢିବାର ଆଧାର ହେଉ । ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ସମସ୍ତଙ୍କ ପାଇଁ ଶିକ୍ଷା ଲକ୍ଷ୍ୟକୁ ସାକାର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁ । ଉକ୍ତ କାର୍ଯ୍ୟକ୍ରମର ବାର୍ତ୍ତା ସବୁ ଗ୍ରାମକୁ ପହଞ୍ଚାଇବା ନିମନ୍ତେ ବରଡିହ ଓ ନଗିରା ପଞ୍ଚାୟତର ଗ୍ରାମଗୁଡିକରୁ ୩୦୦ରୁ ଅଧିକ ଜନସାଧାରଣ ଯୋଗଦାନ କରିଥିଲେ। ଛାତ୍ରଛାତ୍ରୀ ଓ ଲୋକମାନଙ୍କ ସଚେତନତା ନିମନ୍ତେ ଶିକ୍ଷା ସମ୍ପର୍କିତ ପାଲା, ଆଦିବାସୀ ନୃତ୍ୟ, ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସର୍ଗିଫୁଲ ନୃତ୍ୟ ଇତ୍ୟାଦି ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ସିବିଡା ପିଭିଟିଜି ବାଳକ ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ପୁଟୁ ମହାନ୍ତ ଉପସ୍ଥିତ ସମସ୍ତ କର୍ମକର୍ତ୍ତା, ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକଶିକ୍ଷୟିତ୍ରୀ ଓ ଗଣମାଧ୍ୟମ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଝାରବେଡା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଶ୍ରୀଯୁକ୍ତ କିଶୋର କୁମାର ନାୟକ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ ।

ଦିବ୍ୟାଙ୍ଗ ମାନଙ୍କୁ ବ୍ୟାଟେରୀ ଚାଳିତ ଇ-ରିକ୍ସା ବଣ୍ଟନ କଲେ ମନ୍ତ୍ରୀ ସମ୍ପଦ ସ୍ୱାଇଁ

ପାରାଦୀପ/କୁଜଙ୍ଗ,୯ ।୪:(ମନ୍ଥନ) କୁଜଙ୍ଗ ଠାରେ ଗୁରୁବାର ଦିନ ଆୟୋଜିତ ଦିବ୍ୟାଙ୍ଗଜନଙ୍କ ନିମନ୍ତେ ସହାୟକ ଉପକରଣ ବିତରଣ ସମାରୋହ ଶିବିରରେ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ (ଆଇଓସିଏଲ), ପାରାଦ୍ୱୀପ ରିଫାଇନେରୀର ସିଏସ୍ଆର ଫଣ୍ଡ୍ ସହାୟତାରେ ଦିବ୍ୟାଙ୍ଗ ଭାଇ

ଓ ଭଉଣୀ ମାନଙ୍କୁ ବ୍ୟାଟେରୀ ଚାଳିତ ଇ-ରିକ୍ସା ବଣ୍ଟନ କରିଥିଲେ କ୍ଷ ଏହାଦ୍ୱାରା ସେମାନଙ୍କ ଦୈନନ୍ଦିନ ଚଳଣି ଓ ଜୀବନଶୈଳୀରେ ସକାରାତ୍ମକ ପରିବର୍ତ୍ତନ ଆସିପାରିବ ଏବଂ ଏହା ସେମାନଙ୍କୁ ସଶକ୍ତ ତଥା ସ୍ୱାବଲମ୍ବୀ କରିବାରେ ସହାୟକ ହୋଇପାରିବ ବୋଲି ମନ୍ତ୍ରୀ ଉଲ୍ଲେଖ କରିଥିଲେ । ଏହି ଇ-ରିକ୍ସା ବଣ୍ଟନ କାର୍ଯ୍ୟକ୍ରମରେ ଆଇଓସିଏଲ ପାରାଦୀପ ରିଫାଇନେରୀ ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଡି) କୌଶିକ ବସୁ ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ କ୍ଷଦିବ୍ୟାଙ୍ଗମାନେ ହେଉଛନ୍ତି ଅସାଧାରଣ ପ୍ରତିଭାର ଅଧିକାରୀ ଏବଂ ସେମାନଙ୍କର ପ୍ରତିଭା କୌଣସି ଗୁଣରେ କମ୍ ନୁହେଁ । ଦିବ୍ୟାଙ୍ଗଙ୍କର ଉନ୍ନତି ପାଇଁ କାର୍ଯ୍ୟକରିବା ସହ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ନିମନ୍ତେ ଆମେ ସମସ୍ତେ ଦାୟିତ୍ୱବାନ ହେବା ଆବଶ୍ୟକ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ ।

ମାହାଙ୍ଗାରେ ବଢୁଛି କଂଗ୍ରେସ କର୍ମୀଙ୍କ ମହଲରେ ଅସନ୍ତୋଷ

ମାହାଙ୍ଗା,୯ ।୪:(ମନ୍ଥନ) ମାହାଙ୍ଗାରେ କଂଗ୍ରେସ ସଂଗଠନକୁ ଦୁର୍ବଳ କରିବା ପାଇଁ ଚକ୍ରାନ୍ତ ଚାଲିଛି। ବିଗତ ଦିନରେ ବିଜେଡିର ବି ଟିମ୍ ସାଜିଥିବା ବ୍ୟକ୍ତିମାନଙ୍କୁ ଏବେ କଂଗ୍ରେସର ସାଙ୍ଗଠନିକ ପଦ ପଦବୀରେ ରଖାଯାଇଥିବାରୁ ଏ ନେଇ କଂଗ୍ରେସ କର୍ମୀଙ୍କ ମହଲରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ବିଗତ ଦୁଇ ଦୁଇଟି ବିଧାନସଭା ନିର୍ବାଚନରେ ଯେଉଁମାନେ କଂଗ୍ରେସଦଳର ପ୍ରାର୍ଥୀଙ୍କୁ ସହଯୋଗ କରି ନଥିଲେ ଏପରିକି ମାହାଙ୍ଗାର ପୂର୍ବତନ ବିଧାୟକ ପ୍ରତାପ ଜେନାଙ୍କ ସପକ୍ଷରେ ଭିତିରି ସହଯୋଗ କରିଥିଲେ ଏବଂ ବିଜେଡି ଦଳର ବିଭିନ୍ନ ସଭାସମିତିରେ ଯୋଗଦେଇଥିବା ବ୍ୟକ୍ତିମାନଙ୍କୁ ଏବେ ଦଳୀୟ ଦାୟିତ୍ୱ ପ୍ରଦାନ କରାଯାଇଥିବା ଅଭିଯୋଗ ହେଉଛି। ଉକ୍ତ ବ୍ୟକ୍ତିମାନଙ୍କର ନିଜସ୍ୱ ପଂଚାୟତରୁ ବିଗତ ଦିନରେ କଂଗ୍ରେସ ଦଳକୁ କେତେ ଭୋଟ ମିଳିଛି ସେ ନେଇ ଏବେ ସାଧାରଣରେ ଆଲୋଚନା ହେଉଛି। ଏପରିକି କଂଗ୍ରେସ କର୍ମୀ ମହଲରେ ଶୁଣିବାକୁ ମିଳୁଛି ଯେଉଁମାନେ କି ନିଜ ପଂଚାୟତରେ ସରପଂଚ ଓ ସମିତିସଭ୍ୟ ପ୍ରାର୍ଥୀକୁ ଜିତାଇବାର କ୍ଷମତା ନାହିଁ ସେମାନେ ଏବେ କହିବୁଲୁଛନ୍ତି ଅଚଳ କଂଗ୍ରେସକୁ ସଚଳ କରାଯିବ, ଦୁର୍ବଳ ନେତୃତ୍ୱ ପାଇଁ ମାହାଙ୍ଗା କଂଗ୍ରେସ ପଛରେ ପଡିଯାଇଛି। ସାଙ୍ଗଠନିକ ଦାୟିତ୍ୱ ଗ୍ରହଣ କରିବା ଦିନ ଠାରୁ କଟକ ଜିଲ୍ଲା ସଭାପତି ମାହାଙ୍ଗାରେ କେତୋଟି ସଭାସମିତି କରିଛନ୍ତି। କେଉଁ କଂଗ୍ରେସ କର୍ମୀମାନଙ୍କୁ ଭେଟିଛନ୍ତି, କେତେ ଜଣଙ୍କୁ କଂଗ୍ରେସ ଦଳରେ ମିଶ୍ରଣ କରିଛନ୍ତି। ଏପରିକି ମାହାଙ୍ଗାରେ ବିଗତ ଦିନରୁ ଆଜି ପର୍ଯ୍ୟନ୍ତ ଯେତେ ଦୁର୍ନୀତି ହୋଇଛି ସେ ସଂପର୍କରେ କେତେଥର ସେମାନେ ପ୍ରତିବାଦ କରିଛନ୍ତି। କଂଗ୍ରେସ କର୍ମୀ ଯେତେବେଳେ ବିଗତ ଦିନରେ ବିଜେଡି କର୍ମୀମାନଙ୍କ ଦ୍ୱାରା ହଇରାଣ ହେଉଥିଲେ ସେ ସମୟରେ ଏମାନେ ଥିଲେ କେଉଁଠି ? ନିର୍ବାଚନ ଆସିଲେ ନେତା ହେବା ପାଇଁ ୧୦/ ୧୫ଜଣ କର୍ମୀଙ୍କୁ ନେଇ ବୈଠକ କରି ଗଣମାଧ୍ୟମରେ ଖବର ପ୍ରକାଶ କରିଦେଲେ କଂଗ୍ରେସର ସଂଗଠନ ବଢ଼େନା। ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ଦଳରେ ବିଜେଡିର ବି ଟିମ୍ ସାଜିଥିବା ବ୍ୟକ୍ତିମାନଙ୍କୁ କର୍ମୀମାନେ ସହଜରେ ଗ୍ରହଣ କରିପାରୁନାହାନ୍ତି। ସେମାନେ ସାଧାରଣରେ ପ୍ରକାଶ କରୁଛନ୍ତି ଯେ ଦେବେନ୍ଦ୍ର ସାହୁଙ୍କ ଭଳି ନେତା ଏମାନେ ହୋଇପାରିବେ ନାହିଁ। ଆମ୍ଭେମାନେ ପୂର୍ବରୁ ଦେବେନ୍ଦ୍ର କୁମାର ସାହୁଙ୍କ ସହିତ ଅଛୁ ଭବିଷ୍ୟତରେ ରହିବୁ ମଧ୍ୟ। ଯାହା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।

ପ୍ରତାପ ନଗରୀରେ ମା ଧାକୁଲେଇ ଯାତ୍ରା ଭକ୍ତିର ଅପୂର୍ବ ଝଲକ

ଫୁଲନଖରା,୯ ।୪:(ମନ୍ଥନ) କଟକ ସଦର ଥାନା ଅନ୍ତର୍ଗତ ପ୍ରତାପ ନଗରୀ ଗ୍ରାମରେ ଅଧିଷ୍ଠାତ୍ରୀ ମା ଧାକୁଲେଇଙ୍କ ପବିତ୍ର ଯାତ୍ରା ମହୋତ୍ସବ ବିଶେଷ ଧୁମଧାମ ଓ ଭକ୍ତିମୟ ପରିବେଶରେ ସଫଳତାର ସହ ଉଦଯାପିତ ହୋଇଯାଇଛି । ଗତ ୨ ତାରିଖରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବ ୮ ତାରିଖରେ ଶେଷ ହୋଇଥିବା ବେଳେ, ସାତ ଦିନ ଧରି ଗ୍ରାମ ଓ ପାଖପାଖି ଅଞ୍ଚଳ ଭକ୍ତି ଓ ଉତ୍ସାହରେ ମୁହିଁଯାଇଥିଲା । ଏହିଅବସରରେ ପ୍ରତିଦିନ ପୂଜାର୍ଚ୍ଚନା, ଭଜନ, କୀର୍ତ୍ତନ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବିଭିନ୍ନ ଧାର୍ମିକ ଅନୁଷ୍ଠାନ ସୁସଂଗଠିତ ଭାବରେ ଅନୁଷ୍ଠିତ ହୋଇଥିଲାୟ ସନ୍ଧ୍ୟାବେଳେ ଆଲୋକ ସଜ୍ଜା ଓ ମଣ୍ଡପର ସୁନ୍ଦର ସଜାଣୀ ଭକ୍ତମାନଙ୍କ ମନକୁ ଆକର୍ଷିତ କରିଥିଲା। ହଜାର ହଜାର ଭକ୍ତ ମାଙ୍କ ଦର୍ଶନ ପାଇଁ ଭିଡ଼ ଲଗାଇଥିବା ଦେଖାଯାଇଥିଲା, ଯାହାରୁ ଏହି ମହୋତ୍ସବର ଲୋକପ୍ରିୟତା ସ୍ପଷ୍ଟ ହୋଇପାରିଛିୟ ଉଦଯାପନୀ ଅବସରରେ କମିଟି ସମ୍ପାଦକ ପ୍ରମୋଦ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଏକ ବିଶେଷ ସଭା ଆୟୋଜିତ ହୋଇଥିଲା । ଅତିଥି ଭାବେ ସିଏମସି କମିଶନର କିରଣଦୀପ କୌର ସାହୋତା ଯୋଗଦେଇଥିବା ବେଳେ, ପୁଲିସ କମିଶନର ସୁରେଶ ଦେବ ଦତ୍ତ ସିଂହ ଉପସ୍ଥିତ ଥିଲେ । ଏହା ସହ କଟକ ସଦରର ଲୋକପ୍ରିୟ ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ, ଏସିପି ଅମିତାଭ ମହାପାତ୍ର, ସଦର ଥାନା ଅଧିକାରୀ ତୁଷାରକାନ୍ତ ସେଠୀ, ବରିଷ୍ଠ ସଂଗଠକ ସ୍ୱାଧୀନ ଚେତା ମହାନ୍ତି, ବରିଷ୍ଠ ସାମ୍ବାଦିକ ଲଳିତ କୁମାର ଦାଶ, ନୂଆଗଡ଼ ଗ୍ରାମ ସଭାପତି ବିକ୍ରମ କେଶରୀ ଶତପଥୀ, ମଣ୍ଡଳ ସଭାପତି ନିହାର ରଞ୍ଜନ ପଣ୍ଡା, କମିଟି ସଭାପତି ପ୍ରମୋଦ ସ୍ୱାଇଁ ଓ କୋଷାଧ୍ୟକ୍ଷ ବାଦଲ ଜେନା ପ୍ରମୁଖ ମଞ୍ଚାସୀନ ଥିଲେ ।

ବିଦ୍ୟାରମ୍ଭ ଉତ୍ସବ ପାଳିତ

ଅନୁଗୋଳ,୯ ।୪:(ମନ୍ଥନ) ଗାନ୍ଧୀମାର୍ଗ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର +୨ ବିଜ୍ଞାନ ବିଭାଗରେ ଗୁରୁବାର ଦିନ ବିଦ୍ୟାରମ୍ଭ ଉତ୍ସବ ପାଳିତ ହୋଇଯାଇଛି । ଉତ୍ସବରେ ଅବସର ପ୍ରାପ୍ତ ଜିଲ୍ଲା ବିଚାରପତି ଶ୍ରୀଯୁକ୍ତ ଦୁର୍ଗା ଶଙ୍କର ମିଶ୍ର ମୁଖ୍ୟ ଅତିଥି ଓ ବିଦ୍ୟାଳୟର ପୂର୍ବତନ ସମ୍ପାଦକ ଶ୍ରୀଯୁକ୍ତ ବିଜୟ କୁମାର ମୋଦୀ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ସିଦ୍ଧନାଥ ସାହୁ ଉଦ୍ଦେଶ୍ୟ ଓ ଅତିଥି ପରିଚୟ ପ୍ରଦାନ

କରିଥିଲେୟ ଉତ୍ସବରେ ବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ । ଏ ଅବସରରେ ବିଦ୍ୟାଳୟର ମାତୃଭାରତୀ ଗଠନ କରାଯାଇ ମା'ମାନଙ୍କର ବିଦ୍ୟାଳୟର ଉନ୍ନତିରେ ଯୋଗଦାନ ଉପରେ ଆଲୋକପାତ କରାଯାଇଥିଲା।୨ୟ ବର୍ଷ ଛାତ୍ରଛାତ୍ରୀ ଶିକ୍ଷା ଆରମ୍ଭ ହେବ ସହିତ ୧ମ ବର୍ଷ ବାର୍ଷିକ ପରୀକ୍ଷାରେ ପ୍ରଥମ ସ୍ଥାନ - ପ୍ରିୟଙ୍କା ହାଁସଦା, ଦ୍ୱିତୀୟ ସ୍ଥାନ - ସ୍ୱୟଂଶ୍ରଦ୍ଧା ବେହେରା, ତୃତୀୟ ସ୍ଥାନ - ଅଙ୍କିତା ରାଣୀ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା । ପରିଶେଷରେ ଛାତ୍ରଛାତ୍ରୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା ।

ବଡ଼ ଝରିଲୋରେ ଶିଶୁ ବିକାଶ ବିଦ୍ୟା ମନ୍ଦିରର ତୃତୀୟ ବାର୍ଷିକ ଉତ୍ସବ

ଫୁଲନଖରା,୯ ।୪:(ମନ୍ଥନ) କଟକ ସଦର ଥାନା ଅନ୍ତର୍ଗତ କୁରାଙ୍ଗଶାସନ ଗ୍ରାମ ପଞ୍ଚାୟତର ବଡ଼ ଝରିଲୋ ଗ୍ରାମରେ ଅବସ୍ଥିତ ଶିଶୁ ବିକାଶ ବିଦ୍ୟା ମନ୍ଦିରର ତୃତୀୟ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଉତ୍ସାହ ଓ ଉଦ୍ଦୀପନାର ସହ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ଉତ୍ସବରେ ଛାତ୍ରଛାତ୍ରୀ, ଅଭିଭାବକ ଓ ଅଞ୍ଚଳବାସୀଙ୍କର ଉଲ୍ଲେଖନୀୟ ସମାଗମ ଦେଖିବାକୁ ମିଳିଥିଲା । ବିଦ୍ୟାଳୟର ସଭାପତି ଶ୍ରୀଯୁକ୍ତ ଦୀପକ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବରେ ନିଆଳି ବିଧାୟକଙ୍କ ପ୍ରତିନିଧି ଶ୍ରୀଯୁକ୍ତ ଧୀରେନ୍ଦ୍ର କୁମାର ବାରିକ ଯୋଗଦେଇଥିଲେ । ସେ ତାଙ୍କ ଉଦ୍‌ବୋଧନରେ କହିଥିଲେ ଯେ, ଶିକ୍ଷା ହେଉଛି ଜୀବନର ସବୁଠାରୁ ବଡ଼ ଶକ୍ତି, ଯାହା ମାନବକୁ ସଠିକ ଦିଗରେ ଆଗକୁ ବଢ଼ାଇ ନେଇଥାଏ । ଛାତ୍ରଛାତ୍ରୀମାନେ କେବଳ ପାଠ୍ୟପୁସ୍ତକରେ ସୀମିତ ରହିନଥାଇ ନୀତିମୂଲ୍ୟ ଓ ଶିଷ୍ଟାଚାରକୁ ଜୀବନରେ ଅନୁସରଣ କରିବାକୁ ସେ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ସାଂସଦଙ୍କ ପ୍ରତିନିଧି ଶ୍ରୀଯୁକ୍ତ ଦିଲୀପ କୁମାର ପାତ୍ର ଉପସ୍ଥିତ ଥିଲେ । ସେ ତାଙ୍କ ଅଭିଭାଷଣରେ ଗ୍ରାମାଞ୍ଚଳରେ ଏପରି ଶିକ୍ଷା ପ୍ରତିଷ୍ଠାନର ଭୂମିକାକୁ ଅତ୍ୟନ୍ତ ସ୍ତୁତିଯୋଗ୍ୟ ବୋଲି କହିଥିଲେ ଏବଂ ଛାତ୍ରଛାତ୍ରୀମାନେ ଉଚ୍ଚ ଲକ୍ଷ୍ୟ ଧାରଣ କରି ଦେଶ ଓ ସମାଜର ଉନ୍ନତିରେ ନିଜ ଅବଦାନ ରଖିବାକୁ ଆହ୍ୱାନ କରିଥିଲେ । ଆଇନଜୀବୀ ଶ୍ରୀଯୁକ୍ତ

କବିନାରାୟଣ ଜେନା ଶିକ୍ଷା ସହ ନ୍ୟାୟ ଓ ନୀତିର ସମ୍ପର୍କ ବିଷୟରେ ଆଲୋକପାତ କରିଥିଲେୟ ମୁଖ୍ୟ ବକ୍ତା ଭାବେ ଭାରତୀୟ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନର ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀଯୁକ୍ତ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ ତାଙ୍କ ଗଭୀର ଉଦ୍‌ବୋଧନରେ କହିଥିଲେ ଯେ, ଆଧୁନିକ ଶିକ୍ଷା ସହ ସଂସ୍କାରମୂଳକ ଶିକ୍ଷାର ସମନ୍ୱୟ ହିଁ ଛାତ୍ରଛାତ୍ରୀମାନଙ୍କ ସମ୍ପୂର୍ଣ୍ଣ ବିକାଶର ପଥକୁ ସୁଗମ କରେ । ବିଦ୍ୟାଳୟର ସମ୍ପାଦିକା ଶ୍ରୀମତୀ ପ୍ରିୟଦର୍ଶିନୀ ମହାପାତ୍ର ତାଙ୍କ ଉଦ୍‌ବୋଧନରେ ବିଦ୍ୟାଳୟର ଗତ ବର୍ଷର ସଫଳତା ଓ ଆଗାମୀ ପରିକଳ୍ପନା ବିଷୟରେ ଉଲ୍ଲେଖ କରିଥିଲେ । ଏହି ଅବସରରେ ପାଠ୍ୟକ୍ରମ ଓ ସାହିତ୍ୟିକ, କ୍ରୀଡ଼ା ଓ ସାଂସ୍କୃତିକ କ୍ଷେତ୍ରରେ ସ୍ୱେଚ୍ଛାନୁସାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ପୁରସ୍କୃତ ଛାତ୍ରଛାତ୍ରୀମାନଙ୍କ ମନରେ ଆନନ୍ଦ ଓ ଆତ୍ମବିଶ୍ୱାସ ବଢ଼ି ଯାଇଥିଲାୟ ଶେଷରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ଅକ୍ଷୟ କୁମାର ମହାନ୍ତି ଅତିଥିମାନଙ୍କୁ ଧନ୍ୟବାଦ ଜଣାଇବା ସହିତ ସମସ୍ତଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ସଫଳ ହୋଇଥିବା କଥା କହିଥିଲେ । ପରିଚାଳନା କମିଟିର ଯୁଗ୍ମ ସମ୍ପାଦକ ଶ୍ରୀଯୁକ୍ତ ଲକ୍ଷ୍ମଣ କୁମାର ସାହୁ, ଏମ.ଡି. ଅଜିଜ, କୈଳାଶ ଚନ୍ଦ୍ର ସାହୁ, ସୁବାଷ ଚନ୍ଦ୍ର ସାହୁ, ଗଗନ ଦାସ, ଧନେଶ୍ୱର ପାତ୍ର ଓ ସମସ୍ତ ଗୁରୁଜୀ, ଗୁରୁମା ଓ ସେବିକାମାନେ କାର୍ଯ୍ୟକ୍ରମକୁ ସୁଚାରୁ ଭାବରେ ପରିଚାଳନା କରିଥିଲେ । ଶିଶୁ ବିକାଶ ବିଦ୍ୟା ମନ୍ଦିରର ଏହି ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଶିକ୍ଷା, ସଂସ୍କାର ଓ ପ୍ରେରଣାର ଏକ ଉତ୍କୃଷ୍ଟ ମଞ୍ଚ ଭାବେ ପରିଣତ ହୋଇଥିଲା ।

ଶୁକ୍ରବାର ୧୦, ଏପ୍ରିଲ୍, ୨୦୨୬ ଭୁବନେଶ୍ୱର
FRIDAY,10 APRIL, 2026, BHUBANESWAR

'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

ସଭ୍ୟତାର ସୁରକ୍ଷା

କୌଣସି ସଭ୍ୟତାର ଅଭ୍ୟୁଦୟ ଓ ବିନାଶର କାହାଣୀ ସେହି ସମୟର ଜଳସମ୍ପଦ ସହିତ ଜଡ଼ିତ । ମାନବ ଜାତିର ଅସ୍ତିତ୍ୱ ତଥା ସଂରକ୍ଷଣ ପାଇଁ ଜଳର ଗୁଣବତ୍ତା (ଶୁଦ୍ଧ ଓ ସୁରକ୍ଷିତ), ବିଶେଷକରି ପାନୀୟଜଳର ମାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଜୀବନ ଧାରଣ ନିମନ୍ତେ ଜଳର ଅନନ୍ୟ ଭୂମିକା ସତ୍ତ୍ୱେ, ବିଶ୍ୱବ୍ୟାପୀ ପାନୀୟଜଳର ଗୁଣବତ୍ତା ସନ୍ତୋଷଜନକ ନୁହେଁ । ଜଳ ଗୁଣବତ୍ତାର ମାନ ଭୌଗୋଳିକ ସ୍ଥିତି ଅନୁସାରେ ଭିନ୍ନ ଭିନ୍ନ ହୋଇଥିବାବେଳେ ଏହା ବିଭିନ୍ନ ପ୍ରାକୃତିକ ଓ ମନୁଷ୍ୟକୃତ ପରିବେଶର କାରକ ଦ୍ୱାରା ପ୍ରଭାବିତ ହୋଇଥାଏ । ଭାରତ ଏକ ବିଶାଳ ଜନସଂଖ୍ୟାର ଦେଶ ହେତୁ ଏଠାରେ ଜଳ ସମ୍ପଦର ଚାହିଦା ବହୁତ ଅଧିକ । ଗତ ତିନି ଦଶନ୍ଧିକୁ ଲକ୍ଷ୍ୟକଲେ ଏହା ସ୍ପଷ୍ଟ ଅନୁମେୟ ଯେ; ଭାରତରେ ପାନୀୟଜଳର ପ୍ରାପ୍ୟତା ବୃଦ୍ଧି ପାଇଥିଲେ ମଧ୍ୟ ଜଳର ଗୁଣବତ୍ତା ଏକ ସମସ୍ୟା ଭାବେ ଉଭା ହୋଇଛି । ଆଜି ଭାରତ ଯେତେବେଳେ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତି ହେବାର ଗୌରବ ଅର୍ଜନ କରୁଛି ବୋଲି କୁହାଯାଉଛି, ସେତେବେଳେ ଭାରତ, 'ନିରାପଦ ପାନୀୟ ଜଳ' ଭଳି ଏକ ମୌଳିକ ଆବଶ୍ୟକତା ପୂରଣ ନ କରିପାରିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପରିସଂଖ୍ୟାନ ଦୃଷ୍ଟିରୁ ଦେଖିଲେ ଭାରତରେ ଜଳର ଗୁଣବତ୍ତାଜନିତ ସମସ୍ୟା ଦୀର୍ଘଦିନ ଧରି ଚାଲୁଥିବା ଏକ ପରିବେଶୀୟ ଓ ସାମାଜିକ ସମସ୍ୟା ରୂପେ ଉତ୍କଟ ହୋଇଛି । ୨୦୨୬ ମସିହା, 'ବିଶ୍ୱ ଜଳ ଗୁଣବତ୍ତା ସୂଚକାଙ୍କ', 'ସମ୍ମିଳିତ ଜଳ ପରିଚାଳନା ସୂଚକାଙ୍କ'ଏବଂ 'ପରିବେଶ ପ୍ରଦର୍ଶନ ସୂଚକାଙ୍କ'ରେ ଭାରତର ମାନ୍ୟତା ଏକ ଗମ୍ଭୀର ଚିନ୍ତାର ବିଷୟ ହୋଇଛି । ନିକଟରେ ପ୍ରକାଶ ପାଇଥିବା ବିଶ୍ୱ ଜଳ ଗୁଣବତ୍ତା ସୂଚକାଙ୍କରେ ୧୨୨ଟି ଦେଶ ମଧ୍ୟରୁ ଭାରତ ୧୨୦ତମ ସ୍ଥାନରେ ରହିବା ଓ ସମ୍ମିଳିତ ଜଳ ପରିଚାଳନାରେ ବିଫଳ ହେବା କେବଳ ଏକ ପରିସଂଖ୍ୟାନ ନୁହେଁ, ବରଂ ଏହା ଆମର ନ୍ୟାୟ, ନୈତିକ ଦାୟିତ୍ୱବୋଧ, ଶାସନତନ୍ତ୍ର ଓ ବିକାଶର ମଡେଲ ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଭାରତ ପୃଥିବୀର ମୋଟ ଭୂଭାଗର ପ୍ରାୟ ୨.୪ ପ୍ରତିଶତ ଅଂଶ ଦଖଲ କରିଥିଲେ ମଧ୍ୟ ଏଠାରେ ପୃଥିବୀର ପ୍ରାୟ ୧୮ ପ୍ରତିଶତ ଲୋକ ବାସ କରନ୍ତି । କିନ୍ତୁ ଭାରତରେ ମୋଟ ମଧୁର ଜଳସମ୍ପଦ ପୃଥିବୀର କେବଳ ୪ ପ୍ରତିଶତ ଅର୍ଥାତ୍ ? ଭାରତରେ ଜଳସମ୍ପଦ ଉପରେ ଚାପ ବହୁତ ପଡୁଛି । ନୀତି ଆୟୋଗ ଓ ବିଶ୍ୱବ୍ୟାଙ୍କର ସାମ୍ପ୍ରତିକ ତଥ୍ୟ ଅନୁଯାୟୀ, ଭାରତର ପ୍ରାୟ ୭୦ ପ୍ରତିଶତ ପୃଷ୍ଠଭାଗ (ନଦୀ, ହ୍ରଦ ଓ ଜଳାଶୟ)ଜଳ ପ୍ରଦୂଷିତ । ଦିନକୁ ଦିନ ଏହାର ଗୁଣବତ୍ତା ହ୍ରାସ ପାଇବାରେ ଲାଗିଛି, ଯାହା ସିଧାସଳଖ ବ୍ୟବହାର ପାଇଁ ଅନୁପଯୁକ୍ତ ହୋଇଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମତରେ ଜଳରେ ଜୈବିକ ଉପାଦାନ (ବ୍ୟାକ୍ଟେରିଆ,ଭୂତାଣୁ, ପରଜୀବୀ, ଶୈବାଳ), ରାସାୟନିକ ଉପାଦାନ (ନାଇଟ୍ରେଟ ଓ ଫସ୍ ?ଫେଟ), କୀଟନାଶକ (ଫ୍ଲୋରାଇଡ ଓ ଆର୍ସ ?ନିକ), ଭାରିଧାତୁ (ସୀସା,ପାରଦ ଓ କ୍ରୋମିଅମ), ଭୌତିକ ଉପାଦାନ (ମାଟି, କାଦୁଅ, ପ୍ଲାଷ୍ଟିକ, ତୈଳ ପଦାର୍ଥ ଓ ପଥର) ଆଦି ମିଶି ଜଳର ଗୁଣବତ୍ତାକୁ ହ୍ରାସ କରିଥାଏ । ସାଧାରଣରେ ବୁଝିବାକୁ ଗଲେ ଜଳରେ ଯେତେବେଳେ କଠିନ ପଦାର୍ଥ (ଟିଡିଏସ୍ ?), ଅମ୍ଳତା (ପିଏଚ୍) ଏବଂ କ୍ଷାରର ମାତ୍ରା ସୀମା ବାହାରକୁ ଚାଲିଯାଏ, ସେତେବେଳେ ସେହି ଜଳ ବ୍ୟବହାର ପାଇଁ ଅନୁପଯୁକ୍ତ ହୁଏ । ଏକ ସର୍ଭେ ?ରୁ ଜଣାପଡିଛି, ଭାରତର ମାତ୍ର ୧୫ ପ୍ରତିଶତ ଲୋକ ଜଳକୁ ବିଶୁଦ୍ଧ କରିବା ପାଇଁ ଫିଲ୍ଟର୍ ? ବ୍ୟବହାର କରୁଥିବା ବେଳେ ୧୦ ପ୍ରତିଶତ ଲୋକ ଜଳକୁ ଫୁଟାଇ ବ୍ୟବହାର କରିଥାନ୍ତି । ଅବଶିଷ୍ଟ ଲୋକ ଜଳକୁ ସିଧାସଳଖ ବ୍ୟବହାର କରୁଛନ୍ତି । ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ତଥ୍ୟ ଅନୁଯାୟୀ ବ୍ୟବହାର ଅନୁପଯୋଗୀ ଜଳକୁ ନୈଦିନ ଜୀବନରେ ବ୍ୟବହାର କରି ପ୍ରତିବର୍ଷ ଲକ୍ଷାଧିକ ଲୋକ ଜଳଜନିତ ରୋଗ (ଡାଇରିଆ, କଲେରା, ଜଣ୍ଡିସ,ଟାଇଫଏଡ୍ ? ଓ ହେପାଟାଇଟିସ)ରେ ପୀଡ଼ିତ ହୁଅନ୍ତି ଓ ବାର୍ଷିକ ହାରାହାରି ପ୍ରାୟ ୨ ଲକ୍ଷ ଲୋକଙ୍କର ପ୍ରାଣହାନି ଘଟିଥାଏ । ବିଶେଷ କରି ଭାରତର ଶ୍ରମଶକ୍ତିର ମେରୁଦଣ୍ଡ ସାଜିଥିବା ବସ୍ତି ବା ଅଣଆନୁଷ୍ଠାନିକ ବସତିଗୁଡ଼ିକ ଓ ଗ୍ରାମାଞ୍ଚଳରେ ରହୁଥିବା ଲୋକମାନେ ସିଧାସଳଖ ଭୂପୃଷ୍ଠର ଏହି ଦୂଷିତ ଜଳକୁ ବ୍ୟବହାର କରି ନାନା ରୋଗରେ ପୀଡ଼ିତ ହେଉଛନ୍ତି । କେବଳ ଏତିକି ନୁହେଁ, ଭୂତଳ ଜଳରେ ପ୍ରଦୂଷଣର ମାତ୍ରା ମଧ୍ୟ ଦିନକୁ ଦିନ ବଢ଼ି ଚାଲିଛି । ଭାରତ ବିଶ୍ୱର ସବୁଠାରୁ ଅଧିକ ଭୂତଳ ଜଳ ବ୍ୟବହାରକାରୀ ଦେଶ ହୋଇଥିବାରୁ ଜଳଜନିତ ରୋଗରେ ଆକ୍ରାନ୍ତଙ୍କ ସଂଖ୍ୟା ଆଶାତୀତ ବୃଦ୍ଧି ପାଉଛି । ବିଡ଼ମ୍ବନାର ବିଷୟ ଯେ ଭାରତ ଯେତେବେଳେ ମେଗା-ପ୍ରୋଜେକ୍ଟ, ହାଇ-ସ୍ପିଡ କରିଡର ଏବଂ ଅନ୍ତର୍ଜାତୀୟ ଶିଖର ସମ୍ମିଳନୀ ପାଳନ କରୁଛି, ସେତେବେଳେ ଜଳ ଭିତ୍ତିଭୂମି ସେହିପରି ପୁରୁଣା କାଳିଆ ହୋଇ ରହିଛି କିମ୍ବା ଆଦୌ ନାହିଁ । ଜଳ ଶାସନ ବିଭିନ୍ନ ମନ୍ତ୍ରଣାଳୟ, ରାଜ୍ୟ ଏବଂ ସଂସ୍ଥା ମଧ୍ୟରେ ବିଭକ୍ତ ହୋଇ ରହିଛି, ଯେଉଁଠି ଉତ୍ତରଦାୟିତ୍ୱ କମ୍ ? ଏବଂ ସମନ୍ୱୟ ତା'ଠାରୁ ବି କମ । ସରକାରଙ୍କର ସାର୍ବଜନୀନ ଜଳ ବ୍ୟବସ୍ଥା ପ୍ରତି ଅନେକ ଦଶନ୍ଧି ଧରି ଅବହେଳା, ସ୍ଥାୟୀ ସମାଧାନ ନ କରିବା, ସାର୍ବଜନୀନ ପୁଞ୍ଜିନିବେଶ ନ କରିବା, ବିକେନ୍ଦ୍ରୀକୃତ ଜଳ ପରିଚାଳନା ବ୍ୟବସ୍ଥା, ପ୍ରଦୂଷଣ ନିୟନ୍ତ୍ରଣ ବାହାରକୁ ଚାଲିଯିବା, ଭୂତଳ ଜଳ ସୁରକ୍ଷା ନ କରିପାରିବା, ଆୟୋଜିତ ସହରୀକରଣ, ଶିଳ୍ପ ପ୍ରଦୂଷଣ, ନଦୀ ପରିଚାଳନାରେ ତ୍ରୁଟି, ବର୍ଜ୍ୟବସ୍ତୁ ପରିଚାଳନାର ଅଭାବ ଏବଂ ଜଳବାୟୁ ପ୍ରତି ଅଜ୍ଞତା ଯୋଗୁ ଆଜି ଆମ ଦେଶରେ ଏକ ପୂର୍ବକାଳୀନ ଜଳ ଜରୁରିକାଳୀନ ପରିସ୍ଥିତି ସୃଷ୍ଟି ହୋଇଛି ।

ଦେଶର ପ୍ରଥମ ଇଚ୍ଛାମୃତ୍ୟୁ : ପେସିଭ ୟୁଥାନେସିଆକୁ ମୃତ୍ୟୁ ଅନୁଭୂତି

ପ୍ରଫେସର ଡାକ୍ତର ସମ୍ରାଟ କର

ଦେଶର ପ୍ରଥମ ବ୍ୟକ୍ତିଭାବେ ଇଚ୍ଛାମୃତ୍ୟୁ ପାଇଁ ଅନୁମତି ପାଇଥିବା ହରିଶ ରାଣାଙ୍କର ଦିଲ୍ଲୀ ଏମ୍ସରେ ପରଲୋକ ଘଟିଛି । ଜୀବନ କ'ଣ ବୁଝିବା ଆଗରୁ ଶେଷ ହୋଇଯାଏ ଜୀବନ । ଜୀବନକୁ ଭଲ ପାଇ ଆଗକୁ ବଢୁଥିବାବେଳେ ଜଣେ ଜଣେ ବିଦ୍ୟାର୍ଥୀଙ୍କ ସ୍ୱପ୍ନ ଓ ସମ୍ଭାବନା ସବୁ ଚୁରମାର ହୋଇଯାଏ କେବଳ ସେତିକିରେ କଥା ଅଟକି ନାହିଁ । ତେରବର୍ଷ ବିଛଣାରେ ହିଁ ନିଜ ଦୁନିଆକୁ ଜାଣି ନପାରିବି ଶ୍ୱାସପ୍ରଶ୍ୱାସର ଜୀବନ ବଞ୍ଚୁଥିବା ହରିଶଙ୍କୁ ପରିଶେଷରେ ମିଳିଛି ମୃତ୍ୟୁ ଅନୁମତି । ସୁପ୍ରିମକୋର୍ଟର ଇତିହାସ ଓ ଭାରତର ଇଚ୍ଛାମୃତ୍ୟୁ ମାମଲାରେ ଏହା ପ୍ରଥମ ଓ ବିରଳତମ । ସର୍ବୋଚ୍ଚ ଅଦାଲତର ଦୁଇ ଜଣିଆ ଖଣ୍ଡପୀଠଙ୍କ ଅଶ୍ରୁସ୍ୱଜଳ ଚକ୍ଷୁରେ ୩୧ ବର୍ଷ ବୟସ୍କ ହରିଶ ରଣାଙ୍କ ୟୁଥାନେସିଆକୁ ସ୍ୱୀକୃତି ପ୍ରଦାନ ଓ ଯେଉଁ ପିଲାଟି ଦିନେ ଯାହାଙ୍କୁ ଶେଷ ବିଦାୟ ଜଣାଇ ଥାଆନ୍ତା ବରଂ କି ଦୁର୍ଭାଗ୍ୟ ସେଠି ଅଶ୍ରୁତର୍ପଣର ବାକରୁଦ୍ଧ ସନ୍ଧିକ୍ଷଣ ଭିତରେ ନିଜ ପ୍ରାଣ ଠାରୁ ଅଧିକ ପ୍ରିୟ ସନ୍ତାନଟିର ହାତ ଧରି ଯେତେବେଳେ ଅନ୍ତିମ ବିଦାୟ ଦେଉଛି, ଭାବିଲା ବେଳକୁ ସମସ୍ତଙ୍କ ଆଖିରେ ଲୁହ ଆସିଯିବା ଯେତିକି ପୀଡ଼ା ଦାୟକ, ସେତିକି ସ୍ପର୍ଶକାତର ଓ ସେତିକି ମର୍ମସ୍ପର୍ଶୀ । କିଛି ବର୍ଷ ତଳେ ମୁମ୍ବାଇର କେ.ଇ.ଏମ୍. ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଚଳତ୍‌ଶକ୍ତିଶୂନ୍ୟ ଅରୁଣାଙ୍କ ସକାଶେ ୟୁଥାନାସିଆ ଲୋଡ଼ି ପ୍ରସିଦ୍ଧ ଲେଖିକା ପିଙ୍କି ବିରାନୀଙ୍କ ଅପିଲକୁ ମାନ୍ୟବର ସୁପ୍ରିମକୋର୍ଟ ଗ୍ରହଣ କରିନଥିଲେ । ହରିଶଙ୍କ କ୍ଷେତ୍ରରେ ଉପରୋକ୍ତ ଘଟଣାଟିକୁ ଦେଖିଲେ ସେ ସମୟର ଅର୍ଥାତ୍ ୨୦୧୧ ମସିହାର ପାଖାପାଖି ଦେଢ଼ ଦଶନ୍ଧି ପରେ ୟୁଥାନାସିଆ ମାନ୍ୟବର ଅଦାଲତଙ୍କ ଦ୍ୱାରା ଗ୍ରହଣୀୟ ହେଉଛି । ବିଶ୍ୱରେ ସ୍ୱିଜରଲ୍ୟାଣ୍ଡ, କାନାଡ଼ା, ଜର୍ମାନୀ ପରି କ୍ୱଚିତ ଦେଶରେ ସକ୍ରିୟ ବା ଆକ୍ଟିଭ ୟୁଥାନେସିଆର ବିଧିବଦ୍ଧ ପ୍ରଚଳନ ରହିଛି । ସେଠାରେ ଜୀବନର ସମ୍ଭାବ୍ୟ ଆଶା ନଥିବା ଏବଂ ଯନ୍ତ୍ରଣା ଜର୍ଜରିତ ଦୀର୍ଘ ବର୍ଷର ପୀଡ଼ିତଙ୍କ ପାଇଁ ନିର୍ଦ୍ଦିଷ୍ଟ ଇଞ୍ଜେକ୍ସନ ଓ ଔଷଧ ଦ୍ୱାରା ଯନ୍ତ୍ରଣାଶୂନ୍ୟ ମହାପ୍ରସ୍ଥାନର ଏକ ପ୍ରକାର ରାସ୍ତା ରଖାଯାଇଥାଏ । ଆତ୍ମହତ୍ୟା ଓ ଇଚ୍ଛାମୃତ୍ୟୁ ସମାନ ନୁହେଁ । ଛାତ୍ରାବାସରୁ ଦୁର୍ଘଟଣାଗ୍ରସ୍ତ ହୋଇ ଗୁରୁତର ଆହାତ ହୋଇ ଭେଣ୍ଟିଲେଟରରେ ସବୁ ଅଙ୍ଗ ଅଚଳ ହୋଇ କେବଳ ଲାଇଫ ସପୋର୍ଟରେ ହରିଶ ଯାହା ବଞ୍ଚୁଥିଲେ । ହରିଶଙ୍କ ପିତାମାତା ଛାତି ଉପରେ ପଥର ରଖି ନିଜ ପୁଅକୁ ଶାନ୍ତିର ବିଶ୍ରାମ ଦେଇ ଦେବା ପାଇଁ ବର୍ଷ ବର୍ଷ ଧରି କୋର୍ଟ କଚେରୀ ଦୌଡ଼ିଥିଲେ । ପରିବାର ବ୍ୟୟବହୁଳ ଚିକିତ୍ସା ଆପଣାଇ ହରିଶଙ୍କ ଚିକିତ୍ସା ପାଇଁ ଉତ୍କଟ ଅର୍ଥାଭାବକୁ ସମ୍ମୁଖୀନ ହେଉଥିବାରୁ ତାଙ୍କ ପରିଣତ ବୟସର ବାପା ଘରେ ଘରେ

ବୁଲି ଖାଦ୍ୟ ସାମଗ୍ରୀ ବିକ୍ରି କରୁଥିଲେ । ଚିକିତ୍ସା ପାଇଁ ଘରର ସବୁକିଛି ଏପରିକି ଘର ଖଣ୍ଡିକ ମଧ୍ୟ ବିକ୍ରି ହୋଇଯାଇଥିଲା । ପରିବାରର ଶେଷ ପୁତ୍ରଟି ଆଶିସ ମେଧାବୀ ହୋଇ ମଧ୍ୟ ଉଚ୍ଚଶିକ୍ଷା ସମୟରୁ ପାଠରେ ଡୋରୀ ବାନ୍ଧି ଭାଇ ଓ ପରିବାରର ଦାୟିତ୍ୱରେ ନିଜକୁ ନିୟୋଜିତ ରଖିଥିଲେ । ଦିଲ୍ଲୀ ହାଇକୋର୍ଟ ମଧ୍ୟ ଏହି ମାମଲା ଖାରଜ କରିଦେଲେ । ସୁପ୍ରିମକୋର୍ଟରେ ରାୟ ପ୍ରଦାନ କରୁଥିବା ମାନ୍ୟବର ଜର୍ଜ ମଧ୍ୟ ଭାବପ୍ରବଣ ହୋଇପଡ଼ିଥିଲେ । ରାୟର ପ୍ରଥମ ଧାଡ଼ିଟି ଥିଲା 'ଏ ଯୁବକଙ୍କ ଯନ୍ତ୍ରଣା ଦେଖିବା ସମ୍ଭବ ନୁହେଁ.....' ।

ଆତ୍ମହତ୍ୟା ଅନ୍ୟ ମାନଙ୍କ ଅଜ୍ଞାତରେ ଘଟୁଥିବାବେଳେ ଇଚ୍ଛାମୃତ୍ୟୁରେ ଆଇନଗତ ଭାବେ ଜଣେ ନିଜକୁ ଶେଷ କରିଦେଇଥାଏ । ୟୁଥାନେସିଆର ଅର୍ଥ ହେଉଛି ନିଜ ଯନ୍ତ୍ରଣାଦାୟକ ଜୀବନକୁ ଚିକିତ୍ସକମାନଙ୍କର ସାହାଯ୍ୟ ନେଇ ଶେଷ କରିବା । ପେସିଭ ୟୁଥାନେସିଆ ଆତ୍ମହତ୍ୟା ସହିତ ସମାନ ଧରଣର ହୋଇଥିବାରୁ ଏଯାବତ ଏହା ଆଇନରେ ମଧ୍ୟ ପରିଣତ ହୋଇନାହିଁ । ଦିନ ଦିନ, ବର୍ଷ ବର୍ଷ ଧରି ପାଖରେ ଜଣେ ଯନ୍ତ୍ରଣା କ୍ଲିଷ୍ଟର ଅସ୍ୱସ୍ତ ଓ ଲୁହ ଭରା ପରିବେଶ ପାଖ ପରିଜନଙ୍କୁ ଅତ୍ୟନ୍ତ ମାନସିକ ଅସନ୍ତୁଳନ ଓ ଗଭୀର ଚାପ ଭିତରେ ରଖିଥାଏ । ପରିବାରରେ ଅର୍ଥନୀତି ଠାରୁ ଅନ୍ୟ ମାନଙ୍କ ଭଲମନ୍ଦ ପଛରେ ପଡ଼ିଯାଏ । ଏପରି ହୋଇଛି କମ ବୟସର ଏପରି ଭୟାନକ ପୀଡ଼ିତ ମାନଙ୍କୁ ଦେଖି ପରିବାରର ଜଣେ ଜଣେ ବରିଷ୍ଠ ନାଗରିକଙ୍କର ଆକସ୍ମିକ ପରଲୋକ ହୋଇଯାଇଛି । ଘରର ମୁରବୀ, ଘରର ଅର୍ଥନୀତିର ବୋଝ ବୋହୁଥିବା ଲୋକଟି ଯଦି ଏପରି ଦୁର୍ଭାଗ୍ୟକୁ ସାମ୍ନା କରେ ତେବେ ସେ ପରିବାରର ଦୁର୍ଦ୍ଦଶା ଅକଥନୀୟ ଓ ଅକଳ୍ପନୀୟ ହୋଇପଡ଼ିଥାଏ । ତେବେ ଯେଉଁ ପର୍ଯ୍ୟନ୍ତ ପୀଡ଼ିତ ଜଣଙ୍କ ଅନ୍ତତଃ ଅନ୍ୟ ମାନଙ୍କ ଆଚରଣ, କଥାବାର୍ତ୍ତା ବୁଝି ପାରୁଥିବ ସେ ପର୍ଯ୍ୟନ୍ତ ତାଙ୍କ ପାଇଁ ଅତ୍ୟନ୍ତ ମୂଲ୍ୟବାନ ସମୟଟି କାଟିବାକୁ ଭୁଲନ୍ତୁ ନାହିଁ । ଏହି ଆଲୋଚନା ସମୟରେ ଜୈନ ସମାଜର ଆଧ୍ୟାତ୍ମିକ ବିଶ୍ୱାସରେ ଥିବା 'ସନ୍ଥାରା', ହିନ୍ଦୁ ମାନଙ୍କ ବିଶ୍ୱାସରେ ଥିବା 'ସମାଧି'କୁ ଇଚ୍ଛାଧୀନ ମୃତ୍ୟୁ ଭାବେ ଗଣମାଧ୍ୟମରେ ବ୍ୟାପକ ଖବର ସବୁ ପ୍ରକାଶ ପାଇଛି । ଆଜିର ଚିକିତ୍ସା ବିଜ୍ଞାନ ଦିନକୁ ଦିନ ଉଚ୍ଚତର ଗବେଷଣାରେ ଅହର୍ନିଶ ଜାରି ରହିଛି ଯେ ଜଣଙ୍କର ଜୀବନକୁ ହୁଏତ ଯନ୍ତ୍ରଣାମୁକ୍ତ ଶେଷ ବିଦାୟ କୁହାଯାଇପାରେ କିନ୍ତୁ ଏହା ଏପରି ସର୍ବଶେଷ ଆଶ୍ରୟ ନ ହୋଇପାରିବ । ଆମ ପ୍ରାଚୀନତମ ଜନ ଜୀବନର ଜୀବନ ଚିତ୍ରଟି ହେଉଛି ଜଣେ ନିଜ ଜନ୍ମମାଟିରେ ପରିବାର ସହିତ ଜୀବନଟି ସଫଳତମ ଭାବେ ଅତିବାହିତ କରି ଆୟୁଷର ଶେଷ ସମୟଟି ସେହି ପରିବାରରେ ହସଖୁସିର ମେଳ ଭିତରେ ହିଁ ଅତିବାହିତ କରିଆସେ କିନ୍ତୁ ବର୍ତ୍ତମାନର ସମୟରେ ଜଣେ ଅନେକ ଅଫୁରନ୍ତ ଆନନ୍ଦ, ଜୀବନକୁ ଉପଭୋଗ କରିପାରୁଥାଏ କିନ୍ତୁ ଜୀବନର ଶେଷ କ୍ଷଣଟି ପରିବାରର, ଘରର ଲୋକମାନଙ୍କ ସହିତ ନୁହଁ ବରଂ ନାମୀଦାମୀ ଡାକ୍ତରଖାନାର ଜୀବନରକ୍ଷାକାରୀ ଚିକିତ୍ସା ବ୍ୟବସ୍ଥା ଭିତରେ କିମ୍ବା ଜାଣି ନଥିବା ଅପରିଚିତ ଲୋକମାନଙ୍କ ଗହଣରେ । ଜୀବନ ଅଛି ମାନେ ମୃତ୍ୟୁ ତ ଅଛି, କିନ୍ତୁ କିଛି ହତଭାଗ୍ୟ ମାନଙ୍କୁ ପୂର୍ଣ୍ଣ ଜୀବନର ଢ଼େର ପୂର୍ବରୁ ମାଡ଼ିବସିଥାଏ ଦୁର୍ଭାଗ୍ୟର କଳା ବାଦଲ । ଆଦୌ ଆରୋଗ୍ୟ ହେବାର କୌଣସି ସମ୍ଭବ ହେବା ନଥିବା ରୋଗୀ କେବଳ ଲାଇଫ ସପୋର୍ଟ ବା କୃତ୍ରିମ ଜୀବନ ନିର୍ବାହ ପ୍ରଣାଳୀରେ ବଞ୍ଚି ରହୁଥିବାରୁ ପୁଣି ସେମାନେ ଅସହ୍ୟ କଷ୍ଟ ଯନ୍ତ୍ରଣାରେ ବଞ୍ଚି ରହୁଥିବାରୁ ମରଣାନ୍ତକ ଯନ୍ତ୍ରଣାରୁ ମୁକ୍ତି ଦେବା ପାଇଁ ଅନେକ ବ୍ୟକ୍ତି ସ୍ୱେଚ୍ଛାସେବୀ ସଂଗଠନ ଏହି ରାୟର ପୂର୍ବରୁ ବିଭିନ୍ନ ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ମଧ୍ୟ ମାମଲା ଦାଏର କରିଥିଲେ । ତେବେ ଇଚ୍ଛାମୃତ୍ୟୁ ହୁଏତ ଆଇନ ଅଦାଲତରେ ମୋହର ଲାଗିବା ପରେ ଅନେକଙ୍କ ଜୀବନ ଦୀପ କଷ୍ଟମୟ ଯନ୍ତ୍ରଣା ଓ ଲୁହ ଭିତରୁ ବର୍ତ୍ତି ପାରିବ କିନ୍ତୁ ମାନବିକତା ଓ ମାନସିକତାର କଥା ଉଠିଲେ କିପରି ଏ ଦୁନିଆରେ ଆମେ ଯେଉଁଠି ସମସ୍ତେ ନିଜ ନିଜ ସ୍ୱପ୍ନ, କର୍ମ, ଆହ୍ୱାନକୁ ନେଇ ବଞ୍ଚି ଚାଲିଛେ ଠିକ ଆମରି ପାଖରେ ରହୁଥିବା ଜଣେ ତାଙ୍କ ଜୀବନ ଦୀପକୁ ସେ ନିର୍ବାପିତ କରିବା ପାଇଁ ଇଚ୍ଛା କରୁଛନ୍ତି ଏବଂ ଆମ ଠାରୁ ଦୂରେଇ ଯାଉଛନ୍ତି ମଧ୍ୟ ।

ମାନସିକ ରୋଗ ବିଶେଷଜ୍ଞ, 'ଦି'ବ୍ରେନ '
ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୪୩୭୧୬୩୪୦୬

ଲଗା ନାହିଁ କି ପଘା ନାହିଁ

ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଯଦି ପଚରା ଯାଏ ଏହା କାହା ପାଇଁ ଉଦ୍ଦିଷ୍ଟ ? ଉତ୍ତରରେ ଉତ୍ତର ଦାତାର ଚୁଲୀ ଚାଳ ରାଜତନ୍ତ୍ରରେ ଚାଲିଯାଉଥିଲା । ଏବେ ବି ଗଣତନ୍ତ୍ରରେ ଲୁପ୍ତ ହୋଇନାହିଁ; ଅତି ସ୍ୱାମୀକ ନାରୀ ମହାସବଳା, ରାଜକାନୁନକୁ ନେଇ ଦାୟିତ୍ୱ ନିର୍ବାହକାରୀଙ୍କ ଦୟା ଉପରେ ସମସ୍ତଙ୍କ ଭାଗ୍ୟ ସଦା ନିର୍ଭରଶୀଳ । ଆଇନ ପ୍ରଣୟନ ସ୍ଥାନରୁ ଦେଶର ସବୁ ଦିଗ ଶେଷ, ସବୁକୋଣ ଶେଷ, ପର୍ଯ୍ୟନ୍ତ ଦେଶ ସୀମା ବା ରାଜ୍ୟ ସୀମା ମଧ୍ୟରେ ସମସ୍ତଙ୍କ ପାଇଁ ସେ କାନୁନ କେମିତିକା କାମ କରୁଛି ବା କରିବ ଏହାର ନିରୀକ୍ଷକ ପଦବୀ ଥାଇପାରେ ମାତ୍ର ଭୋଗିବା ଲୋକଙ୍କୁ ସେ ଭେଟି କାନୁନ ଉତ୍ସ ସ୍ଥାନରେ ଲୋକଙ୍କ ତତକାନୁନ ଜନିତ ଭୁକ୍ତ ଅସୁବିଧା ଜଣାଇ ଆନୁସାଙ୍ଗିକ ବିକଳ୍ପ ଉପାୟ ବା କାନୁନର ଉପଧାରା କରାଇ ପାରୁଛନ୍ତି କି ? ପରିସଂଖ୍ୟାନ ପଦ୍ଧତିରେ ମାତ୍ର କେଇଟି ନଜିରକୁ ନେଇ କାନୁନକର୍ତ୍ତାଙ୍କୁ ରିପୋର୍ଟ କରି ବହୁଲୋକଙ୍କୁ କଷ୍ଟ ଦିଗକୁ ସଦା ଭିଡ଼ା ଯାଉଛି । ଆଳସ୍ୟ ଏକ ରାକ୍ଷସୀ ଉପସର୍ଗ ।

ବିଦ୍ୱାନ ହେଲେ ଅନ୍ୟର ଦୁଃଖ ନିଶ୍ଚୟ ବୁଝି ପାରନ୍ତି ମାତ୍ର ଡାକ ବିଦ୍ୱାନରେ କେବଳ ରୋଜଗାର ପାଇଁ ବିଦ୍ୱାନ ଦ୍ୱାହିରେ ସାର୍ଟିଫିକେଟ ହାସଲ କରିବା ବ୍ୟକ୍ତି ରାଜପଦବୀ ଧାରୀ ହୋଇଗଲେ ତାଙ୍କୁ ଅନେକ ପ୍ରକାରରେ ଆଳସ୍ୟ ଆସିଲେ ପ୍ରଜାଙ୍କୁ କଷ୍ଟ ମାର୍ଗ ଖୋଲିବାକୁ ଲାଗିବ । ନିଜର ଦରମା ଭତ୍ତା ଉପୁରିର ଅଭାବ ନାହିଁ ହେଲେ ବିଭିନ୍ନ କରବଢ଼ାଇ ଚାଲିଲେ ଲୋକେ କେଉଁଠୁ ଆଣି କରି ଭରିବେ, ପେ କମିଶନ ବର୍ଷକୁ ବର୍ଷ କର୍ମଚାରୀଙ୍କ ଦରମା ବଢ଼ାଉଛନ୍ତି ହେ କେଉଁ କମିଶନ ପ୍ରଜାଙ୍କର ରୋଜଗାର ବିଭିନ୍ନ ସ୍ତର ଚଳଣି ପାଇଁ ବଢ଼ାଉଛନ୍ତି । ଭାତ ଗଣ୍ଡେ ଖାଇ ବଞ୍ଚିବା ଆମ ଓଡ଼ିଆ ଲୋକଙ୍କ ପାଇଁ ସମସ୍ୟା ହେଲାଣି । ଘର ପାଖଚାଷ ଭୂମି ଆଉ ଚାଷ ଜମି ନୁହେଁ ସବୁ ଘରବାରୀ କ୍ଷେତ୍ର । ଚାଷ କ୍ଷେତ୍ରରେ ଅନେକ ପରିବର୍ତ୍ତନ ପାଉଁଶ, ଗୋବର ଖତ ନାହିଁ, ବଳଦ ନାହିଁ, ମୁଲିଆ ମିଳୁନାହାଁନ୍ତି । କେନାଲରେ ଜଳ ଆସୁ ନାହିଁ । ଅନେକ ବର୍ଷ ହେଲା କେନାଲ ମଜା ନେଉନାହିଁ, ଘର ବିହନ ଅଦରକାରୀ, ଫଳ ପନିପରିବା ମାଙ୍କଡ଼ ଉତ୍ପାତରୁ ହୋଇ ନାହିଁ । ଶାଗ ପତ୍ର ମାଙ୍କଡ଼ ଦୁହିଁ ଖାଇଯାଉଛନ୍ତି, ଏବେ ମାଳ ମାଳ ଷଣ୍ଢ ଗ୍ରାମାଞ୍ଚଳରେ ଆଡା ମାରୁଛନ୍ତି । ଲୋକେ କିଣି ଖାଇବାକୁ ବାଧ୍ୟ । ଡାଇବେଟିସ ରୋଗ ଏବେ ସବୁ ଲୋକଙ୍କୁ ଡାହାଣୀ ଭୂତ ଲାଗିବା ପରି ଲାଗିଲାଣି ଡାଉଲ ଡଉଲ ଶରୀରର ମାଠିରେ ଏକଣା । ଧାନ ନିଜର ଯାହା ମିଳୁଛି ତାହା ଆତଙ୍କିତ ଭୋଜ୍ୟ ଖାଦ୍ୟର ଉପାଦାନ ଯୋଗୁଁ ଲୋକେ ଅଟା କିଣି ଖାଇବା ବାଧ ହେଲେଣି । ପିଲା ପାଠ ପଢ଼ାରେ କି ଖର୍ଚ୍ଚ କହିହେଉ ନାହିଁ ? ଲୋକେ କେମିତିକା ସରକାରୀ ଦାନକୁ ଚାହିଁ ବସିଛନ୍ତି । ଆଗକୁ ଲୋକେ ଖାଇବେ କ'ଣ କିଏ ଟିକେ ବି ଭାବୁଛନ୍ତି କି ? ଲଗା ପଘା ଦୁଇଟି ଭିନ୍ନ ରୂପରେ ଗଣେଶଙ୍କ ଆୟୁଧ (ପାଶ) ଅଙ୍କୁଶ ସରକାର ଅଙ୍କୁଶ ଅନେକବେଳରେ ଅନେକ ସ୍ତରରେ ଅନେକ ଦ୍ରବ୍ୟରେ ଲଗାଉଛନ୍ତି ।

ପୁଣି ଲୋକଙ୍କୁ କାନୁନ ଫାଶରେ ବାନ୍ଧି ଦେବା ଉପାୟ କରୁଛନ୍ତି । ପାଶର ଭିନ୍ନପ୍ରୟୋଗ ଲଜ୍ୟା ଏହା କିନ୍ତୁ ଭୋଟ ଦେଇ ସରକାର ଗଢ଼ିଥିବା ଲୋକଙ୍କୁ ଲାଗୁଛି ଯେତେବେଳେ ବଢ଼ିବା କର ଦେବାକୁ ପଡୁଛି । ଗଣେଶ ଅର୍ଥ ଗଣଙ୍କ ଇଶ, ଯେ ଲୋକଙ୍କ ଦ୍ୱାରା ନିର୍ବାଚିତ ପାର୍ଲିଆମେଣ୍ଟ ସଦସ୍ୟ ବିଧାନ ସଭା ସଦସ୍ୟ ତାଙ୍କ ଆୟୁଧ ପାଶ ଅଙ୍କୁଶ ଅସୁର ବନ୍ଦୀ ଆସୁରୀ ବ୍ୟବସ୍ଥାରେ ପ୍ରୟୋଗ ନ ହୋଇ ଯଦି ତାଙ୍କ ଭକ୍ତ ଉପରେ ପଡ଼ିବ ତେବେ ଗଣେଶ ବକ୍ର ତୁଣ୍ଡ ନ ହୋଇ ଭୋଟର ମାନେ ଯେ ଆଗାମୀଙ୍କୁ ହେବେ ଏହା ତତ୍କାଳ ବୁଝା ପଡ଼ିବ ।

ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୧୦୩୧୨୫୩

ଭକ୍ତ କୁଳ ତିଳକ ହନୁମାନ ଜୀ କି ଜୟ !

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଯୁଗେ ଯୁଗେ ଧର୍ମ ରକ୍ଷା ନିମନ୍ତେ ଭଗବାନ ଶିବ ବହୁବାର ଅବତାର ନେଇଥିବା ଶିବପୁରାଣରେ ବର୍ଣ୍ଣନା ରହିଛି । ତ୍ରେତୟା ଯୁଗରେ ଭଗବାନ ଶ୍ରୀରାମଙ୍କ ସହାୟତା କରିବା ଲାଗି ତଥା ଧର୍ମ ରକ୍ଷା ନିମନ୍ତେ ଭଗବାନ ମହାଦେବଙ୍କ ଅବତାର ବୀର ହନୁମାନ ଜନ୍ମ ନେଇଥିଲେ । ହନୁମାନଙ୍କୁ ମହାଦେବଙ୍କ ଶ୍ରେଷ୍ଠ ଅବତାର ବୋଲି କୁହାଯାଇଥାଏ । ଶିବ ମହାପୁରାଣରେ ରହିଥିବା ବର୍ଣ୍ଣନା ଅନୁଯାୟୀ ସମୁଦ୍ର ମନ୍ଥନ ସମୟରେ ଦେବତା ଓ ଅସୁରଙ୍କ ମଧ୍ୟରେ ଅମୃତ ବାଣ୍ଟିବା ଲାଗି ଭଗବାନ ବିଷ୍ଣୁ ମୋହିନୀ ରୂପ ଧାରଣ କରିଥିଲେ । ମୋହିନୀଙ୍କ ଦିବ୍ୟ ସୁନ୍ଦର ରୂପ ଦେଖି ଲୀଳାବଶତଃ ଭଗବାନ ମହାଦେବଙ୍କ ବୀର୍ଯ୍ୟପାତ ହୋଇଥିଲା । ସପ୍ତଋଷି ଏହି ବୀର୍ଯ୍ୟକୁ କିଛି ପତ୍ରରେ ସଂଗୃହିତ କରି ରଖିଥିଲେ । ଉପଯୁକ୍ତ ସମୟ ଆସିବା ପରେ ସପ୍ତଋଷି ଭଗବାନ ଶିବଙ୍କ ବୀର୍ଯ୍ୟକୁ ବାନରରାଜ କେଶରୀଙ୍କ ପତ୍ନୀ ଅଞ୍ଜନାଙ୍କ କାନ ଜରିଆରେ ତାଙ୍କ ଗର୍ଭରେ ସ୍ଥାପିତ କରିଥିଲେ । ଫଳସ୍ୱରୂପ ଅଞ୍ଜନା ଏକ ଅତ୍ୟନ୍ତ ତେଜସ୍ୱୀ ଏବଂ ପ୍ରବଳ ପରାକ୍ରମୀ ପୁତ୍ର ଶ୍ରୀହନୁମାନଙ୍କୁ ଜନ୍ମ ଦେଇଥିଲେ । ସୂର୍ଯ୍ୟଦେବ ହନୁମାନଙ୍କୁ ନିଜ ୧୦୦ତମ ତେଜ ପ୍ରଦାନ କରିଥିଲେ । ଏହାଦ୍ୱାରା ହନୁମାନ ଶାସ୍ତ୍ରଜ୍ଞ ହୋଇପାରିଥିଲେ । ଶାସ୍ତ୍ରଜ୍ଞାନରେ ତାଙ୍କ ସହ କେହି ତୁଳନୀୟ ନଥିଲେ । ଧର୍ମରାଜ ତାଙ୍କୁ ବରଦାନ ଦେଇଥିଲେ ଯେ କେବେହେଲେ ଯମଦଣ୍ଡ ହନୁମାନଙ୍କୁ ଛୁଇଁପାରିବ ନାହିଁ । ଗଦା କେବେ ହେଲେ ହନୁମାନଙ୍କ ଅନିଷ୍ଟ କରିପାରିବ ନାହିଁ ବୋଲି କୁବେର ବରଦାନ ଦେଇଥିଲେ । କୌଣସି ଶିବାସ୍ତ୍ର ହନୁମାନଙ୍କ ଅନିଷ୍ଟ କରିପାରିବ ନାହିଁ ବୋଲି ମହାଦେବ ତାଙ୍କୁ ବରଦାନ ଦେଇଥିଲେ । ସେହିପରି ବଜ୍ର କେବେହେଲେ ହନୁମାନଙ୍କ ଅନିଷ୍ଟ କରିବ ନାହିଁ ବୋଲି ଇନ୍ଦ୍ରଦେବ ବରଦାନ ଦେଇଥିଲେ । ଦେବଶିଳ୍ପୀ ବିଶ୍ୱକର୍ମା ହନୁମାନଙ୍କୁ ବରଦାନ ଦେଇଥିଲେ, ତାଙ୍କ ଦ୍ୱାରା ନିର୍ମିତ କୌଣସି ଶସ୍ତ୍ର ହନୁମାନଙ୍କ କୌଣସି ଅନିଷ୍ଟ କରିପାରିବ ନାହିଁ । ସେ ସର୍ବଦା ଚିରଞ୍ଜିବୀ ହୋଇ ରହିବେ । ମହାବୀର ହନୁମାନ ଭକ୍ତି, ସେବା, ଜ୍ଞାନ, ସମର୍ପଣର ମହାନ ଉଦାହରଣ ଥୋଇ ଯାଇଛନ୍ତି । ପଞ୍ଚେନ୍ଦ୍ରୀୟ ଉପରେ ଅଦ୍ଭୁତ ନିୟନ୍ତ୍ରଣ ରଖିପାରିଥିଲେ ସେ । ମାନବ କଲ୍ୟାଣ ଉଦ୍ଦେଶ୍ୟରେ ଭୂପୃଷ୍ଠରେ ଜନ୍ମ ନେଇ ବୀର ହନୁମାନ ଆଜି ବି ଅସଂଖ୍ୟ ଭକ୍ତଙ୍କୁ ନିଜ ଆଶୀଷ ପ୍ରଦାନ କରୁଛନ୍ତି ।

ବିଭିନ୍ନ ଯୁଗର ତାତ୍ପର୍ଯ୍ୟ ସମ୍ବନ୍ଧରେ ଆଲୋଚନା ଛଳରେ ପରମ ପ୍ରେମମୟ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ସତ୍ୟଯୁଗର ଆଉ ଏକ ନାମ କୃତଯୁଗ ବା କ୍ରିୟାନ୍ୱିତ ଯୁଗ । ସକ୍ରିୟ ନ ହେଲେ ଅସ୍ତିତ୍ୱ ଦୀପ୍ତ ହୋଇଉଠେ ନାହିଁ । ସତ୍ୟଯୁଗ ମୋର ମନେହୁଏ ବଞ୍ଚିବା ଓ ବଢ଼ିବାର ଯୁଗ । ସତ୍ୟଯୁଗରେ ଧର୍ମ ଚାରିପାଦ ଅର୍ଥାତ୍ ଷୋଳଅଣା । ସତ୍ତା ସେତେବେଳେ ପୂର୍ଣ୍ଣତମ ତେଜରେ ଆଗେଇ ଚାଲେ । ବଞ୍ଚିବା ଓ ବଢ଼ିବାର ଅନ୍ତରାୟୀ ପ୍ରବୃତ୍ତିପରାୟଣତା ସେତେବେଳେ ସଂଯତ ଓ ସୁନିୟନ୍ତ୍ରିତ । ତ୍ରେତୟାରେ ଧର୍ମ ତିନିପାଦ ଓ ଅଧର୍ମ ଏକ ପାଦ । ସେତେବେଳେ ମଧ୍ୟ ବଞ୍ଚିବା ଓ ବଢ଼ିବାମୁଖୀ ଚଳନର ପ୍ରାଧାନ୍ୟ ରହିଛି । ଦ୍ୱାପରରେ ଧର୍ମ ଦୁଇପାଦ ଓ ଅଧର୍ମ ମଧ୍ୟ ଦୁଇପାଦ । ସତ୍ତା ଓ ପ୍ରବୃତ୍ତି ଦୁଇ ଦିଗରେ ମନୁଷ୍ୟର ସମାନ ଝୋଁକ୍ । ପ୍ରବୃତ୍ତିପରାମୃଷ୍ଟତା ଯୋଗୁଁ ସତ୍ତାର ଜ୍ୟୋତି କ୍ଷୀଣ ହୋଇଉଠେ । ଆଉ କଳିରେ ଅଧର୍ମ ତିନିପାଦ ଓ ଧର୍ମ ଏକପାଦ । ସତ୍ତାକୁ କ୍ଷୁର୍ଣ୍ଣ କରି ପ୍ରବୃତ୍ତି ଚରିତାର୍ଥତାର ଚାହିଦା ପ୍ରବଳ, ବିହିତ କରଣୀୟ ନକରି ମଧ୍ୟ ପାଇବା ଓ ଉପଭୋଗର ଦୂରନ୍ତ ଲାଳସା । ଯାହାର ନମୁନା ଚର୍ତୁଦିଗରେ ଦେଖାଯାଏ ।

ତ୍ରେତୟାରେ ନୟନାଭିରାମ ଶ୍ରୀରାମଚନ୍ଦ୍ରଙ୍କର ବେଷ୍ଟନୀ ଥିଲା ଅତ୍ୟନ୍ତ ସୁଦୃଢ଼ । ଏହି ପ୍ରସଙ୍ଗରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ଶ୍ରୀରାମଚନ୍ଦ୍ରଙ୍କ ପାଖରେ ପରମବୀର ହନୁମାନ, ଜାମ୍ବୁବାନ, ସୁଗ୍ରୀବ, ଅଙ୍ଗଦ, ନଳ, ନୀଳ ଓ ବିଭୀଷଣ ସମସ୍ତେ ମିଶି ଏକ ଶକ୍ତିଗୁଚ୍ଛ ହିସାବରେ ପ୍ରଭୁଙ୍କର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିଲେ । ହଜରତ୍ ରସୁଲଙ୍କର ମଧ୍ୟ ଏକ ଶକ୍ତିମାନ ଗୁଚ୍ଛ ଥିଲା । ପରମବୀର ହନୁମାନ ପ୍ରଭୁ ରାମଚନ୍ଦ୍ରଙ୍କର ସ୍ୱସ୍ତି ନିମି ସମସ୍ତ କାର୍ଯ୍ୟ କରିଛନ୍ତି । ଏହା ହିଁ ତାଙ୍କର ଆତ୍ମପ୍ରସାଦ ଥିଲା ଓ ଏହା କରିବାକୁ ଯାଇ ତାଙ୍କର ଶକ୍ତି ଦିନକୁ ଦିନ ବଢ଼ି ଉଠିଥିଲା । ତାଙ୍କର ଇତର ଅହଂକାର ନଥିଲା । ଚାହିଁବା ଓ ପାଇବାର ପ୍ରଶ୍ନ ମଧ୍ୟ ନଥିଲା । ଏକମାତ୍ର ଚାହିଦା ଥିଲା ପ୍ରଭୁଙ୍କର ପରିପୂରଣ ଓ ଶାନ୍ତି । ଏଥିପାଇଁ ତାଙ୍କର ଶକ୍ତିର ପରିସର ଦିନକୁ ଦିନ ବଢ଼ି ଉଠିଥିଲା । ଧର୍ମ ଯେଉଁଠାରେ ସେଠାରେ ବୀର୍ଯ୍ୟ, ଯଶ ଓ ଐଶ୍ୱର୍ଯ୍ୟ । ଭକ୍ତି କେତେବେଳେ ହେଲେ ମନୁଷ୍ୟକୁ ଦୁର୍ବଳ କରେନାହିଁ ବରଂ ମନୁଷ୍ୟକୁ ଚିରପରାକ୍ରମଶୀଳ ଉର୍ଜ୍ଜୀ ଅନୁରାମ ସଂପନ୍ନ ଭକ୍ତ କରି ଉଠାଏ । ଭକ୍ତ କେତେବେଳେ ହେଲେ ଇଷ୍ଟଙ୍କର ବୋଝ ହୋଇଉଠେନାହିଁ, ଗଳଗ୍ରହ ହୋଇଉଠେନାହିଁ ବରଂ ନିଜର ସମସ୍ତ ବଳ ଓ ପରାକ୍ରମ ଦେଇ ପ୍ରଭୁଙ୍କର ସେବାକରେ । ଏହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ପରମବୀର ହନୁମାନ । ଆମ୍ଭମାନଙ୍କୁ ପ୍ରଭୁ ରାମଚନ୍ଦ୍ରଙ୍କୁ ଅନୁସରଣ କରିବାକୁ ହେବ ହନୁମାନ ଭଳି ଭାବ ଓ ଭକ୍ତି ନେଇ । ହନୁମାନ ହେଉଛନ୍ତି ଭକ୍ତମାନଙ୍କର ରାଜା । ଦୈତ୍ୟରାଜ ରାବଣଙ୍କୁ ଭଗବାନ ରାମ କ୍ଷମା କରିଦେଇଥିଲେ କିନ୍ତୁ ହନୁମାନ କ୍ଷମା କରିନାହାନ୍ତି । ଭକ୍ତି ସହକାରେ କହିଥିଲେ - ଆପଣଙ୍କ ଶତ୍ରୁକୁ ଆପଣ କ୍ଷମା କରିପାରନ୍ତି କିନ୍ତୁ ମୁଁ କ୍ଷମା କରିପାରିବି ନାହିଁ । ଏହା ହିଁ ହେଉଛି ସଚ୍ଚା ଅନୁରାଗର ନିଶାଣୀ । କଥା ପ୍ରସଙ୍ଗରେ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର କହିଲେ - ଆତ୍ମପ୍ରତିଷ୍ଠାର ନିର୍ବାଧ ପନ୍ଥା ହେଲା ଇଷ୍ଟ ପ୍ରତିଷ୍ଠା । ପରମବୀର ହନୁମାନ ପ୍ରଭୁ ରାମଚନ୍ଦ୍ରଙ୍କୁ ପ୍ରତିଷ୍ଠା କରିବାକୁ ଯାଇ କୃତକାର୍ଯ୍ୟ ହେଲେ ଓ ନିଜେ ମଧ୍ୟ ଅମର ହେଲେ । ଭକ୍ତ ହନୁମାନ ଯୁଦ୍ଧ କରିଛନ୍ତି, ରାଜନୀତି କରିଛନ୍ତି, ଲଙ୍କାପୁରୀ ଜଳାଇ ଦେଇଛନ୍ତି କିନ୍ତୁ ସବୁକିଛି ପ୍ରଭୁ ରାମଚନ୍ଦ୍ରଙ୍କ ସେବା ଓ ପ୍ରୀତି ନିମିତ୍ତ ଉଦ୍ଦିଷ୍ଟ, ଆଉ ଏହା ପାଇଁ ତାଙ୍କ ମନରେ ଅହଂକାର ନାହିଁ ଏବଂ ପ୍ରଭୁଙ୍କର ଶକ୍ତିରେ ଶକ୍ତିମାନ ବୋଲି ତାଙ୍କର ହୃଦ୍‌ବୋଧ ଥିଲା ।

କୁଳମାଳିକ ପରବ୍ରହ୍ମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପୁଣି କହିଛନ୍ତି - ଭକ୍ତବୀର ହନୁମାନ ପ୍ରଭୁ ରାମଚନ୍ଦ୍ରଙ୍କ ପାଖକୁ ଆସିଥିଲେ ତାଙ୍କର ବ୍ୟକ୍ତିଗତ କାମନା, ବାସନା ଓ ମନ୍ତ୍ରୀ ହେବାପାଇଁ କିନ୍ତୁ ପ୍ରଭୁଙ୍କର ଅପାର କୃପା ଓ ହନୁମାନଙ୍କର ଅହେତୁକ ଭକ୍ତି ଯୋଗୁଁ ସମସ୍ତ କାମନା ବାସନା ଭକ୍ତି ଅଗ୍ନିରେ ନିର୍ବାପିତ ହେଲା ଓ ଭକ୍ତକୁଳତିଳକ ପରମବୀର ହନୁମାନ ପ୍ରଭୁ ରାମଚନ୍ଦ୍ରଙ୍କର ଶ୍ରେଷ୍ଠ ଭକ୍ତ ହିସାବରେ ପରିଗଣିତ ହେଲେ । ପ୍ରଭୁ ରାମଚନ୍ଦ୍ରଙ୍କୁ ସୁଖୀ କରିବା, ତାଙ୍କର ମୁହଁରେ ହସ ଫୁଟାଇବା, ତାଙ୍କ ଇଚ୍ଛା ପରିପୂରଣ କରିବା ଛଡ଼ା ଅନ୍ୟ କୌଣସି ଚାହିଦା ଭକ୍ତ ହନୁମାନଙ୍କର ନଥିଲା । ଏହି ପଥରେ ଆତ୍ମ ନିୟନ୍ତ୍ରଣ, ଭଗବାନ ଲାଭ, ସୁଖ ଓ ଶାନ୍ତି, ଆନନ୍ଦ, ଜୟ, ଯଶ, ଐଶ୍ୱର୍ଯ୍ୟ, ସାଫଲ୍ୟ ଓ ସାର୍ଥକତା ସବୁକିଛି ହନୁମାନଙ୍କ କରତଳଗତ ହୋଇଉଠିଥିଲା ଓ ସେ ଅଷ୍ଟସିଦ୍ଧି ଓ ନବନିଧିର ଦାତା ହୋଇଉଠିଥିଲେ । କୁରୁକ୍ଷେତ୍ର ସମରରେ ଭଗବାନ କୃଷ୍ଣ ଭକ୍ତବୀର ଅର୍ଜୁନଙ୍କୁ ଗୀତାର ମାହାତ୍ମ୍ୟ ବୁଝାଇଥିବା ସମୟରେ ଭକ୍ତକୁଳତିଳକ ହନୁମାନ ସେହି ରଥର ଶିଖରରେ ବସିଥିଲେ ଓ ସେହିରଥକୁ କପିଧ୍ୱଜ କୁହାଯାଏ । ଆଜି ପବିତ୍ର ହନୁମାନ ଜୟନ୍ତୀରେ ପରମ ଭକ୍ତ ହନୁମାନଙ୍କର ଗୁଣ, ବୀର୍ଯ୍ୟ, ଭକ୍ତି ଓ ସାମର୍ଥ୍ୟକୁ ସ୍ମରଣ କରି ସମଗ୍ର ମାନବ ସମାଜକୁ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଏହି ଉର୍ଜ୍ଜାଭକ୍ତିର ପରମ୍ପରାକୁ ଅନୁସରଣ କରିବା ପାଇଁ ଆହ୍ୱାନ ଦେଇଛନ୍ତି । ଜୟଶ୍ରୀ ରାମ । ଜୟ ଶ୍ରୀ ହନୁମାନ ।

ପ୍ରତିରତ୍ୱିକ ଓ ଅବସର ପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୩୩୮୧୦୦୮୩୭

ପୁଣି କମିଲା ସୁନା ଦର

ନୂଆଦିଲ୍ଲୀ, ୯ ।୪ (ଏଜେନ୍ସି): ଛଅ ସପ୍ତାହ ଧରି ଚାଲିଥିବା ଭୟଙ୍କର ଯୁଦ୍ଧ ଟିକେ ନିଶ୍ୱାସ ମାରିବା ପରେ ଫଟାଫଟ୍ ବିଯାଇଥିଲା ସୁନା ଓ ରୁପାର ଭାଉ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୧୫ ଦିନିଆ ଯୁଦ୍ଧବିରତି ଘୋଷଣା କରିବା ପରେ ସୁନା, ରୁପା ବଜାରରେ ତୀବ୍ର ବୃଦ୍ଧି ଦେଖିବାକୁ ମିଳିଥିଲା । କିନ୍ତୁ ମାତ୍ର ଗୋଟିଏ ଦିନ ପରେ ପୁଣିଥରେ ଶସ୍ତା ହୋଇଛି ସୁନା-ରୁପା । ଯଦି ଆଗକୁ ଘରେ ବାହାଘର ଅଛି ତା'ହେଲେ ଆଉ ଡେରୀ ନକରି ତୁରନ୍ତ କିଣିନିଅନ୍ତୁ ସୁନା, ରୁପା । ସପ୍ତାହର ଚତୁର୍ଥ ବାଣିଜ୍ୟ ଦିନରେ ମଲ୍ଟି କମୋଡିଟି ଏକ୍ସଚେଞ୍ଜ (MCX) ରେ ଫ୍ୟୁଚର୍ସ କାରବାର ଆରମ୍ଭ ହେବା ମାତ୍ରେ ରୁପାର ମୂଲ୍ୟ ଗୋଟିଏ ଝଟକାରେ ୪୭୦୦ ଟଙ୍କାରୁ ଅଧିକ ହ୍ରାସ ପାଇଛି । ଏହି ହ୍ରାସ ପରେ, ୧ କିଲୋଗ୍ରାମ ରୁପାର ମୂଲ୍ୟ ସର୍ବୋଚ୍ଚ ମୂଲ୍ୟଠାରୁ ୨.୦୪ ଲକ୍ଷ ଟଙ୍କା ହ୍ରାସ ପାଇଛି । ରୁପା ସହିତ ସୁନା ମୂଲ୍ୟ ମଧ କମିଛି । ବୁଧବାର ଗଡଡ ରୁପା ମୂଲ୍ୟ ପ୍ରତି କିଲୋଗ୍ରାମ ୨ ଲକ୍ଷ ୩୯ ହଜାର ୯୧୮ ଟଙ୍କାରେ ବନ୍ଦ ହୋଇଥିଲା କିନ୍ତୁ ଗୁରୁବାର ବଜାର ଖୋଲିବା ମାତ୍ରେ ୨ ଲକ୍ଷ ୩୫ ହଜାର ୧୩୩ କୁ ହ୍ରାସ ପାଇଥିଲା । ସପ୍ତାହର ଚତୁର୍ଥ ବାଣିଜ୍ୟ ଦିନରେ କେବଳ ରୁପା ନୁହେଁ ସୁନା ମୂଲ୍ୟରେ ମଧ ହ୍ରାସ ଦେଖିବାକୁ ମିଳିଛି । ବୁଧବାର ଦିନ ଅର୍ଥାତ ଜୁନ୍ ୫ ତାରିଖର ଅବଧି ସମାପ୍ତ ହୋଇଥିବା ୧୦ ଗ୍ରାମ ୨୪ କ୍ୟାରେଟ୍ ସୁନା ଗଡଡ ରେ ୧ ଲକ୍ଷ ୫୧ ହଜାର ୭୭୬ ଟଙ୍କାରେ ବନ୍ଦ ହୋଇଥିଲା ଏବଂ ୧ ଲକ୍ଷ ୫୦ ହଜାର ୬୪୭ ରେ କାରବାର ଆରମ୍ଭ ହୋଇଥିଲା । ଯାହାର ଅର୍ଥ ହେଉଛି ସୁନା ମୂଲ୍ୟ ଏବେ ୧୧୨୯ ଟଙ୍କା ଶସ୍ତା ହୋଇଯାଇଛି । ରୁପା ମୂଲ୍ୟ ପରି ସୁନା ସର୍ବୋଚ୍ଚ ମୂଲ୍ୟ ଅପେକ୍ଷା ଯଥେଷ୍ଟ ଶସ୍ତା ହୋଇଛି । ଏହା ଉଲ୍ଲେଖନୀୟ ଯେ ଆମେରିକା ଏବଂ ଇରାନ ମଧ୍ୟରେ ଯୁଦ୍ଧବିରତି ଘୋଷଣା ହେବା ପରେ ବୁଧବାର ଉଭୟ ମୂଲ୍ୟବାନ ଧାତୁର ମୂଲ୍ୟ ହଠାତ ବୃଦ୍ଧି ପାଇଥିଲା । ବାଣିଜ୍ୟ ସମୟରେ ରୁପା କିଲୋଗ୍ରାମ ପିଛା ୧୫,୦୦୦ ପର୍ଯ୍ୟନ୍ତ ବୃଦ୍ଧି ପାଇଥିବା ବେଳେ ସୁନା ମୂଲ୍ୟ ମଧ ବୃଦ୍ଧି ପାଇଥିଲା । କିନ୍ତୁ ମାତ୍ର ଗୋଟିଏ ଦିନ ପରେ ଉଭୟର ମୂଲ୍ୟ ପୁଣିଥରେ କମିଯାଇଛି । ଭୁବନେଶ୍ୱରରେ ସୁନା ଏବଂ ରୁପାର ମୂଲ୍ୟକୁ ଯଦି ଦେଖିବା ତାହେଲେ ୨୪ କ୍ୟାରେଟ୍ ସୁନା ପ୍ରତି ୧୦ ଗ୍ରାମକୁ ୧ ଲକ୍ଷ ୫୧ ହଜାର ୪୮୦ ଟଙ୍କା ହୋଇଥିବା ବେଳେ ୨୨ କ୍ୟାରେଟ୍ ସୁନା ୧୦ ଗ୍ରାମକୁ ୧ ଲକ୍ଷ ୩୮ ହଜାର ୮୫୦ ଟଙ୍କା ଏବଂ ୧୮ କ୍ୟାରେଟ୍ ସୁନାର ମୂଲ୍ୟ ପ୍ରତି ୧୦ ଗ୍ରାମକୁ ୧ ଲକ୍ଷ ୧୩ ହଜାର ୬୧୦ ଟଙ୍କା ରହିଛି ।

ପାକିସ୍ତାନ ମଧ୍ୟସ୍ଥତା ନେଇ ପ୍ରଶ୍ନ ଉଠାଇଲା ଇସ୍ରାଏଲ

ନୂଆଦିଲ୍ଲୀ, ୯ ।୪ (ଏଜେନ୍ସି): ଆମେରିକା ଓ ଇରାନ ମଧ୍ୟରେ ଯୁଦ୍ଧବିରତି ହୋଇଥିବାବେଳେ ପାକିସ୍ତାନ ମଧ୍ୟସ୍ଥତାରେ ଏନେଇ ଆସନ୍ତା ଏପ୍ରିଲ ୧୧ ତାରିଖରୁ ଶାନ୍ତି ଆଲୋଚନା ହେବ । ଇତିମଧ୍ୟରେ ପାକିସ୍ତାନର ମଧ୍ୟସ୍ଥତା ନେଇ ଇସ୍ରାଏଲ ପ୍ରଶ୍ନ ଉଠାଇଛ । ଭାରତରେ ଅବସ୍ଥାପିତ ଇସ୍ରାଏଲ ରାଷ୍ଟ୍ରଦୂତ ରୁବେନ୍ ଆଜାର ପାକିସ୍ତାନର ମଧ୍ୟସ୍ଥତା ଭୂମିକାକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ତେଲ ଅଭିଭ ଇସଲାମାବାଦକୁ ଏକ ବିଶ୍ୱସନୀୟ ଖେଳାଳି ଭାବରେ ଦେଖେ ନାହିଁ

ବୋଲି ଆଜାର କହିଛନ୍ତି । ଇସ୍ରାଏଲ ରାଷ୍ଟ୍ରଦୂତ କହିଛନ୍ତି ଯେ, ୱାସିଂଟନର ଇସଲାମାବାଦକୁ ବ୍ୟବହାର କରିବାର ନିଜସ୍ୱ କାରଣ ରହିଛି କିନ୍ତୁ ତେଲ ଅଭିଭର ଉଦ୍ଦେଶ୍ୟ ହେଉଛି ଦକ୍ଷିଣ ଲେବାନନରେ ହିଜବୁଲ୍ଲା ଆତଙ୍କବାଦୀ ଭିତ୍ତିଭୂମି ନଷ୍ଟ କରିବା । ଆସନ୍ତା ଏପ୍ରିଲ ୧୧ ତାରିଖରେ ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସ ଇସଲାମାବାଦ ଗସ୍ତରେ ଆସିବେ । ଭାନ୍ସ ଇରାନ ସହିତ ପ୍ରତ୍ୟକ୍ଷ ଆଲୋଚନା କରିପାରନ୍ତି । ଇରାନ ଅପରେସନ ଓ ଲେବାନନନ୍ ଅପରେସନକୁ ସ୍ୱତନ୍ତ୍ର ଦୁଇଟି ଅଭିଯାନ ଭାବେ ଆଜାର ଦର୍ଶାଇଛନ୍ତି । ଦକ୍ଷିଣ ଲେବାନନରେ ହିଜବୁଲ୍ଲାର ଆତଙ୍କବାଦୀ ଭିତ୍ତିଭୂମିକୁ ନଷ୍ଟ କରିବା ଇସ୍ରାଏଲର ଲକ୍ଷ୍ୟ ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ଇରାନ ସହିତ ୧୫- ସୂତ୍ରୀୟ ପ୍ରସ୍ତାବ ବୁଝାମଣାର ଆଧାର ହେବ ବୋଲି ସେ କହିଥିଲେ । ଇସ୍ରାଏଲୀ ରାଷ୍ଟ୍ରଦୂତ କହିଛନ୍ତି ଯେ, ତେଲ ଅଭିଭକୁ ହିଜବୁଲ୍ଲାର ଆକ୍ରମଣରୁ ନିଜ ଉତ୍ତର ସୀମାରେ ନିଜକୁ ରକ୍ଷା କରିବାର ଅଧିକାର ରହିଛି । ସେ କହିଛନ୍ତି, ଗତ କେଇ ଘଣ୍ଟା ମଧ୍ୟରେ ଇସ୍ରାଏଲ ବାୟୁସେନା ଦ୍ୱାରା ଲେବାନନ୍ରେ ବଡ଼ଧରଣର ଅପରେସନ କାର୍ଯ୍ୟକାରୀ କରାଯାଇଥିଲା । ଲେବାନନରେ ୨୫୦ ଅଧିକ ହିଜବୁଲ୍ଲା ଆତଙ୍କବାଦୀଙ୍କୁ ନିପାତ କରାଯାଇଥିବା ଇସ୍ରାଏଲ ରାଷ୍ଟ୍ରଦୂତ କହିଛନ୍ତି । ଆଜାର ଆଶା କରିଥିଲେ ଯେ, ଇରାନ ସହିତ ଯୁଦ୍ଧବିରତି ଆଲୋଚନା ଦୁଇଟି ଅସ୍ତିତ୍ୱଗତ ବିପଦକୁ ଦୂର କରିବ । ଇରାନର ପରମାଣୁ କାର୍ଯ୍ୟକ୍ରମ ଏବଂ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଉତ୍ପାଦନ ଏଥିରେ ଅନ୍ତର୍ଭୁକ୍ତ । ବୁଧବାର ଇରାନ ଯୁଦ୍ଧବିରତିକୁ ବିପଦରେ ପକାଇବା ପାଇଁ ଇସ୍ରାଏଲକୁ ଦାୟୀ କରିଛି ଏବଂ ଚେତାବନୀ ଦେଇଛି ଯେ ଇସ୍ରାଏଲୀ ସେନା ଦ୍ୱାରା ଲେବାନନ ଉପରେ ଆକ୍ରମଣ ଜାରି ରଖିବା ଚୁକ୍ତିନାମା ଭାଙ୍ଗିପାରେ ଏବଂ ହର୍ମୁଜ ପ୍ରଣାଳୀରେ ପୁଣି ଉତ୍ତେଜନା ସୃଷ୍ଟି ହୋଇପାରେ । ଅନ୍ୟପକ୍ଷରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଲେବାନନ ଯୁଦ୍ଧବିରତିର ଅଂଶ ନୁହେଁ ବୋଲି କହିଛନ୍ତି ।

ଟ୍ରମ୍ପଙ୍କ 'ବିନାଶକାରୀ' ଯୁଦ୍ଧ ନୀତି ବିରୋଧରେ ଆମେରିକା ସଂସଦ

ନୂଆଦିଲ୍ଲୀ, ୯ ।୪ (ଏଜେନ୍ସି): ଇରାନ ସହ ଅସ୍ଥାୟୀ ଅସ୍ତ୍ରବିରତି ସତ୍ତ୍ୱେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ 'ବେପରୁଆ' ସାମରିକ ଅଭିଯାନକୁ ରୋକିବା ପାଇଁ ଆମେରିକା ସଂସଦରେ ବିଦ୍ରୋହ ଜୋରଦାର ହୋଇଛି । ଟ୍ରମ୍ପଙ୍କ ଅନିୟନ୍ତ୍ରିତ କ୍ଷମତାକୁ ସଂକୁଚିତ କରିବା ଓ ସାମରିକ କାର୍ଯ୍ୟାନୁଷ୍ଠାନ ପୂର୍ବରୁ ସଂସଦର ଅନୁମତି ବାଧ୍ୟତାମୂଳକ କରିବାକୁ ବିରୋଧୀ ଡେମୋକ୍ରାଟିକ୍ ଦଳ ଏକ ଶକ୍ତିଶାଳୀ ସଂକଳ୍ପ ଆଗତ କରିବାକୁ ଯାଉଛି । ସେନେଟ୍ ନେତା ଚକ୍ ସୁମର ଟ୍ରମ୍ପଙ୍କୁ କଡ଼ା ସମାଲୋଚନା କରି କହିଛନ୍ତି ଯେ, ଗୋଟିଏ ସମ୍ପୂର୍ଣ୍ଣ ସଭ୍ୟତାକୁ ଧ୍ୱଂସ କରିଦେବା ଭଳି ଧମକପୂର୍ଣ୍ଣ ବୟାନ ଅତ୍ୟନ୍ତ ଉନ୍ମାଦନାପୂର୍ଣ୍ଣ ଏବଂ ଏହା ଅନ୍ତର୍ଜାତୀୟ

ଜେନେଭା କନଭେନସନର ଖୋଲାଖୋଲି ଉଲ୍ଲଂଘନ । ଟ୍ରମ୍ପଙ୍କ ଏହି 'ଇଚ୍ଛାଧୀନ ଯୁଦ୍ଧ' ଇରାନକୁ ଦମନ କରିବାରେ ବିଫଳ ହୋଇଥିବା ବେଳେ ବିଶ୍ୱବଜାରରେ ଆକାଶଛୁଆଁ ଜାଳେଣି ଦର ବୃଦ୍ଧି କରି ସାଧାରଣ ଜନତାଙ୍କୁ ଦୁର୍ଦ୍ଦଶା ମଧ୍ୟକୁ ଠେଲି ଦେଇଛି । ଡେମୋକ୍ରାଟିକ୍ ନେତା ହାକିମ ଜେଫ୍ରିସ୍ ଏହି ସଂଘର୍ଷର ସ୍ଥାୟୀ ସମାପ୍ତି ଚାହୁଁଥିବା ବେଳେ ଶ୍ୱେତଭବନ ପକ୍ଷରୁ ଏହି ପଦକ୍ଷେପକୁ ସାମ୍ବିଧାନିକ ବୋଲି ଦର୍ଶାଯାଇଛି । ଯଦିଓ ବର୍ତ୍ତମାନ ଦୁଇ ସପ୍ତାହର ଅସ୍ତ୍ରବିରତି ଘୋଷଣା ହୋଇଛି, ତଥାପି ଟ୍ରମ୍ପଙ୍କ ସାମରିକ ମନମୁଖୀ ଶାସନ ଉପରେ ରୋକ୍ ଲଗାଇବା ପାଇଁ ଆସନ୍ତା ସପ୍ତାହର ସଂସଦୀୟ ଅଧିବେଶନ ବିଶ୍ୱ ରାଜନୀତି ପାଇଁ ନିର୍ଣ୍ଣାୟକ ହେବ ।

ସମସ୍ୟାରେ କାନାଡାରେ ଭାରତୀୟ ଛାତ୍ରଛାତ୍ରୀ

ନୂଆଦିଲ୍ଲୀ, ୯ ।୪ (ଏଜେନ୍ସି): କାନାଡା ଆନ୍ତର୍ଜାତୀୟ ଛାତ୍ରଛାତ୍ରୀଙ୍କ ପାଇଁ ନୂତନ ନିୟମ ଲାଗୁ କରିଛି । ଏନେଇ ଦେଶରେ ପଢ଼ୁଥିବା ଛାତ୍ରଛାତ୍ରୀଙ୍କ ଚିନ୍ତା ବିବାରେ ଲାଗିଛି । ସରକାର ଆନ୍ତର୍ଜାତୀୟ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଡକ୍ୟୁମେଣ୍ଟ ଦାଖଲ କରିବା ପାଇଁ କେବଳ ୨୧ ଦିନ ସମୟ ଦେଇଛନ୍ତି । ଏହି ନିର୍ଦ୍ଦେଶ ଭାରତ ସମେତ ଅନେକ ଦେଶର ଛାତ୍ରଛାତ୍ରୀଙ୍କୁ ପ୍ରଭାବିତ କରିଛି । କାନାଡା ସରକାର ଛାତ୍ରଛାତ୍ରୀମାନଙ୍କୁ ନୋଟିସ୍ ପଠାଇବା ଆରମ୍ଭ କରିଛନ୍ତି । ଷ୍ଟଡି ପରମିଟ୍ ନିୟମାବଳୀ ସହିତ ଅନୁପାଳନ ପ୍ରମାଣ କରିବା ପାଇଁ ଡକ୍ୟୁମେଣ୍ଟ ଦାବି

କରାଯାଇଛି । ଏହି ପଦକ୍ଷେପ କାନାଡାର ଅଡିଟର ଜେନେରାଲଙ୍କ ଏକ ରିପୋର୍ଟ ପରେ ନିଆଯାଇଛି । ରିପୋର୍ଟ ଆନ୍ତର୍ଜାତୀୟ ଛାତ୍ର କାର୍ଯ୍ୟକ୍ରମର ବିଶ୍ୱସନୀୟତା ବିଷୟରେ ଗମ୍ଭୀର ଚିନ୍ତା ପ୍ରକାଶ କରିଥିଲା ୨୩ ମାର୍ଚ୍ଚରେ, କାନାଡା ସଂସଦରେ ଆନ୍ତର୍ଜାତୀୟ ଛାତ୍ର କାର୍ଯ୍ୟକ୍ରମରେ ଠକେଇ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା । ଅଡିଟର ଜେନେରାଲ କରେନ ହୋଗାନ କହିଥିଲେ ଯେ ବିଭାଗ ତୁରନ୍ତ ବିଶ୍ୱସନୀୟତା ଚିନ୍ତାର ସମାଧାନ କରିବା ଉଚିତ । ଏହା ପରେ, ଇମିଗ୍ରେସନ, ରିଫ୍ୟୁଜିଜ୍ ଏବଂ ନାଗରିକତା କାନାଡା (ଆଇଆରସିସି) ଛାତ୍ରଛାତ୍ରୀମାନଙ୍କୁ ନୋଟିସ୍ ପଠାଇଛି । ଏହି ନୋଟସଗୁଡ଼ିକ ଅନୁଯାୟୀ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଡେଜିନେଟେଡ୍ ଲର୍ଣ୍ଣିଂ ଇନଷ୍ଟିଚ୍ୟୁସନ୍ (ଡିଏଲଆଇ)ରୁ ସେମାନଙ୍କର ବର୍ତ୍ତମାନର ନାମଲେଖା ନିଶ୍ଚିତ କରି ଏକ ଚିଠି ଦାଖଲ କରିବାକୁ ପଡିବ । ସେମାନଙ୍କର ପୂର୍ବ ଏବଂ ବର୍ତ୍ତମାନର ଶିକ୍ଷାନୁଷ୍ଠାନର ଟ୍ରାନ୍ସକ୍ରିପ୍ଟ ମଧ ଦାଖଲ କରିବାକୁ ପଡିବ । ନୋଟିସରେ ଚେତାବନୀ ଦିଆଯାଇଛି, ଯଦି ୨୧ ଦିନ ମଧ୍ୟରେ ଆବଶ୍ୟକୀୟ ଡକ୍ୟୁମେଣ୍ଟ ଦାଖଲ ନକରାଯାଏ, ତେବେ ଛାତ୍ରଛାତ୍ରୀଙ୍କ ଅସ୍ଥାୟୀ ବାସିନ୍ଦା ସ୍ଥିତି ପ୍ରତ୍ୟାହାର କରାଯାଇପାରେୟ ପରେ ସେମାନଙ୍କୁ ନିର୍ବାସନ କରାଯିବ । କାନାଡିଆର ଏହି ନୂତନ ନିର୍ଦ୍ଦେଶ ଏବଂ କଠୋର ସମୟସୀମା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭୟ ଏବଂ ଚାପ ବୃଦ୍ଧି କରିଛି । ମିସିସାଗା-ଭିତ୍ତିକ ଇମିଗ୍ରେସନ ପରାମର୍ଶଦାତା କନୱର ସିରାହ କହିଛନ୍ତି ଯେ, ଏହି କାର୍ଯ୍ୟାନୁଷ୍ଠାନରେ ବହୁତ ଡେରି ହୋଇଛି । ଗତ ବର୍ଷ ଠକେଇର ଅନେକ ମାମଲା ରିପୋର୍ଟ ହୋଇଥିଲା ଏବଂ ସେହି ସମୟର ଅଧିକାଂଶ ଛାତ୍ରଛାତ୍ରୀ ଏବେ ସେମାନଙ୍କର ପାଠ୍ୟକ୍ରମ ସମାପ୍ତ କରିଛନ୍ତି । ସେ କହିଛନ୍ତି ଯେ, ମୁଖ୍ୟ ସମସ୍ୟା ହେଉଛି କଲେଜଗୁଡ଼ିକର ଭୂମିକା ଏବଂ କେତେ ଜଣ ଛାତ୍ର ଜାଲ୍ ଡକ୍ୟୁମେଣ୍ଟ ଆଧାରରେ କାର୍ଯ୍ୟ ପରମିଟ୍ ପାଇଛନ୍ତି ତାହା ଉପରେ ପ୍ରଶ୍ନ ଉଠାଯାଇଛି । ଆଇଆରସିସିକୁ ଏବେ ଆନ୍ତର୍ଜାତୀୟ ଛାତ୍ର ପରମିଟ୍ ଜାଲିଆତି ଏବଂ ଅଣ-ପାଳନ ମାମଲାର ତଦନ୍ତ କରିବାକୁ ହେବ ଏବଂ ପ୍ରତି ମାସର ୧୫ ତାରିଖ ସୁଦ୍ଧା ହାଉସ ଅଫ୍ କମନ୍ସ ଷ୍ଟାଣ୍ଡିଂ କମିଟି ଅନ୍ ସିଟିଜେନସିପ୍ ଆଣ୍ଡ ଇମିଗ୍ରେସନକୁ ଏକ ରିପୋର୍ଟ ଦାଖଲ କରିବାକୁ ପଡ଼ିବ ।

ଇସ୍ରାଏଲର ବଡ ଦାବି

ହେଜବୁଲ୍ଲା ମୁଖ୍ୟ ନଇମଙ୍କ ବ୍ୟକ୍ତିଗତ ସଚିବଙ୍କୁ ହତ୍ୟା କରିଛୁ

ନୂଆଦିଲ୍ଲୀ, ୯ ।୪ (ଏଜେନ୍ସି): ଆମେରିକା-ଇରାନ ଅସ୍ତ୍ରବିରତି ମଧ୍ୟରେ ହେଜବୁଲ୍ଲା ମୁଖ୍ୟ ନଇମ୍ କାସେମ୍ଙ୍କ ବ୍ୟକ୍ତିଗତ ସଚିବ-ପୁତୁରାଙ୍କୁ ହତ୍ୟା କରିଛୁ ବୋଲି ଇସ୍ରାଏଲ ଦାବି କରିଛି । ତେବେ ହେଜବୁଲ୍ଲା ପକ୍ଷରୁ ଏନେଇ ଏପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ଦିଆଯାଇ ନାହିଁ । ରଏଟର୍ସ ରିପୋର୍ଟ କରିଛି, ଇସ୍ରାଏଲ ଗୁରୁବାର ଦିନ ଘୋଷଣା କରିଛି ଯେ, ସେମାନେ ଲେବାନନ୍ର ରାଜଧାନୀ ବେରୁଟ୍ ଉପରେ ରାତିସାରା କରିଥିବା ଏକ ଆକ୍ରମଣରେ ଇରାନ ସମର୍ଥିତ ଲେବନିଜ୍ ଗୋଷ୍ଠୀ ହେଜବୁଲ୍ଲାର ମୁଖ୍ୟ ନଇମ୍ କାସେମ୍ଙ୍କ ପୁତୁରା ୟୁସୁଫ ହର୍ଶିଙ୍କୁ କରିଛନ୍ତି । ସେ ହେଜବୁଲ୍ଲା ମୁଖ୍ୟଙ୍କ ବ୍ୟକ୍ତିଗତ ସଚିବ ମଧ ଥିଲେ । ବିବୃତିରେ କୁହାଯାଇଛି ଯେ ହର୍ଶି ହିଜବୁଲ ମୁଖ୍ୟଙ୍କର ଜଣେ ଘନିଷ୍ଠ ସହଯୋଗୀ ଏବଂ ବ୍ୟକ୍ତିଗତ ପରାମର୍ଶଦାତା ଥିଲେ ଏବଂ ମୁଖ୍ୟଙ୍କ କାର୍ଯ୍ୟାଳୟ ପରିଚାଳନା ତଥା ସୁରକ୍ଷାରେ ଏକ କେନ୍ଦ୍ରୀୟ ଭୂମିକା ଗ୍ରହଣ କରିଥିଲେ । ଯଦି ହେଜବୁଲ୍ଲା ଏହି ମୃତ୍ୟୁକୁ ନିଶ୍ଚିତ କରେ, ତେବେ ଏହା ସଶସ୍ତ୍ର ଗୋଷ୍ଠୀ ଏବଂ ତେହେରାନ ପାଇଁ ଏକ ବଡ଼ ଆଘାତ ହେବ । କାରଣ ହେଜବୁଲ୍ଲା ମଧ୍ୟପ୍ରାଚ୍ୟରେ ଇରାନର ପ୍ରମୁଖ ସହଯୋଗୀମାନଙ୍କ ମଧ୍ୟରୁ ଏକ ପ୍ରମୁଖ ସଂଗଠନ ।

ଏୟାରଲାଇନଗୁଡ଼ିକୁ ରାହତ

ବିମାନବନ୍ଦର ଅବତରଣ ଓ ପାର୍କିଂ ଶୁଳ୍କ ୨୫% କମିଲା

ନୂଆଦିଲ୍ଲୀ, ୯ ।୪ (ଏଜେନ୍ସି): ମଧ୍ୟପ୍ରାଚ୍ୟ ଯୁଦ୍ଧ ଦ୍ୱାରା ପ୍ରଭାବିତ ହୋଇଥିବା ଏୟାରଲାଇନଗୁଡ଼ିକର ଆର୍ଥିକ ସ୍ଥିତି ସୁଧାରିବା ଲକ୍ଷ୍ୟ ନେଇ ବିମାନବନ୍ଦରରେ ଅବତରଣ ଓ ପାର୍କିଂ ଶୁଳ୍କରେ ୨୫ ପ୍ରତିଶତ ହ୍ରାସ ଘୋଷଣା କରାଯାଇଛି । ଦେଶର ପ୍ରମୁଖ ବିମାନ ବନ୍ଦରଗୁଡ଼ିକରେ ଡୋମେଷ୍ଟିକ୍ ବିମାନ ପାଇଁ ଶୁଳ୍କ ହ୍ରାସ କରାଯାଇଛି । ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ନିର୍ଦ୍ଦେଶାନୁସାରେ ବିମାନବନ୍ଦର ଅର୍ଥନୈତିକ ନିୟାମକ କର୍ତ୍ତୃପକ୍ଷ (ଏଇଆର୍ଏ) ପକ୍ଷରୁ ଶୁଳ୍କ ହ୍ରାସ କରାଯାଇଛି । ଶୁଳ୍କ

ହ୍ରାସ ସୁବିଧା ତିନି ମାସ ପାଇଁ ବୈଧ ରହିବ । ନିୟମିତ ବ୍ୟବଧାନରେ ଏହି ନିଷ୍ପତ୍ତିର ସମୀକ୍ଷା କରାଯିବ ବୋଲି ଏଇଆର୍ଏ କହିଛି । ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ମହଙ୍ଗା ହେବା ପରେ ବିମାନ ଚଳାଚଳ କମ୍ପାନିଗୁଡ଼ିକ ଉପରେ ଚାପ ବହୁତ ବଢ଼ିଯାଇଛି । ଯେହେତୁ ସେମାନଙ୍କ ପରିଚାଳନା ଖର୍ଚ୍ଚର ୪୦ ପ୍ରତିଶତ କେବଳ ଇନ୍ଧନରେ ଖର୍ଚ୍ଚ ହୋଇଥାଏ, ତେଣୁ ସେମାନେ ଆର୍ଥିକ ସମସ୍ୟାରେ ପଡ଼ିଯାଇଛନ୍ତି । ଏହା ବ୍ୟତୀତ ଅପରେସନ ସିନ୍ଦୂର ପରେ ପାକିସ୍ତାନର ଆକାଶ ମାର୍ଗରେ କଟକଣା ଏବଂ ବର୍ତ୍ତମାନ ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବରେ ବିଭିନ୍ନ ଦେଶର ଆକାଶ ମାର୍ଗରେ କଟକଣା ରହିଥିବାରୁ ଭାରତରୁ ୟୁରୋପ ଓ ଉତ୍ତର ଆମେରିକୀୟ ଦେଶ ଯାତ୍ରା କରୁଥିବା ବିମାନଗୁଡ଼ିକୁ ଲମ୍ବା ଦୂର ଯାତ୍ରା କରିବାକୁ ପଡୁଛି । ସେଥିପାଇଁ ଏୟାରଲାଇନ ଗୁଡ଼ିକର ଖର୍ଚ୍ଚ ବେଶ୍ ବଢ଼ିଯାଇଛି । ସେହି ଖର୍ଚ୍ଚ କମ୍ କରିବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଘୋଷଣା କରୁଛନ୍ତି । ବିମାନ ଇନ୍ଧନ ମୂଲ୍ୟରେ ହେବାକୁ ଥିବା ବୃଦ୍ଧିକୁ ୨୫ ପ୍ରତିଶତରେ ସୀମିତ ରଖାଯାଇଛି । ଏଭଳି ହୋଇନଥିଲେ ବର୍ତ୍ତମାନ ଦେଶରେ ବିମାନ ଇନ୍ଧନ ଦର ଦୁଇ ଗୁଣାରୁ ଅଧିକ ହୋଇଥାନ୍ତା । ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ଅସ୍ଥିରତା ମଧ ଏୟାରଲାଇନଗୁଡ଼ିକର କାରବାରକୁ ପ୍ରଭାବିତ କରିଛି । ଖର୍ଚ୍ଚ ଉଠାଇବା ଲାଗି ନିକଟରେ ଭାରତର ପ୍ରାୟ ସବୁ ଏୟାରଲାଇନ୍ ଇନ୍ଧନ ସରଚାର୍ଜ ଲାଗୁ କରିଛନ୍ତି । ଗତବର୍ଷ ତୁଳନାରେ ଚଳିତ ବର୍ଷ ଏପ୍ରିଲରେ ବିମାନ ଟିକଟ ମୂଲ୍ୟ ୪୪ ପ୍ରତିଶତ ଅଧିକ ରହିଛି ।

ନିଜସ୍ୱ ଦଳ ଗଢ଼ିବେ ରାଘବ ଚଢ଼ା

ନୂଆଦିଲ୍ଲୀ, ୯ ।୪ (ଏଜେନ୍ସି): ଆମ ଆଦମୀ ପାର୍ଟି (ଆପ୍) ର ବରିଷ୍ଠ ନେତା ରାଘବ ଚଢ଼ାଙ୍କ ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟକୁ ନେଇ ଏବେ ଦିଲ୍ଲୀ ରାଜନୀତିରେ ହଲଚଲ ସୃଷ୍ଟି ହୋଇଛି । ଏକ ଭାଇରାଲ ଭିଡିଓରେ ତାଙ୍କୁ ନିଜସ୍ୱ ରାଜନୈତିକ ଦଳ ଗଢ଼ିବାକୁ ଦିଆଯାଇଥିବା ପରାମର୍ଶ ଉପରେ ରାଘବ ଇଣ୍ଟ୍ରେଷ୍ଟିଙ୍ଗ୍ ଥଟ୍ (ଉଚ୍ଚ ବିଚାର) ବୋଲି ପ୍ରତିକ୍ରିୟା ଦେବା ପରେ, ସେ ଦଳ ଛାଡୁଥିବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି । ଏଥିସହ ରାଘବ ଚଢ଼ା ଇନଷ୍ଟାଗ୍ରାମରେ ଏକ ବହିର ଅଧ୍ୟାୟ 'ନେଭର ଆଉଟସାଇନ୍ ଦ ମାଷ୍ଟର' (ଗୁରୁଙ୍କୁ କେବେବି ଅତିକ୍ରମ



କର ନାହିଁ) ସେୟାର କରିଛନ୍ତି, ଯାହାକୁ ଅରବିନ୍ଦ କେଜ୍ରିୱାଲଙ୍କ ପ୍ରତି ଏକ ପରୋକ୍ଷ କଟାକ୍ଷ ବୋଲି କୁହାଯାଉଛି । ଏହି ଘଟଣାକୁ ନେଇ 'ଆପ୍' ଶିବିରରେ ଆନ୍ତରିକ କନ୍ଦଳ ଥିବା ସ୍ପଷ୍ଟ ଜଣାପଡୁଛି । ରାଘବ ଚଢ଼ା ଦଳର ଜଣେ ପ୍ରମୁଖ ଚେହେରା ହୋଇଥିବା ବେଳେ ତାଙ୍କର ଏଭଳି ରହସ୍ୟମୟ ଆଭିମୁଖ୍ୟ ବିରୋଧୀଙ୍କୁ ଖୋରାକ ଯୋଗାଇଛି । ଯଦିଓ ଦଳୀୟ ନେତୃତ୍ୱ ଏହି ପ୍ରସଙ୍ଗରେ ଏବେ ଯାଏ ଚୁପ୍ ରହିଛନ୍ତି, ତଥାପି ରାଘବଙ୍କ ପରବର୍ତ୍ତୀ ପଦକ୍ଷେପ ଆଗାମୀ ଦିନରେ ଦଳର ଗତିପଥ ନିର୍ଦ୍ଧାରଣ କରିବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଉଛନ୍ତି ।

ହ୍ୱାଇଟ୍ ହାଉସରେ ଚାକିରି ପାଇଁ ରହିଥାଏ କଡ଼ା ନିୟମ

ନୂଆଦିଲ୍ଲୀ, ୯ ।୪ (ଏଜେନ୍ସି): ଆମେରିକା ଭଳି ଦେଶରେ ଚାକିରିଟିଏ ପାଇବା ପାଇଁ ଅନେକଲୋକ ସ୍ୱପ୍ନ ଦେଖିଥାଆନ୍ତି । ତେବେ ହ୍ୱାଇଟ୍ ହାଉସରେ ବିଦେଶୀଙ୍କ ପାଇଁ ଚାକିରି ପାଇବା କାଠିକର ପାଠ ହୋଇଥାଏ । କଠୋର ସୁରକ୍ଷା ନିୟମ ଏବଂ ଦେଶର ସୁରକ୍ଷା କଟକଣାକୁ ଦୃଷ୍ଟିରେ ରଖି ହ୍ୱାଇଟ ହାଉସରେ ବାହାର ଲୋକଙ୍କୁ ନିଯୁକ୍ତି ମିଳୁ ନଥିବା କେବଳ କିଛି ବିଶେଷ କ୍ଷେତ୍ରରେ ଛାଡ଼ ପ୍ରଦାନ କରାଯାଏ । ହ୍ୱାଇଟ୍ ହାଉସ ହେଉଛି ଆମେରିକାର ରାଷ୍ଟ୍ରପତିଙ୍କ ଘର ତଥା କାମ କରିବାର ମୁଖ୍ୟ ସ୍ଥାନ । ଏଠାରେ କାମ କରୁଥିବା ପ୍ରାୟ ସମସ୍ତ କର୍ମଚାରୀ ଜଣେଜଣେ ଆମେରିକୀୟ ନାଗରିକ । ହ୍ୱାଇଟ୍ ହାଉସରେ କାମ କରିବା ପାଇଁ ଏକ ଉଚ୍ଚସ୍ତରୀୟ ସୁରକ୍ଷା କ୍ଲିୟରାନ୍ସ ଆବଶ୍ୟକ ହୋଇଥାଏ । ଏହି କ୍ରମରେ ଦେଖିବାକୁ ଗଲେ ଅନ୍ୟ ଦେଶର ନାଗରିକ ବା ଭାରତୀୟ ନାଗରିକ ଯିଏକି ଆମେରିକାରେ ବସବାସ କରୁଛନ୍ତି ସେମାନଙ୍କୁ ହ୍ୱାଇଟ ହାଉସରେ ଚାକିରି ଦେବା ପାଇଁ କିଛି ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି । ଯେମିତି କି ସର୍ବପ୍ରଥମେ ବିଦେଶୀପ୍ରାର୍ଥୀଙ୍କୁ ଗ୍ରିନ୍ କାର୍ଡ (ସ୍ଥାୟୀ ବାସିନ୍ଦା)ର ପ୍ରମାଣ ପତ୍ର ପ୍ରାପ୍ତ କରିବାକୁ ହେବ । କାରଣ ଏଠାରେ ଅଧିକାଂଶ ସରକାରୀ ପଦବି ପାଇଁ ଦେଶର ନାଗରିକ ହେବା ବାଧ୍ୟତାମୂଳକ

ରହିଥାଏ । ୨୦୨୬ ନିୟମ ଅନୁଯାୟୀ, ହ୍ୱାଇଟ ହାଉସରେ ଚାକିରି ପାଇବାର ଅନେକ ପ୍ରମୁଖ ପଥ ଅଛି । ସବୁଠାରୁ ଉତ୍ତମ ଉପାୟ ହେଉଛି ଇବି-୧ ଭିସା । ଯାହା ଉଚ୍ଚ ଯୋଗ୍ୟତାସମ୍ପନ୍ନ ବୃତ୍ତିଗତ କିମ୍ବା ଗବେଷକଙ୍କ ପାଇଁ ରହିଛି । ଏହା ସହିତ, ଯଦି ଆପଣଙ୍କର ବିଜ୍ଞାନ, କଳା କିମ୍ବା ବ୍ୟବସାୟରେ ଅସାଧାରଣ ପ୍ରତିଭା ଅଛି ତେବେ ଆପଣ ଏକ ଓ-୧ ଭିସା ପାଇପାରିବେ । ଏଥିସହିତ ଧନୀ ବ୍ୟକ୍ତିମାନେ ଇବି-୫ ଭିସା ମାଧ୍ୟମରେ ପ୍ରାୟ ୮ ଲକ୍ଷ ଡଲାର ନିବେଶ କରି ଆମେରିକୀୟ ଗ୍ରୀନ୍ କାର୍ଡ ମଧ ପାଇପାରିବେ । ଯଦି ଆପଣଙ୍କ ପାଖରେ ଏକ ଗ୍ରୀନ୍ କାର୍ଡ ଅଛି, ତେବେ ଆପଣ ପାଞ୍ଚ ବର୍ଷ ପରେ ଜଣେ ଆମେରିକୀୟ ନାଗରିକତା ପାଇଁ ଆବେଦନ କରିପାରିବେ । କିନ୍ତୁ, ଯଦି ଆପଣ ଜଣେ ଆମେରିକୀୟ ନାଗରିକଙ୍କ ସହିତ ବିବାହ କରିଛନ୍ତି, ତେବେ ଆପଣ ୩ ବର୍ଷ ପରେ ହିଁ ନାଗରିକତା ପାଇଁ ଆବେଦନ କରିବାକୁ ଯୋଗ୍ୟ ବିବେଚିତ ହେବେ ।

ସେନ୍ସେକ୍ସରେ ୯୩୧ ପଏଣ୍ଟ ହ୍ରାସ

ନୂଆଦିଲ୍ଲୀ, ୯ ।୪ (ଏଜେନ୍ସି): ଲଗାତାର ପାଞ୍ଚଟି କାରବାର ଦିନରେ ବୃଦ୍ଧି ପାଇବା ପରେ ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍ସେକ୍ସ ୯୦୦ରୁ ଅଧିକ ପଏଣ୍ଟ ତଳକୁ ଖସିଆସିଛି । ଗତକାଲିର ବନ୍ଦ ତୁଳନାରେ ଏହା ୯୩୧.୨୫ ପଏଣ୍ଟ ହ୍ରାସ ପାଇ ୭୬,୬୩୧.୬୫ ପଏଣ୍ଟରେ ବନ୍ଦ ହୋଇଛି । ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ୨୨୨.୨୫ ପଏଣ୍ଟ ହ୍ରାସ ପାଇ ୨୩,୭୭୫.୧୦ ପଏଣ୍ଟରେ ବନ୍ଦ ହୋଇଛି । ଇରାନ ସହ ଆମେରିକାର ଯୁଦ୍ଧବିରତି ଘୋଷଣା ସତ୍ତ୍ୱେ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଲାଗି ରହିଥିବାରୁ ଯୁଦ୍ଧ ଶେଷ ହେବା ନେଇ କେଣସି ସ୍ପଷ୍ଟ ସଙ୍କେତ ମିଳୁନାହିଁ । ସେଥିପାଇଁ ଆଜି ପୁଣି ଥରେ ଅଶୋଧିତ ତେଲ ଦର ୯୫ ଡଲାରରୁ ଅଧିକ



ହୋଇଛି । ଏହାର ପ୍ରଭାବରେ ଇକ୍ୱିଟି ବଜାର ଉପରେ ଚାପ ସୃଷ୍ଟି ହୋଇଛି । ଅନ୍ୟପକ୍ଷରେ ଗତ ପାଞ୍ଚଟି କାରବାର ଦିନରେ ସେନ୍ସେକ୍ସରେ ହୋଇଥିବା ବୃଦ୍ଧିର ଲାଭ ଉଠାଇବାକୁ କିଛି ନିବେଶକ ସେୟାର ବିକ୍ରି କରିଥିବା ଅନୁମାନ କରାଯାଉଛି । ଯୁଦ୍ଧକୁ ନେଇ ସ୍ଥିତି ଅନିଶ୍ଚିତ ରହିଥିବାରୁ ନିବେଶକମାନେ ପୋର୍ଟଫୋଲିଓରେ ଦୁର୍ବଳ ଷ୍ଟକକୁ ରଖିବା ପରିବର୍ତ୍ତେ ବିକ୍ରି କରିବାକୁ ଉଚିତ ମଣୁଛନ୍ତି । ବିଶେଷଜ୍ଞମାନଙ୍କ ମତରେ ଯୁଦ୍ଧ ପ୍ରଭାବରେ କିଛି ଷ୍ଟକର ମୂଲ୍ୟ ବହୁତ କମିଯାଇଥିଲା । ସେଗୁଡ଼ିକୁ ନିବେଶକମାନେ କିଣୁଥିବାରୁ ଗତ ପାଞ୍ଚଟି କାରବାର ଦିନରେ ସେନ୍ସେକ୍ସ ବଢୁଥିଲା । ସେହି ଧାରା ବନ୍ଦ ହୋଇଯାଇଛି । ଏବେ ନିବେଶକମାନେ ଆର୍ଥିକ ସେବା ଓ ସୂଚନା ପ୍ରଯୁକ୍ତି କ୍ଷେତ୍ରର ସେୟାର ଅଧିକ ବିକ୍ରି କରୁଛନ୍ତି ।

ଟ୍ରମ୍ପଙ୍କ ନୂଆ ଧମକ; ଇରାନରେ ହିଁ ରହିବେ ଆମେରିକା ସୈନ୍ୟ ଏବଂ ଯୁଦ୍ଧଜାହାଜ

ନୂଆଦିଲ୍ଲୀ, ୯ ।୪ (ଏଜେନ୍ସି): ଇରାନ-ଆମେରିକା ମଧ୍ୟରେ ଅସ୍ତ୍ରବିରତି ପରେ ଲେବାନନ ଉପରେ ଇସ୍ରାଏଲର ଭୟଙ୍କର ଆକ୍ରମଣରେ ୨୫୪ଜଣଙ୍କ ମୃତ୍ୟୁ । ଅସ୍ତ୍ରବିରତି ଘୋଷଣା ହେବାର ମାତ୍ର କିଛି ଘଣ୍ଟା ମଧ୍ୟରେ ଇସ୍ରାଏଲ ସେନା ଲେବାନନ ଉପରେ ଏପର୍ଯ୍ୟନ୍ତର ସବୁଠାରୁ ବଡ଼ ଆକ୍ରମଣ କରିଛି । ଏହି ଭୟଙ୍କର ଆକ୍ରମଣରେ ଅତିକମରେ ୨୫୪ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୧,୧୬୦ରୁ ଅଧିକ ଲୋକ ଆହତ ହୋଇଥିବା ସୂଚନା ମିଳିଛି । ଇସ୍ରାଏଲ ପ୍ରତିରକ୍ଷା ବାହିନୀ ଏହାକୁ 'ଅପରେସନ୍ ଇଟର୍ଣ୍ଣାଲ୍ ଡାର୍କନେସ୍' ନାମ ଦେଇଛି । ଇସ୍ରାଏଲ ସେନା ପକ୍ଷରୁ କୁହାଯାଇଛି, ସେମାନେ ମାତ୍ର ୧୦ ମିନିଟ୍ ମଧ୍ୟରେ ଲେବାନନର ପ୍ରାୟ ୧୦୦ଟି ସ୍ଥାନରେ ଶକ୍ତିଶାଳୀ ବୋମା ବିସ୍ଫୋରଣ କରିଛନ୍ତି । ବେରୁତର ଜନବହୁଳ ଆବାସିକ ଅଞ୍ଚଳ, ସିଦୋନ ଏବଂ ଦକ୍ଷିଣ ଲେବାନନରେ ଏହି ଆକ୍ରମଣ ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଛି । ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ସ୍ପଷ୍ଟ କରିଛନ୍ତି, ଇରାନ ସହ ହୋଇଥିବା ଅସ୍ତ୍ରବିରତି ଚୁକ୍ତିରେ ଲେବାନନ ସାମିଲ ନାହିଁ ଏବଂ ହିଜବୁଲ୍ଲା ବିରୋଧରେ ସେମାନଙ୍କର ଅଭିଯାନ ଜାରି ରହିବ । ଅନ୍ୟପଟେ ଲେବାନନ ପ୍ରଧାନମନ୍ତ୍ରୀ ଏହାକୁ ଏକ 'ନରସଂହାର' ବୋଲି କହିଛନ୍ତି ଏବଂ ଲେବାନନାର ଆଜି ରାଷ୍ଟ୍ରୀୟ ଶୋକ ପାଳନ କରାଯିବ । ଅସ୍ତ୍ରବିରତିର ୨୪ ଘଣ୍ଟା ମଧ୍ୟରେ ଟ୍ରମ୍ପଙ୍କ ନୂଆ ଧମକ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, ଆମ ଦେଶର ସୈନ୍ୟ ଏବଂ ଯୁଦ୍ଧଜାହାଜ ଇରାନରେ ରହିବେ । ସେ ସ୍ପଷ୍ଟ କରିଛନ୍ତି, ଯଦି ଆଲୋଚନାର ଫଳାଫଳ ଆମ ଆଶା ପୂରଣ ନ କରେ, ତେବେ ଶତ୍ରୁତା ପୁଣି ଥରେ ଆରମ୍ଭ ହୋଇପାରେ । ଇରାନରେ ସୈନ୍ୟ ରଖିବାର ଏହି ଘୋଷଣା ଟ୍ରମ୍ପ ଇରାନରେ ଅସ୍ତ୍ରବିରତି ଘୋଷଣା କରିବାର ୨୪ ଘଣ୍ଟା ପରେ ଆସିଛି । ଟ୍ରମ୍ପ ନିର୍ଦ୍ଦିଷ୍ଟ ଭାବରେ ହର୍ମୁଜ୍ ପ୍ରଣାଳୀ ଖୋଲିବା ଏବଂ ଇରାନର ପରମାଣୁ କାର୍ଯ୍ୟକ୍ରମକୁ ବନ୍ଦ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଫଳରେ ଇରାନରେ ପରିସ୍ଥିତି ପୁଣି ସଙ୍କଟ ଜନକ ହେବାର ଆଶଙ୍କା ସୃଷ୍ଟି କରିଛି । ଟ୍ରୁଥ୍ ସୋସିଆଲରେ ଏକ ପୋଷ୍ଟରେ ଟ୍ରମ୍ପ ଲେଖିଛନ୍ତି, ମୂଳ ଚୁକ୍ତି ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ନହେବା ପର୍ଯ୍ୟନ୍ତ ସମସ୍ତ ଆମେରିକୀୟ ଜାହାଜ, ବିମାନ, ସୈନ୍ୟ, ଗୋଳାବାରୁଦ, ଅସ୍ତ୍ରଶସ୍ତ୍ର ଏବଂ ଅନ୍ୟାନ୍ୟ ସାମରିକ ଉପକରଣ ଇରାନ ଏବଂ ଏହାର ଆଖପାଖରେ ରହିବେ । ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, ଇରାନ ଯଥେଷ୍ଟ ଦୁର୍ବଳ ହୋଇଯାଇଛି, କିନ୍ତୁ ଶତ୍ରୁକୁ ସମ୍ପୂର୍ଣ୍ଣ ଭାବରେ ଧ୍ୱଂସ ଏବଂ ପରାସ୍ତ କରିବା ପାଇଁ ଇରାନର ସାମରିକ ଶକ୍ତି ଏବେ ବି ରହିଛି ।

ଯୁବପିଢ଼ିଙ୍କ ସ୍ୱପ୍ନକୁ ଦଳିଚକଟି ଦେଇଛି ଟିଏମସି ସରକାର

ନୂଆଦିଲ୍ଲୀ, ୯ ।୪ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପଶ୍ଚିମବଙ୍ଗରେ ନିର୍ବାଚନ ପ୍ରଚାର କରିଛନ୍ତି । ହଳଦିଆ ନିର୍ବାଚନୀ ସଭାରେ ମୋଦୀ ଅଭିଯୋଗ କରିଥିଲେ ଯେ ତୃଣମୂଳ କଂଗ୍ରେସ-ଟିଏମସି ସରକାର ରାଜ୍ୟରେ ଯୁବପିଢ଼ିଙ୍କ ସ୍ୱପ୍ନକୁ ଦଳିଚକଟି ଦେଇଛି । ଯୁବପିଢ଼ିଙ୍କୁ ଟିଏମସି ବାରମ୍ବାର ଠକିଥିବା ମୋଦୀ ଅଭିଯୋଗ କରିଛନ୍ତି । ଧର୍ମ ଆଧାରରେ ସଂରକ୍ଷଣ ପାଇଁ ଟିଏମସି ଉଦ୍ୟମ କରୁଛି । ବିଜେପି ଏଥର ପଶ୍ଚିମବଙ୍ଗରେ ସରକାର ଗଢ଼ିବ । ବିଜେପି ଲୋକଙ୍କ ବିଶ୍ୱାସ ହୋଇଥିବା ବିଭିନ୍ନ ଘଟଣାରୁ ସଂକେତ ମିଳୁଛି ବୋଲି ମୋଦୀ କହିଥିଲେ । ଆସନ୍ତା ଏପ୍ରିଲ ୨୩ ଓ ୨୯ ତାରିଖରେ ପଶ୍ଚିମବଙ୍ଗ ବିଧାନସଭା ପାଇଁ ନିର୍ବାଚନ ହେବ । ଦୁଇ ପର୍ଯ୍ୟାୟରେ ଭୋଟ୍ ଗ୍ରହଣ ପରେ ମେ ୪ ତାରିଖରେ କରାଯିବ ଭୋଟ୍ ଗଣତି ଓ ଫଳାଫଳ ଘୋଷଣା । ସେପଟେ ନିର୍ବାଚନ ପୂର୍ବରୁ ବିଜୟଙ୍କ ଟିଭିକେକୁ ଶକ୍ତ ଧକ୍କା । ଲଢ଼େଇ ଆଗରୁ ଦଳ ହରାଇଲା ଗୋଟିଏ ଆସନ । ତାମିଲନାଡୁ ରାଜନୀତିରେ ପାଦ ଦେବାକୁ ପ୍ରସ୍ତୁତ ହେଉଥିବା ସୁପରଷ୍ଟାର ବିଜୟଙ୍କ ଦଳ 'ତାମିଲଗା ଭେଟ୍ରି କାଝାଗାମ' ପାଇଁ ଏକ ବଡ଼ ଅସୁବିଧା ସୃଷ୍ଟି ହୋଇଛି । ଆଗାମୀ ବିଧାନସଭା ନିର୍ବାଚନରେ ନିଜର ଦବଦବା ଦେଖାଇବାକୁ ପ୍ରସ୍ତୁତ ହେଉଥିବା ବିଜୟଙ୍କୁ ନିର୍ବାଚନ ମଇଦାନକୁ ଓହ୍ଲାଇବା ପୂର୍ବରୁ ହିଁ ଏକ ଶକ୍ତ ଧକ୍କା ଲାଗିଛି । ନିର୍ବାଚନ କମିଶନ ଏଡାପାଡି ନିର୍ବାଚନମଣ୍ଡଳୀରୁ ଟିଭିକେ ପ୍ରାର୍ଥୀ ଅରୁଣ କୁମାରଙ୍କ ନାମାଙ୍କନକୁ ଖାରଜ କରିଥିଲେ । ଆବଶ୍ୟକ ସଂଖ୍ୟକ ପ୍ରସ୍ତାବକଙ୍କ ଦସ୍ତଖତ ହାସଲ କରିବାରେ ବିଫଳତା ପାଇଁ ଖାରଜ କରାଯାଇଥିବା କୁହାଯାଇଛି । ପ୍ରାର୍ଥୀ ଏବେ ନିଖୋଜ ଥିବାରୁ ପରିସ୍ଥିତି ଦଳ ପାଇଁ ଆହୁରି ସଙ୍କଟ ସୃଷ୍ଟି କରିଛି । ଦଳୀୟ କର୍ମୀମାନେ ଅଭିଯୋଗ କରିଛନ୍ତି, ଅରୁଣଙ୍କୁ ଅପହରଣ କରାଯାଇଛି । ଏହି ଘଟଣା ଉପରେ ଟିଭିକେ ସଦସ୍ୟମାନେ ପ୍ରତିବାଦ କରିଛନ୍ତି । ଅରୁଣ କୁମାର ମଧ ତାଙ୍କ ନାମାଙ୍କନର ଯାଞ୍ଚ ପାଇଁ ଉପସ୍ଥିତ ନହୋଇ ଦ୍ୱନ୍ଦ୍ୱକୁ ଆହୁରି ବଢ଼ାଇ ଦେଇଥିଲେ ।

ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ କ୍ଷୁଦ୍ର ବିଜ୍ଞାନ କେନ୍ଦ୍ର ଉଦଘାଟିତ

ଭୁବନେଶ୍ୱର, ୯।୪ (ନି.ପ୍ର) : ମୀନାକ୍ଷୀ କୋଇଲା ଖଣି, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ ୟୁନିଟ୍ ପକ୍ଷରୁ ଏହାର ସିଏସଆର୍ ଅନ୍ତର୍ଗତ ଓଡିଶା ଆଦର୍ଶ ବିଦ୍ୟାଳୟ, କମାଲାଗାରେ ଆଜି କ୍ଷୁଦ୍ର ବିଜ୍ଞାନ କେନ୍ଦ୍ର ଉଦଘାଟିତ ହୋଇଯାଇଛି। ଏହା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏସଟିଇଏମ୍ (ବିଜ୍ଞାନ, ପ୍ରଯୁକ୍ତି, ଯାନ୍ତ୍ରିକୀ ଓ ଗଣିତ) ଶିକ୍ଷାକୁ ଆହୁରି ସରୀକରଣ ତଥା ସୁଦୃଢ଼ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଉକ୍ତ କେନ୍ଦ୍ର ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଜ୍ଞାନ ବିଷୟବସ୍ତୁଗୁଡ଼ିକୁ ନେଇ ଶିକ୍ଷାର୍ଥୀଙ୍କ ମଧ୍ୟରେ ଅଧିକ ରୁଚି ସୃଷ୍ଟି କରିବା ତଥା ବିଜ୍ଞାନ ସମ୍ବନ୍ଧୀ ବିଷୟକୁ ସହଜ ଭାବେ ଛାତ୍ରଛାତ୍ରୀ ବୁଝିବା ସହ ପ୍ରାୟୋଗିକ ବିଜ୍ଞାନ ଶିକ୍ଷାକୁ ପ୍ରୋତ୍ସାହନ ଦେବା ସହିତ ସେମାନଙ୍କ ଭବିଷ୍ୟତ ପାଇଁ ଆବଶ୍ୟକ ଦକ୍ଷତା ଓ ଜ୍ଞାନରେ ସଶକ୍ତ କରିବା ଏହାର ମୂଳ ଉଦ୍ଦେଶ୍ୟ ରହିଛି।

ଏହି ଉଦଘାଟନୀ ଅବସରରେ ମୁଖ୍ୟ ଅତିଥି ଭାବେ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ର ସିଏସଆର ମୁଖ୍ୟ ଶ୍ରୀ ଅଭିଜିତ ଉପସ୍ଥିତ ଥିଲେ। ଏଥିସହ ଓଡିଶା କ୍ଲଷ୍ଟର ସିଏସଆର ମୁଖ୍ୟ ଶ୍ରୀ ଶିବ ମହାପାତ୍ର ଏବଂ ମୀନାକ୍ଷୀ କୋଇଲା ଖଣିର ୟୁନିଟ୍ ହେଡ୍ ଶ୍ରୀ ମୁକେଶ ଝା ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସହଯୋଗୀ ସଂସ୍ଥା ଏସଟିଇଏମ୍ ଲର୍ନିଙ୍ଗ ଅଧିକାରୀମାନେ ମଧ୍ୟ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସମେତ ସହଯୋଗୀ ଶିକ୍ଷକ ଶିକ୍ଷୟତ୍ରୀ ଏବଂ ଛାତ୍ରଛାତ୍ରୀମାନେ ଉତ୍ସାହ ସହକାରେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମଟି ମୀନାକ୍ଷୀ କୋଇଲା ଖଣି ସିଏସଆର୍ ମୁଖ୍ୟ ଶ୍ରୀମତୀ ନିହାରିକା ସାହୁଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ସଫଳତାର ସହ ପରିଚାଳନା କରାଯାଇଥିଲା।

ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭୁବନେଶ୍ୱରରେ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ସିଏସଆର କାର୍ଯ୍ୟକ୍ରମର ଶୁଭାରମ୍ଭ

ଭୁବନେଶ୍ୱର, ୯।୪ (ନି.ପ୍ର) : ବିଶ୍ୱର ପଞ୍ଚମ ବୃହତ୍ତମ ଅଳଙ୍କାର ଗ୍ରୁପ୍ ଓ ଏକ ଦାୟିତ୍ୱବାନ ଜୁଏଲାରୀ ବ୍ରାଣ୍ଡ୍ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ପକ୍ଷରୁ ଆଜି ଭୁବନେଶ୍ୱରସ୍ଥିତ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଏହାର ପୂର୍ବାଚଂଳ ବୃତ୍ତି କାର୍ଯ୍ୟକ୍ରମ ଘୋଷଣା କରାଯାଇଛି। ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ଏହାର ୨୦୦ କୋଟି ଟଙ୍କାର ଜାତୀୟ ସିଏସଆର ପ୍ରତିଶ୍ରୁତିର ଅଂଶ ସ୍ୱରୂପ ଏହି ପଦକ୍ଷେପ ୧.୮ କୋଟି ଟଙ୍କାର ପ୍ରି ବିନିଯୋଗ ସହିତ ୨,୦୦୦ ଛାତ୍ରଛାତ୍ରୀଙ୍କୁ ସହାୟତା ପ୍ରଦାନ କରିବ। ଏହି ଜାତୀୟ ସିଏସଆର କାର୍ଯ୍ୟକ୍ରମ ୧୯ଟି ରାଜ୍ୟରେ ୩,୦୦୦ରୁ ଅଧିକ ସ୍ଥାନରେ ବ୍ୟାପିଛି ଏବଂ ଏହାଦ୍ୱାରା ୨ ଲକ୍ଷରୁ ଅଧିକ ଲୋକ ଉପକୃତ ହେବେ ବୋଲି ଆଶା କରାଯାଉଛି। ଏହି କାର୍ଯ୍ୟକ୍ରମରେ କ୍ଷୁଧା ନିବାରଣ, ସ୍ୱାସ୍ଥ୍ୟସେବା, ଗୃହ ନିର୍ମାଣ ଓ ପରିବେଶ ସୁରକ୍ଷା ସହିତ ଶିକ୍ଷା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ଏହା ଅଧିନରେ ରହିଥିବା ପ୍ରମୁଖ ପ୍ରୟାସଗୁଡ଼ିକ ମଧ୍ୟରେ ୩୩,୦୦୦ ବାଳିକାଙ୍କ ପାଇଁ ବୃତ୍ତି, ପ୍ରଥମ ଏଜୁକେସନ୍ ଫାଉଣ୍ଡେସନ୍ ସହଭାଗିତାରେ ପଥପ୍ରାନ୍ତ ଶିଶୁମାନଙ୍କ ପାଇଁ ମାଇକ୍ରୋ-ଲର୍ଣ୍ଣିଂ ସେଣ୍ଟରର ସମ୍ପ୍ରସାରଣ ଏବଂ ମାଲାବାର

ଚାରିଟେବୁଲ୍ ଟ୍ରଷ୍ଟ ମାଧ୍ୟମରେ ଏହାର କାର୍ଯ୍ୟକାରିତା ଅନ୍ତର୍ଭୁକ୍ତ।

ଭୁବନେଶ୍ୱରରେ ଆୟୋଜିତ କାର୍ଯ୍ୟକ୍ରମ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସମେତ ଗ୍ରୁପର ବରିଷ୍ଠ ପ୍ରତିନିଧି, ଆମନ୍ତ୍ରିତ ଅତିଥି ଓ ଶିକ୍ଷାବିତମାନଙ୍କ ଗହଣରେ ଅନୁଷ୍ଠିତ ହୋଇଥିଲା।

ଆଂଚଳିକ ସ୍ତରରେ ପୂର୍ବ ଭାରତରେ ଗ୍ରୁପର ସିଏସଆର ପଦକ୍ଷେପଗୁଡ଼ିକ ବୃତ୍ତି ବ୍ୟତୀତ କ୍ଷୁଧା ଦୂରୀକରଣ, ଶିକ୍ଷା ସହାୟତା ଓ ଅତ୍ୟାବଶ୍ୟକ ସମ୍ବଳ ଉପଲବ୍ଧତା ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇଛି। ଝାଡ଼ଖଣ୍ଡରେ ଏହା ୨୧୭ଟି ମାଇକ୍ରୋ-ଲର୍ଣ୍ଣିଂ ସେଂଟର ପରିଚାଳନା କରୁଛି ଯାହା ୯,୧୬୯ ଛାତ୍ରଛାତ୍ରୀଙ୍କୁ ସହାୟତା ପ୍ରଦାନ କରୁଛି। ଦୁଇଟି ସ୍ଥାନରେ ଦୈନିକ ୭,୧୦୯ ଭୋଜନ ପ୍ରଦାନ କରାଯାଉଛି ଏବଂ ୨୫ଟି ପାନୀୟ ଜଳ କୂପ ନିର୍ମାଣ କରାଯାଇଛି ଯାହା ଦ୍ୱାରା ୧,୦୬୫ ଜଣ ଉପକୃତ ହୋଇଛନ୍ତି। ଓଡ଼ିଶାରେ ୧୮୩ଟି ମାଇକ୍ରୋ-ଲର୍ଣ୍ଣିଂ ସେଂଟର ୫,୭୩୮ ଛାତ୍ରଛାତ୍ରୀଙ୍କୁ ସହାୟତା କରୁଛି। ଏହା ସହିତ ପାଂଚଟି ସ୍ଥାନରେ ଦୈନିକ ୫,୦୧୭ ଭୋଜନ ଦିଆଯାଉଛି। ୧୩୨ଟି ପାନୀୟ ଜଳ କୂପ ଦ୍ୱାରା ୨,୫୧୧ ଜଣ ଉପକୃତ ହୋଇଛନ୍ତି। ପଶ୍ଚିମବଙ୍ଗରେ ଗ୍ରୁପ୍ ୧୯୨ଟି ମାଇକ୍ରୋ-ଲର୍ଣ୍ଣିଂ ସେଂଟର ଚଳାଉଛି ଯାହା ୭,୫୦୧ ଛାତ୍ରଛାତ୍ରୀଙ୍କୁ ସହାୟତା ପ୍ରଦାନ କରୁଛି। ଦୁଇଟି ସ୍ଥାନରେ ଦୈନିକ ୬,୨୯୨ ଟି ଭୋଜନ ପ୍ରଦାନ କରାଯାଉଛି ଏବଂ ୪୦୨ଟି ପାନୀୟ ଜଳ କୂପ ନିର୍ମାଣ କରାଯାଇଛି ଯାହା ୯,୪୪୬ ଜଣ ଉପକୃତ ହେଉଛନ୍ତି।

ଏହି ପଦକ୍ଷେପ ଉପରେ ମତ ରଖି ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ଯେ, 'ଶିକ୍ଷା, ପୋଷଣ ଓ ଅତ୍ୟାବଶ୍ୟକ ସମ୍ବଳର ସୁବିଧା ଉପରେ ଧ୍ୟାନ ଦେଉଥିବା ଏହି ପଦକ୍ଷେପଗୁଡ଼ିକ ତୃଣମୂଳ ସ୍ତରରେ ସମ୍ପ୍ରଦାୟକୁ ଶକ୍ତିଶାଳୀ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହିଭଳି କାର୍ଯ୍ୟକ୍ରମଗୁଡ଼ିକ ଶିକ୍ଷାର ସୁବିଧାକୁ ସୁଧାରିବା ଓ ଅନ୍ତର୍ଭୁକ୍ତୀକରଣ ବିକାଶକୁ ସମର୍ଥନ କରିବାରେ ଅର୍ଥପୂର୍ଣ୍ଣ ଅବଦାନ ଦେଉଛି।''

ମାଲାବାର ଗ୍ରୁପ୍‌ର ଅଧ୍ୟକ୍ଷ ଏମ୍ ପି ଅହମ୍ମଦ କହିଛନ୍ତି ଯେ, 'ଉଭୟ ବ୍ୟକ୍ତିଗତ ଓ ସାମାଜିକ ସ୍ତରରେ ଦୀର୍ଘକାଳୀନ ପ୍ରଭାବ ସୃଷ୍ଟି କରିବା ପାଇଁ ଶିକ୍ଷା ଏକ ଅତି ପ୍ରଭାବଶାଳୀ ମାଧ୍ୟମ। ଆମର ବୃତ୍ତି କାର୍ଯ୍ୟକ୍ରମ ମାଧ୍ୟମରେ ଆମେ ସେହି ଛାତ୍ରଛାତ୍ରୀମାନଙ୍କୁ ସହାୟତା କରିବାକୁ ଲକ୍ଷ୍ୟ ରଖିଛୁ ଯେଉଁମାନଙ୍କର ସଫଳ ହେବାର ଦକ୍ଷତା ଅଛି, କିନ୍ତୁ ପାଠପଢ଼ା ଜାରି ରଖିବା ପାଇଁ ଆର୍ଥିକ ସହାୟତା ଆବଶ୍ୟକ କରନ୍ତି।

ଗ୍ରୁପର ସିଏସଆର କାର୍ଯ୍ୟକଳାପଗୁଡ଼ିକ ଶିକ୍ଷା, କ୍ଷୁଧା ଦୂରୀକରଣ, ସ୍ୱାସ୍ଥ୍ୟସେବା, ଗୃହ ନିର୍ମାଣ, ମହିଳା ସଶକ୍ତୀକରଣ ଏବଂ ପରିବେଶ ସୁରକ୍ଷା ପର୍ଯ୍ୟନ୍ତ ବ୍ୟାପିଛି ଯେଉଁଥିରେ ଏହାର ନିଟ୍ ବାଣିଜ୍ୟିକ ଲାଭର ପାଂଚ ପ୍ରତିଶତ ଏହି ପଦକ୍ଷେପଗୁଡ଼ିକ ପାଇଁ ବ୍ୟୟ କରାଯାଉଛି। ଭୁବନେଶ୍ୱରରେ ପୂର୍ବାଚଂଳ ବୃତ୍ତି କାର୍ଯ୍ୟକ୍ରମ ସହିତ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ଆଂଚଳିକ ବଜାରଗୁଡ଼ିକରେ ଏହାର ଶିକ୍ଷା ଭିତ୍ତିକ ସିଏସଆର ପ୍ରୟାସକୁ ମଜବୁତ କରିବା ଜାରି ରଖିଛି ଯାହା ଛାତ୍ରଛାତ୍ରୀମାନଙ୍କ ପାଇଁ ସୁସଂଗଠିତ ଓ ନିରନ୍ତର ସହାୟତା ନିଶ୍ଚିତ କରୁଛି।

ଓଡ଼ିଶାରେ ଏକ ନମ୍ବର ସ୍ଥାନକୁ ସୁଦୃଢ଼ କରିଛି ଜିଓ

ଭୁବନେଶ୍ୱର, ୯।୪ (ନି.ପ୍ର) : ଓଡ଼ିଶାରେ ଏକ ନମ୍ବର ଡିଜିଟାଲ୍ ସେବା ପ୍ରଦାନକାରୀ ଭାବରେ ଏହାର ଜୟଯାତ୍ରା ଜାରି ରଖି, ରିଲାଏନ୍ସ ଜିଓ ଚଳିତ ବର୍ଷ ଫେବୃଆରୀ ମାସରେ ରାଜ୍ୟରେ ସର୍ବାଧିକ ୧.୮୮ ଲକ୍ଷ ନୂତନ ମୋବାଇଲ୍ ଏବଂ ହୋମ୍ ବ୍ରଡବ୍ୟାଣ୍ଡ ଗ୍ରାହକ ଯୋଡିଛି। ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ୍ ଉପଭୋକ୍ତା ତଥ୍ୟ ଅନୁଯାୟୀ, ଫେବୃଆରୀରେ ଓଡ଼ିଶାରେ ୧.୭୪ ଲକ୍ଷରୁ ଅଧିକ ନୂତନ ମୋବାଇଲ୍ ଗ୍ରାହକ ଏବଂ ୧୩୬୦୦ ରୁ ଅଧିକ ନୂତନ ହୋମ୍ ବ୍ରଡବ୍ୟାଣ୍ଡ ଗ୍ରାହକ ଜିଓ ନେଟୱାର୍କରେ ଯୋଡି ହୋଇଛନ୍ତି। ଉଲ୍ଲେଖନୀୟ ଭାବରେ ଜିଓ ଫେବୃଆରୀ ମାସରେ ଓଡ଼ିଶାରେ ତାର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତୁଳନାରେ ପ୍ରାୟ ଚାରି ଗୁଣ ଅଧିକ ନୂତନ ଗ୍ରାହକ ଯୋଡିଛି। ଏହା ସହିତ, ଜିଓ ଓଡିଶାରେ ୱାୟାରଲେସ୍, ୱାୟାରଲାଇନ୍ ଏବଂ ଏଫଡବ୍ଲୁଏ କ୍ଷେତ୍ରରେ ଏହାର ନେତୃତ୍ୱ ସ୍ଥିତିକୁ ଆହୁରି ସୁଦୃଢ଼ କରିଛି ଏବଂ ରାଜ୍ୟରେ ଏହାର ସର୍ବାଧିକ ୧.୭୫ କୋଟି ମୋବାଇଲ୍ ଉପଭୋକ୍ତା, ୩.୬୬ ଲକ୍ଷ ଜିଓଫାଇବର ଉପଭୋକ୍ତା ଏବଂ ୩.୬୩ ଲକ୍ଷ ଜିଓଏୟାରଫାଇବର ଉପଭୋକ୍ତା ରହିଛନ୍ତି। ଓଡ଼ିଶାର ଗ୍ରାମାଞ୍ଚଳ ତଥା ଉପାନ୍ତ ଅଞ୍ଚଳଗୁଡ଼ିକରେ ହଜାର ହଜାର ଗ୍ରାମ ଓ ନଗର ଗୁଡିକରେ ଡିଜିଟାଲ୍ ଅନ୍ତର୍ଭୁକ୍ତିକରଣକୁ ଆଗେଇ ନେଇ, ଜିଓ ସେମାନଙ୍କ ଘର ପାଖରେ ହାଇ ସ୍ପିଡ୍ ବ୍ରଡବ୍ୟାଣ୍ଡ ସଂଯୋଗ ଉପଲବ୍ଧ କରାଇଛି। ଟ୍ରାଇ ତଥ୍ୟ ଅନୁଯାୟୀ, ୱାୟାରଲେସ୍ କ୍ଷେତ୍ରରେ, ଫେବୃଆରୀ ମାସରେ ରିଲାଏନ୍ସ ଜିଓ ସର୍ବାଧିକ ୧,୭୪,୮୧୦ ନୂତନ ମୋବାଇଲ୍ ସବସ୍କ୍ରାଇବର ଯୋଡିଥିବା ବେଳେ ଏହା ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିବା



ଭାରତୀ ଏୟାରଟେଲ୍ ୪୬,୧୯୨ ନୂତନ ମୋବାଇଲ୍ ଉପଭୋକ୍ତା ଏବଂ ଭୋଡାଫୋନ୍ ଆଇଡିଆ ୧୭୦୬୭ ନୂତନ ମୋବାଇଲ୍ ଉପଭୋକ୍ତା ଯୋଡିଥିବା ବେଳେ ବିଏସଏନଏଲ ଏହି ସମୟରେ ୫୫୩୨ ମୋବାଇଲ୍ ଉପଭୋକ୍ତା ହରାଇଛି। ଫେବୃଆରୀ ମାସରେ ଓଡ଼ିଶାରେ ମୋଟ ମୋବାଇଲ୍ ଗ୍ରାହକଙ୍କ ସଂଖ୍ୟା ୨.୩୨ ଲକ୍ଷରୁ ଅଧିକ ବୃଦ୍ଧି ପାଇ ୨୮ ଫେବୃଆରୀ ୨୦୨୬ ସୁଦ୍ଧା ୩.୭୭ କୋଟି ଅତିକ୍ରମ କରିଥିବା ଟ୍ରାଇ ତଥ୍ୟରୁ ଜଣାପଡିଛି। ତଥ୍ୟ ଅନୁଯାୟୀ, ଜାତୀୟ ସ୍ତରରେ ଜିଓ ଫେବୃଆରୀ ମାସରେ ୧୬.୨୪ ଲକ୍ଷରୁ ଅଧିକ ନୂତନ ୱାୟାରଲେସ୍ ଗ୍ରାହକ, ୧.୧୭ ଲକ୍ଷ ନୂତନ ୱାୟାରଲାଇନ୍ (ଜିଓଫାଇବର) ଗ୍ରାହକ ଏବଂ ୩.୪୧ ଲକ୍ଷରୁ ଅଧିକ ନୂତନ ଏଫଡବ୍ଲୁଏ (ଜିଓଏୟାରଫାଇବର) ଗ୍ରାହକ ଯୋଡ଼ିଛି। ଏହାର ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା, ଦୃଢ଼ ଡିଜିଟାଲ ଭିତ୍ତିଭୂମି ଏବଂ ଗ୍ରାହକ-ପ୍ରଥମ ନୀତି ସହିତ, ଜିଓ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଓଡ଼ିଶାର ଡିଜିଟାଲ୍ ପରିବର୍ତ୍ତନକୁ ଆଗକୁ ନେଉଛି। ଜିଓଏୟାରଫାଇବର ଡିଜିଟାଲ୍ ବୈଷମ୍ୟକୁ ଦୂର କରିବା ସହିତ ଶେଷ ମାଇଲ୍ କନେକ୍ଟିଭିଟି ଆହ୍ୱାନକୁ ଦୂର କରିବା ଏବଂ ସହର ଉପକଣ୍ଠ ଓ ଗ୍ରାମାଞ୍ଚଳରେ ଘର ଓ ଛୋଟ ବ୍ୟବସାୟଗୁଡ଼ିକୁ ଭରସାଯୋଗ୍ୟ ଯୋଗାଯୋଗ ସଂଯୋଗ ଉପଲବ୍ଧ କରିବାରେ ସଫଳତା ହାସଲ କରିଛି। ଏହା ହାଇ-ସ୍ପିଡ୍ ବ୍ରଡବ୍ୟାଣ୍ଡ, ୮୦୦+ ଟିଭି ଚ୍ୟାନେଲ୍, ୧୧+ ଓଟିଟି ଆପ୍, ଅସୀମିତ ୱାଇଫାଇ ଏବଂ ଆହୁରି ଅନେକ କିଛି ସୁବିଧା ସୁଗମ ତଥା ସହଜଲଭ୍ୟ କରିଛି, ଯାହା ଆଜିକାର ଡିଜିଟାଲ୍ ଯୁଗରେ ଆଗକୁ ବଢ଼ିବା ପାଇଁ ଛାତ୍ରଛାତ୍ରୀ, ବୃତ୍ତିଗତ ପ୍ରଫେସନାଲ, ଉଦ୍ୟୋଗୀ ଏବଂ ପରିବାରଗୁଡ଼ିକୁ ସଶକ୍ତ କରୁଛି।

ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିବା ଦିଗରେ ଟିପିଏସ୍ଓଡିଏଲର ଭିନ୍ନ ପ୍ରୟାସ

ବ୍ରହ୍ମପୁର,୯।୪ (ନି.ପ୍ର) : ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍ଓଡିଏଲ) ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ, ସମୁଦାୟର ମଙ୍ଗଳ ଏବଂ ଯୁବ ଶକ୍ତିକୁ ସଶକ୍ତ କରିବା ଦିଗରେ ଥିବା ତାର ପ୍ରତିବଦ୍ଧତାକୁ ଦୋହରାଇଛି । ଏହି କ୍ରମରେ ଦକ୍ଷିଣ ଓଡ଼ିଶାର ୩୦ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ପ୍ରଦାନ କରାଯାଇଛି । ଯାହା ସେମାନଙ୍କୁ ସେମାନଙ୍କର ଶୈକ୍ଷିକ ଯାତ୍ରାରେ ବିଶେଷ ଭାବରେ ସହାୟକ ହେବ । କମ୍ପାନୀ ତରଫରୁ ନିଆଯାଇଥିବା ଏହି ପଦକ୍ଷେପ ଏକ ଭବିଷ୍ୟତ ପ୍ରସ୍ତୁତ ପ୍ରତିଭା ବିକଶିତ କରିବା ଦିଗରେ ଏବଂ ଆର୍ଥିକ ଓ ଅବହେଳିତ ବର୍ଗଙ୍କୁ ସଶକ୍ତ କରିବା ପ୍ରତି ଥିବା ସଂକଳ୍ପକୁ ଦର୍ଶାଏ।

ଛାତ୍ରବୃତ୍ତି ପାଇଁ ଚୟନ ହୋଇଥିବା ସମସ୍ତ ଛାତ୍ରୀଛାତ୍ରମାନେ ବିଭିନ୍ନ ସରକାରୀ ପଲିଟେକନିକ ଏବଂ ଶିଳ୍ପ ତାଲିମ ଅନୁଷ୍ଠାନ (ଆଇଟିଆଇ) ରେ ଡିପ୍ଲୋମା ଏବଂ ଆଇଟିଆଇ ପାଠ୍ୟକ୍ରମର ବିଭିନ୍ନ ବିଭାଗରେ ଅଧ୍ୟୟନରତ ଅଛନ୍ତି । ଏହି ଛାତ୍ରବୃତ୍ତି ପଦକ୍ଷେପ ମାଧ୍ୟମରେ ପ୍ରାୟ ୮୦ଟି ଆବେଦନ ଆସିଥିବା ବେଳେ ତନ୍ମଧ୍ୟରୁ ବିଭିନ୍ନ ପ୍ରକ୍ରିୟା ମାଧ୍ୟମରେ ୩୦ଜଣ ଛାତ୍ରୀଛାତ୍ରଙ୍କୁ ଟିପିଏସ୍ଓଡିଏଲ୍ ତରଫରୁ ଚୟନ କରାଯାଇଥିଲା । ଏହି ଛାତ୍ରବୃତ୍ତି ପ୍ରଦାନର ମୂଳ ଉଦ୍ଦେଶ୍ୟ ହେଉଛି ପ୍ରଯୁକ୍ତିବିଦ୍ୟା ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କୁ ଆର୍ଥିକ ସ୍ତରରେ ସଶକ୍ତ କରିବା ଏବଂ ଉତ୍ସାହିତ କରିବା । ଏହି ଅବସରରେ ଟିପିଏସ୍ଓଡିଏଲ୍ ତରଫରୁ ୩୩ଜଣ ସ୍ୱୟଂ ସହାୟିକା ଗୋଷ୍ଠୀ(ଏସଏଚଜି) ର ମହିଳା,



ଯେଉଁମାନେ ଟିପିଏସ୍ଓଡିଏଲର ଅନୋଖା ଧାଗା ସେଣ୍ଟରରେ ସିଲାଇ ପ୍ରଶିକ୍ଷଣ ସମାପ୍ତ କରିଛନ୍ତି ସେମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି । ଏହି ପ୍ରଶିକ୍ଷଣ ସେମାନଙ୍କୁ ସ୍ୱାବଲମ୍ବୀ ହେବା ଏବଂ ଆର୍ଥିକ ସ୍ତରରେ ସଶକ୍ତ କରିବା ଦିଗରେ ବିଶେଷ ଭାବରେ ସହାୟକ ହେବ ।

ଏହି ଅବସରରେ ଶ୍ରୀ ଅମିତ କୁମାର ଗର୍ଗ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପିଏସ୍ଓଡିଏଲ୍ କହିଛନ୍ତି, 'ଆମେ ଆମର ସିଏସ୍ଆର୍ କାର୍ଯ୍ୟକ୍ରମ ଜରିଆରେ ବହୁ ପଦକ୍ଷେପ ଗ୍ରହଣ କରୁଛୁ । ଏହି ଛାତ୍ରବୃତ୍ତି ପଦକ୍ଷେପ ମାଧ୍ୟମରେ ଛାତ୍ରୀଛାତ୍ରମାନେ ଅର୍ଥପୂର୍ଣ୍ଣ ଭାବରେ ଉପକୃତ ହେଉଛନ୍ତି । ଚୟନ ହୋଇଥିବା ଛାତ୍ରୀଛାତ୍ରମାନେ ଆମ ଦେଶର ଭବିଷ୍ୟତ ଅଟନ୍ତି । ମୁଁ ପ୍ରତ୍ୟେକଙ୍କୁ ଅଭିନନ୍ଦନ ଜଣାଉଛି। ଆମେ ସେବା ଯୋଗାଉଥିବା ସମୁଦାୟର ମଙ୍ଗଳ ପ୍ରତି ଆମେ ପ୍ରତିବଦ୍ଧ । ବିଶେଷକରି ସମାଜର ଶେଷ ଧାଡ଼ିରେ ଥିବା ଲୋକର ମଙ୍ଗଳ ପାଇଁ ଆମେ ସଂକଳ୍ପବଦ୍ଧ । ସିଲାଇ ମେସିନ ମାଧ୍ୟମରେ ପ୍ରଶିକ୍ଷଣ ଦେବା ଭଳି ଅଭିଯାନ ଜରିଆରେ ଆମେ ନିଯୁକ୍ତି ସୃଷ୍ଟି କରିବା ସହିତ ମହିଳାମାନଙ୍କୁ ସଶକ୍ତ କରିବାର ଲକ୍ଷ୍ୟ ରଖିଛୁ। ଶ୍ରୀ ସୁନୀଲ ସିଂହ, ନିର୍ଦ୍ଦେଶକ, ଟିପିଏସ୍ଓଡିଏଲ୍ ଏହି ଅବସରରେ କହିଛନ୍ତି, 'ମୁଁ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଉଛି । ତୁମେ ମାନେ ସମସ୍ତେ ଏବେ ଯୁବାବସ୍ଥା ତଥା ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ଅଛ । ବର୍ତ୍ତମାନର ଡିଜିଟାଲ ଯୁଗରେ ବହୁ ବାଧା ରହିଛି। କିନ୍ତୁ ତୁମମାନଙ୍କର ତ୍ୟାଗ ଏବଂ ସମର୍ପଣ ଆଜି ଏଇ ଜାଗାରେ ତମମାନଙ୍କୁ ପହଞ୍ଚାଇଛି । ତୁମର ପ୍ରଥମ ପ୍ରାଥମିକତା ହେଉଛି ତୁମର ସ୍ୱାସ୍ଥ୍ୟ ଏବଂ ଦ୍ୱିତୀୟତଃ ଶିକ୍ଷା । ଆମେ ଏହି ଅବସରରେ ସମୁଦାୟର ସେବା ଏବଂ ଆକାଂକ୍ଷାକୁ ସମର୍ଥନ କରିପାରିଥିବାରୁ ଗର୍ବିତ ଅଟୁ ।

ସିଆଇଆଇ ପକ୍ଷରୁ ଅତ୍ୟାଧୁନିକ ଉତ୍ପାଦନର ଭବିଷ୍ୟତ ଉପରେ ଆଲୋକପାତ

ଭୁବନେଶ୍ୱର,୯।୪ (ନି.ପ୍ର) : କୋଲ୍‌କାତାରେ ଆଡ଼ଭାନ୍ସଡ ମାନୁଫ୍ୟାକ୍‌ଚରିଂ ଉପରେ ଆୟୋଜିତ ଜାତୀୟ ସମ୍ମିଳନୀରେ ଭାରତୀୟ ଶିଳ୍ପ ସଂଘ (ସିଆଇଆଇ) ଉତ୍ପାଦନ କ୍ଷେତ୍ରର ଭବିଷ୍ୟତ ଉପରେ ଆଲୋକପାତ କରିଛି। ଭାରତ କିଭଳି ଉତ୍ପାଦନ କ୍ଷେତ୍ରର ବିସ୍ତାର କରାଯାଇପାରିବ, ଇଣ୍ଡଷ୍ଟ୍ରୀ ୪.୦ ଟେକ୍ନୋଲୋଜିଗୁଡିକୁ ଗ୍ରହଣ କରିପାରିବ ଏବଂ ଆନ୍ତର୍ଜାତୀୟ ମୂଲ୍ୟ ଶୃଙ୍ଖଳାରେ ନିଜର ସ୍ଥିତି ସୁଦୃଢ କରିପାରିବ ସେସମ୍ପର୍କରେ ଆଲୋଚନା କରିବା ପାଇଁ ଏହି ସମ୍ମିଳନୀରେ ଶିଳ୍ପର ବରିଷ୍ଠ ନେତୃବୃନ୍ଦ ଓ ନୀତିନିର୍ମାତା ମାନେ ଏକତ୍ରିତ ହୋଇଥିଲେ । ୨୫ରୁ ଅଧିକ ଚିନ୍ତନକାରୀ ଓ ସିଇଓ ଆଡ଼ଭାନ୍ସଡ ମାନୁଫ୍ୟାକ୍‌ଚରିଂର ଭବିଷ୍ୟତ ଏବଂ ଭାରତରେ ଉତ୍ପାଦନ କ୍ଷେତ୍ରର ସାମଗ୍ରିକ ଅଭିବୃଦ୍ଧି ଓ ବିକାଶ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ସମ୍ମିଳନୀରେ ସିଆଇଆଇ ପକ୍ଷରୁ 'ଷ୍ଟ୍ରାଟେଜିକ ଇନ୍‌ସାଇଟସ ଅନ୍ ଆଡ଼ଭାନ୍ସଡ ମାନୁଫ୍ୟାକ୍‌ଚରିଂ- ଏ ସିଆଇଆଇ ଏମଏଫଏସ ରିପୋର୍ଟ' ଶୀର୍ଷକ ଏହାର ରିପୋର୍ଟ ଉନ୍ମୋଚନ କରାଯାଇଥିଲା।

ଏଭଳି ଏକ ପରିବର୍ତ୍ତନର ମହତ୍ୱ ସମ୍ପର୍କରେ ଉଲ୍ଲେଖ କରି ପଶ୍ଚିମବଙ୍ଗ ସରକାରଙ୍କ ଡବ୍ଲ୍ୟୁଇବିଆଇଏଲର ଅଧ୍ୟକ୍ଷ ସୁତୀର୍ଥ ଭଟ୍ଟାଚାର୍ଯ୍ୟ କହିଛନ୍ତି, 'ଏଭଳି ସମ୍ମିଳନୀଗୁଡିକ ପରିବର୍ତ୍ତନର କେନ୍ଦ୍ରବିନ୍ଦୁ ଅଟେ। ପାରମ୍ପରିକ ଉତ୍ପାଦନ ପ୍ରକ୍ରିୟା ସହ ଅତ୍ୟାଧୁନିକ ଟେକ୍ନୋଲୋଜିର ଏକତ୍ରିକରଣ ଭାରତର ଅଭିବୃଦ୍ଧିକୁ ଆଗକୁ ବଢ଼ାଇବ। ଭାରତ ଅତୀତରେ ଅନେକ ମିଶନ ଲଂଚ କରିଥିବା ବେଳେ ବର୍ତ୍ତମାନ ଏକ 'ଆଡ଼ଭାନ୍ସଡ ମାନୁଫ୍ୟାକ୍‌ଚରିଂ ମିଶନ'ର ଆରମ୍ଭ କରିବା ପାଇଁ ସମୟ ଆସିଛି।' ଏହି ସମ୍ମିଳନୀରେ ସିଆଇଆଇର ମାଇନିଂ ଆଣ୍ଡ କନଷ୍ଟ୍ରକ୍‌ଶନ ଇକ୍ୱିପମେଂଟ ଡିଭିଜନ (ଏମସିଇଡି)ର ଅଧ୍ୟକ୍ଷ ଏବଂ ଟିକେଆଇଏଲ ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ ଲିମିଟେଡର ଏମ୍‌ଡି ଓ ସିଇଓ ବିବେକ ଭାଟିଆ ଭାରତ ସ୍ଥାୟୀ ଅଭିବୃଦ୍ଧି ହାସଲ କରିବା ପାଇଁ ହେଲେ ଉତ୍ପାଦନ କ୍ଷେତ୍ରକୁ ବିସ୍ତାର କରିବାର ଆବଶ୍ୟକତା ରହିଛି ବୋଲି ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି, 'ଏହି କ୍ଷେତ୍ର ଯୋଗାଣ ଶୃଙ୍ଖଳାରେ ବାଧା ସୃଷ୍ଟି ହେଉଥିବାରୁ ଏହି କ୍ଷେତ୍ର ଦୁର୍ବଳ ରହିଛି। ଭାରତରେ ପ୍ରତିଭା ଓ ବଜାର ସମ୍ଭାବନା ରହିଛି। ତେବେ ଦୁଇଟି ପ୍ରମୁଖ ପ୍ରାଥମିକତା ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି, ପ୍ରଥମଟି ହେଉଛି ଦକ୍ଷତା ସହ ସମ୍ପ୍ରସାରଣ ଏବଂ ୨ୟଟି ହେଉଛି ଟେକ୍ନୋଲୋଜି ଓ ଉଦ୍ଭାବନ ମାଧ୍ୟମରେ ଦେଶର ଶିଳ୍ପ ଆଧାରକୁ ବିସ୍ତାର କରିବା।' ସିଆଇଆଇ ନ୍ୟାଶନାଲ କମିଟି ଅନ୍ ସ୍ମାର୍ଟ ମାନୁଫ୍ୟାକ୍‌ଚରିଂର ଅଧ୍ୟକ୍ଷ ଓ ରକ୍‌ୱେଲ ଅଟୋମେଶନ ଇଣ୍ଡିଆର ଏମ୍‌ଡି ଦିଲୀପ ସାହାନି କହିଛନ୍ତି, 'ମଧ୍ୟପ୍ରାଚରେ ଯୁଦ୍ଧ ସଙ୍କଟ ଶକ୍ତି କ୍ଷେତ୍ର ଓ ଆନ୍ତର୍ଜାତୀୟ ଯୋଗାଣ ଶୃଙ୍ଖଳାକୁ ପ୍ରଭାବିତ କରିଥିବା ବେଳେ ଟାରିଫ ଯୋଗୁଁ ବାଣିଜ୍ୟରେ ବ୍ୟାଘାତ ଜାରି ରହିଛି। ତେବେ ପିଏଲଆଇ ଭଳି ପଦକ୍ଷେପ ଓ ଆନ୍ତର୍ଜାତୀୟ ମୂଲ୍ୟ ଶୃଙ୍ଖଳା ସହ ଗଭୀର ସମନ୍ୱୟ ମାଧ୍ୟମରେ ଉତ୍ପାଦନ କ୍ଷେତ୍ର ବୃଦ୍ଧି ପାଉଛି ଓ ନିବେଶ ଆକର୍ଷିତ କରୁଛି।

ସଂଗ୍ରାମ କେଶରୀ ସେନାପତିଙ୍କ ଇଂରାଜୀ ଉପନ୍ୟାସ 'ଦି ଇଅର୍ ସି ଡିସାପିଅର୍ଡ୍' ଉନ୍ମୋଚିତ

ବାଲେଶ୍ୱର,୯।୪ (ନି.ପ୍ର) : ଆଜି ବାଲେଶ୍ୱର ଆଜିମାବାଦ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସଂଗ୍ରାମ କେଶରୀ ସେନାପତିଙ୍କ ଇଂରାଜୀ ଉପନ୍ୟାସ 'ଦି ଇଅର୍ ସି ଡିସାପିଅର୍ଡ୍' ଉନ୍ମୋଚିତ ହୋଇଯାଇଛି। ମିଶନ୍ ସଙ୍କେତ୍ସାରେ ଆୟୋଜିତ ଅଭିଳାଷା ଓପନ୍ ମାଇକ୍ କାର୍ଯ୍ୟକ୍ରମରେ ଅତିଥି ଭାବରେ ଯୋଗ ଦେଇଥିଲେ କବୀ ଅଭିଲିପ୍ସା ପାଢ଼ୀ, ଉତ୍କଳିକା ରାଉତ ଓ ଏପି ଶୁଭକାନ୍ତ ସାମଲ । କଲେଜ ସମୟର ପ୍ରେମ କାହାଣୀ ଆଧାରରେ ଏହି ଉପନ୍ୟାସଟି ଶୁଭପଲ୍ଲବ ପବ୍ଲିକେସନ୍ ଦ୍ୱାରା ପ୍ରକାଶିତ ହୋଇଛି, ଯାହାକି ଆଗାମୀ ଦିନରେ ଓଡ଼ିଆ ଭାଷାରେ ମଧ୍ୟ ପ୍ରକାଶ ପାଇବାକୁ ଯାଉଛି।



ସୂଚନା ଥାଉକି ସଂଗ୍ରାମଙ୍କର ଏହା ପ୍ରଥମ ଇଂରାଜୀ ଉପନ୍ୟାସ ଏବଂ ତାଙ୍କ ରଚିତ ଓଡ଼ିଆ ଉପନ୍ୟାସ 'ସିଗାରେଟ୍' ଆଗାମୀ ସପ୍ତାହରେ ଟାଇମ୍ପାସ୍ ପ୍ରକାଶନ ଦ୍ୱାରା ଉନ୍ମୋଚିତ ହେବାକୁ ଯାଉଛି । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱରର ବିଭିନ୍ନ ଯୁବ କବି ଓ ଲେଖକମାନେ ଯୋଗ ଦେଇ, ନିଜ ନିଜର ଗପ ଓ କବିତା ଉପସ୍ଥାପନା କରିବା ସହିତ ସଙ୍ଗୀତ ପରିବେଷଣ ଓ ଷ୍ଟାଣ୍ଡଅପ୍ କମେଡ଼ି ମଧ୍ୟ ପରିବେଷଣ କରାଯାଇଥିଲା । ଅଭିଳାଷା ଦ୍ୱାରା ବାଲେଶ୍ୱରରେ ଆୟୋଜିତ ଏହା ପ୍ରଥମ ଓପନ୍ ମାଇକ୍ ଥିଲା, ତେଣୁ ଯୋଗ ଦେଇଥିବା ଅତିଥି ଓ କବିମାନେ ବେଶ୍ ଉତ୍ସାହୀ ଥିଲେ।

ଇକୋନୋମିକ ଟାଇମ୍ସ ଆୱାର୍ଡ ଫର ଡିଜାଇନ ଆଣ୍ଡ କ୍ରିଏଟିଭିଟି ସମ୍ମାନରେ ମାୟାବିୟସ୍ ଗ୍ରୁପ

ଭୁବନେଶ୍ୱର, ୯।୪ (ନି.ପ୍ର): ଇକୋନୋମିକ ଟାଇମ୍ସ ଆୱାର୍ଡ ଫର ଡିଜାଇନ ଆଣ୍ଡ କ୍ରିଏଟିଭିଟିରେ ମାୟାବିୟସ ଗ୍ରୁପ ଡିଜାଇନ, କ୍ରିଏଟିଭିଟି, ଟେକ୍ନୋଲୋଜି ଓ ଆର୍ଟ ଅଫ୍ ଷ୍ଟୋରୀଟେଲିଂ କ୍ଷେତ୍ରରେ ନିଜର ଉତ୍କର୍ଷତା ପାଇଁ ଗୋଟିଏ ଗୋଲ୍ଡ ଓ ୩ଟି ବ୍ରୋଞ୍ଜ ମେଡାଲ ଜିତିଛି। ଏମଏନସି ନେଟୱର୍କ ଏଜେନ୍ସିଜ ଆଣ୍ଡ କ୍ଲାଏଂଟ ବ୍ୟତୀତ ମାୟାବିୟସ ଗ୍ରୁପ ହେଉଛି ଏହି ପ୍ରତିଷ୍ଠିତ ସମ୍ମାନ ଜିତିଥିବା ପୂର୍ବ ଭାରତର ଏକମାତ୍ର ଏଜେନ୍ସି। ବିଜ୍ଞାପନ ଶିଳ୍ପର ବିଶିଷ୍ଟ ବ୍ୟକ୍ତି ପ୍ରହ୍ଲାଦ କାକର ଏହାର ଜୁରୀ ପ୍ୟାନେଲର ଅଧ୍ୟକ୍ଷ ଥିବା ବେଳେ କ୍ରିଏଟିଭ, ଡିଜାଇନ ଓ ମାର୍କେଟିଂ କ୍ଷେତ୍ରରୁ ୨୩ ଜଣ ଦକ୍ଷ ପେସାଦାର ବ୍ୟକ୍ତି ଏଥିରେ ଅନ୍ତର୍ଭୁକ୍ତ ଥିଲେ। ଏହି ସ୍ୱୀକୃତି ସମ୍ପର୍କରେ ମାୟାବିୟସ ଗ୍ରୁପର ପ୍ରତିଷ୍ଠାତା ଓ ସିଇଓ, ଅଖିଲ ବି ପଲ୍ କହିଛନ୍ତିଯେ, "ଏହି ଆୱାର୍ଡଗୁଡିକ ଦୁଇ ଦଶନ୍ଧି ହେବ କାର୍ଯ୍ୟର ନିରନ୍ତରତା ଏବଂ କମ୍ୟୁନିକେଶନ ସହ ଟେକ୍ନୋଲୋଜିକୁ ଏକତ୍ରିତ କରିବା ଉପରେ ଆମର ମହତ୍ୱକୁ ପ୍ରତିଫଳନ କରୁଛି। ବୃହତ ନେଟୱର୍କ ଏଜେନ୍ସି ଓ ଜାତୀୟ ବ୍ରାଣ୍ଡଗୁଡିକ ସହ ସ୍ୱୀକୃତି ପାଇବା ପ୍ରେରଣାଦାୟକ ଅଟେ। ଏହି ସ୍ୱୀକୃତି ସାର୍ଥକ ଓ ବିସ୍ତୃତ

ଡିଜାଇନ-ଭିତ୍ତିକ ସମାଧାନ ନିର୍ମାଣ କରିବା ପ୍ରତି ଆମର ପ୍ରତିବଦ୍ଧତାକୁ ମଜବୁତ କରିଛି।" ମୁମ୍ବାଇରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦେଶର କୋଣଅନୁକୋଣରୁ ସୃଜନଶୀଳତା କ୍ଷେତ୍ରର ସମ୍ମାନିତ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ମାୟାବିୟସ ଗ୍ରୁପ ହେଉଛି ନିମଜ୍ଜିତ ଅନୁଭୂତି ସୃଷ୍ଟି କରିବା ପାଇଁ ଟେକ୍ନୋଲୋଜିର ବ୍ୟବହାର କରି ଦୁଇ ଦଶନ୍ଧି ହେବ ଗ୍ରାହକଙ୍କ ଲାଗି କମ୍ୟୁନିକେଶନ ସଲ୍ୟୁଶନ ପ୍ରଦାନ କରୁଥିବା ଏକ ମାର୍ଟେକ ଏଜେନ୍ସି। ମାୟାବିୟସ ଗ୍ରୁପ ଆଇଓଟି-ସକ୍ଷମ ମିନିଏଚର ସ୍କେଲ ମଡେଲ ଓ ସିନେମାଟିକ ୱାକ୍‌ଥ୍ରୋରୁ ଆରମ୍ଭ କରି ଭର୍ଚୁଆଲ ରିଅଲିଟି (ଭିଆର), ଅଗ୍‌ମେଂଟେଡ ରିଅଲିଟି (ଏଆର), ମିକ୍ସଡ ରିଅଲିଟି (ଏକ୍ସଆର) ପରିବେଶ, ଦୃଶ୍ୟମାନ ଭାବେ ବର୍ଣ୍ଣନାତ୍ମକ ବ୍ରୁଚର, ୱର୍କପ୍ଲେସ ପ୍ଲାଟଫର୍ମ ଓ ଇଂଟରାକ୍ଟିଭ ଡିଜିଟାଲ ଇକୋସିଷ୍ଟମ ପର୍ଯ୍ୟନ୍ତ ପ୍ରଦାନ କରିଥାଏ। ଏହା ରିଅଲ ଇଷ୍ଟେଟ, ଇନଫ୍ରାଷ୍ଟ୍ରକ୍ଚର, କଞ୍ଜ୍ୟୁମର ଡ୍ୟୁରାବୁଲ୍ସ, ଏଫଏମସିଜି, ପ୍ରତିରକ୍ଷା, ଖଣି, ଶକ୍ତି ଆଦି କ୍ଷେତ୍ରରେ ୩୦୦ରୁ ଅଧିକ ଗ୍ରାହକଙ୍କୁ ସେବା ଯୋଗାଉଛି। ଏହି ଆୱାର୍ଡ ଡିଜାଇନ, କ୍ରାଫ୍ଟ ଓ ଉଦ୍ଭାବନ କ୍ଷେତ୍ରର ସୃଜନଶୀଳତାକୁ ପାଳନ ଓ ସମ୍ମାନିତ କରିଥିଲା।

ଚନ୍ଦ୍ରଶେଖରପୁରରେ ଖୋଲିଲା ଚାନ୍ଦି ଭଣ୍ଡାରର ୨୯ତମ ଷ୍ଟୋର

ଭୁବନେଶ୍ୱର,୯।୪ (ନି.ପ୍ର) : ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଓଡ଼ିଶାର ବହୁ ଭରସାଯୋଗ୍ୟ ରୁପା ଗହଣା ଷ୍ଟୋର ଚାନ୍ଦି ଭଣ୍ଡାର ଚନ୍ଦ୍ରଶେଖରପୁରରେ ଏହାର ୨୯ତମ ଷ୍ଟୋର ଉନ୍ମୋଚନ କରିଛି। କମଳା ବିହାରସ୍ଥିତ ତନିସ୍କ ନିକଟସ୍ଥ ତଳ ମହଲାରେ ଅବସ୍ଥିତ ଏହି ନୂଆ ଷ୍ଟୋର ବ୍ରାଣ୍ଡର ଅଭିବୃଦ୍ଧି ଯାତ୍ରାରେ ଆଉ ଏକ ପ୍ରମୁଖ ମାଇଲଖୁଣ୍ଟ।

୧୨ ବର୍ଷର ଉତ୍କର୍ଷତା ସହିତ ଏହି ନୂତନ ଷ୍ଟୋରରେ ଉଦଘାଟନୀ ରୁପା କାରିଗରୀ ଏବଂ ଶୁଦ୍ଧତା ଓ ଅନନ୍ୟ ଡିଜାଇନ ପ୍ରତି ବ୍ରାଣ୍ଡର ଉତ୍ସର୍ଗତାର ପ୍ରତୀକ। ଏଥିସହିତ ଚାନ୍ଦି ଭଣ୍ଡାର ରୁପା ଗହଣା କ୍ଷେତ୍ରରେ ଏହାର ପରିଆରାକୁ ଆହୁରି ମଜବୁତ କରିଛି। ଚନ୍ଦ୍ରଶେଖରପୁରର ହୃଦୟରେ ଅବସ୍ଥାପିତ ଏହି ନୂଆ ଷ୍ଟୋର ୨୦୦୦ ବର୍ଗଫୁଟ୍ ପରିବ୍ୟାପ୍ତ ସ୍ଥାନରେ ନିର୍ମିତ। ଏକ ସ୍ୱଚ୍ଛ ଏବଂ ଆମନ୍ତ୍ରଣକାରୀ ପରିବେଶ ପ୍ରଦାନ କରିବା ପାଇଁ ଚିନ୍ତନଶୀଳ ଭାବେ ଏହାକୁ ଡିଜାଇନ କରାଯାଇଛି। ଆଧୁନିକ ବିଳାସ ଏବଂ ପାରମ୍ପରିକ ଆକର୍ଷଣର ଏକ ସୁଗମ ମିଶ୍ରଣ ସହିତ ଏ ଷ୍ଟୋର ରୁପା କଳାକୃତିର ସର୍ବୋତ୍ତମ ପ୍ରଦର୍ଶନ କରେ, ଯାହା ଏକ ସ୍ମରଣୀୟ ସପିଂ ରିଟେଲ ଅଭିଜ୍ଞତା ସୁନିଶ୍ଚିତ କରୁଛି। ଏହି ମେଗା ଉଦଘାଟନକୁ ପାଳନ କରିବା ପାଇଁ ଚନ୍ଦ୍ରଶେଖରପୁର ଷ୍ଟୋର ପ୍ରତିଅବସର ପାଇଁ ଷ୍ଟର୍ଲିଂ ରୁପା ଗହଣାର ଉତ୍କୃଷ୍ଟ ସମ୍ଭାର ପ୍ରଦାନ କରୁଛି, ଯାହା ପ୍ରତ୍ୟେକ ଅବସର ପାଇଁ ଉଦ୍ଦିଷ୍ଟ। ୯୨.୫ଧ ଶୁଦ୍ଧ ରୁପା ବାସନରୁ ଆରମ୍ଭ କରି ପ୍ରିମିୟମ ଗହଣା ପର୍ଯ୍ୟନ୍ତ ଷ୍ଟୋରରେ ମହିଳା, ପୁରୁଷ ଏବଂ ପିଲାମାନଙ୍କ ପାଇଁ ବ୍ୟାପକ ରେ଼ ରହିଛି। ମହିଳାମାନଙ୍କ ପାଇଁ ଜିରକନ୍‌ଖଚିତ ନେକ୍‌ଲେସ୍, ଚୁଡ଼ି, ମୁଦି, କାନଫୁଲ, ବ୍ରେସ୍‌ଲେଟ୍ ଏବଂ ଆଙ୍କଲେଟ୍ ଭଳିକି ଭଳି ସମ୍ଭାର ଏଠାରେ ରହିଛି, ଯାହାକି ଫେଷ୍ଟିଭ୍ ସେଲିବ୍ରେଶନ୍ ଏବଂ ନିତିଦିନିଆ ବ୍ୟବହାର ପାଇଁ ସର୍ବୋତ୍କୃଷ୍ଟ। ପୁରୁଷଙ୍କ ରୁପା ଗହଣା ଚାହିଦାକୁ ଦୃଷ୍ଟିରେ ରଖି ଆମୋଘ କଲେକ୍ସନ ଷ୍ଟୋରରେ ଉପଲବ୍ଧ, ଯେଉଁଥିରେ ବ୍ରେସ୍‌ଲେଟ୍, ମୁଦି, କଫ୍‌ଲିଙ୍କ୍ ଏବଂ ଚେନ୍ ଆଦି ରହିଛି। ପିଲାମାନଙ୍କ ପାଇଁ କୌତୁକିଆ ଏବଂ ପ୍ରିମିୟମ କିଡ୍ସ କଲେକ୍ସନ ଉପଲବ୍ଧ। ସର୍ବୋତ୍ତମ ଗହଣା ସହିତ ଆହୁରି ଅଧିକ କିଛି ପ୍ରଦାନ କରୁଛି ଚାନ୍ଦି ଭଣ୍ଡାର। ପାରମ୍ପରିକ ରୁପା ଆଇଟମ୍ ସହିତ ଏଠାରେ ପରିବର୍ଦ୍ଧିତ ଲାଇଫଷ୍ଟାଇଲ୍ ସେକ୍ସନ ରହିଛି। ରୁପାରେ ପ୍ରସ୍ତୁତ ୱାଇନ୍ ଗ୍ଲାସ, ବଟଲ ଏବଂ ଅତି ସୁନ୍ଦର ଟୀ' ସେଟ୍ ଦୈନନ୍ଦିନ



ବ୍ୟବହାରରେ କେବଳ ରୁପାର ୱେଲନେସ୍ ଫାଇଦା ପ୍ରଦାନ କରି ନ ଥାଏ, ଚିନ୍ତନଶୀଳ ଉପହାର ଭାବେ କାର୍ଯ୍ୟରେ ଆସିଥାଏ। ଏ କଲେକ୍ସନରେ ମଧ୍ୟ ରହିଛି ଉଡେନ ସିଲଭର-ୱାର୍କ ଟ୍ରେ ଏବଂ ସୁନ୍ଦର ଲାଇଫଷ୍ଟାଇଲ୍ ପିସ୍। ପ୍ରତ୍ୟେକ ଲିଭିଂ ସ୍ପେସରେ ଏହା ଆନନ୍ଦ ଯୋଡ଼ିଥାଏ ଏବଂ ପ୍ରତ୍ୟେକ ଅବସର ପାଇଁ ଉପଯୁକ୍ତ ଉପହାର ବିକଳ୍ପ ଭାବେ କାର୍ଯ୍ୟ କରେ। ସ୍ୱତନ୍ତ୍ର ଲଞ୍ଚ ଅଫର ଭାବେ ଚାନ୍ଦି ଭଣ୍ଡାର ଗଢ଼ା ମଜୁରିରେ ୩୦ଧ ପର୍ଯ୍ୟନ୍ତ ରିହାତି ପ୍ରଦାନ କରୁଛି। ଏହା ଏପ୍ରିଲ ୧୯ ପର୍ଯ୍ୟନ୍ତ ଉପଲବ୍ଧ। ବ୍ରାଣ୍ଡର ସିଗ୍‌ନେଚର କଲେକ୍ସନ ଲାଭ କରିବାର ଏହା ପ୍ରକୃଷ୍ଟ ସମୟ ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି। ଏ ଅବସରରେ ଚାନ୍ଦି ଭଣ୍ଡାରର ପ୍ରତିଷ୍ଠାତା ଲିପ୍ସା ହଂସ କୁହନ୍ତି, ଆମର ୨୯ତମ ଷ୍ଟୋର ଖୋଲିଆମେ ଅତ୍ୟନ୍ତ ଗର୍ବିତ। ଏହି ମାଇଲଖୁଣ୍ଟ ଆମ ପ୍ରତି ଗ୍ରାହକଙ୍କ ଦୃଢ଼ ବିଶ୍ୱାସକୁ ପ୍ରତିଫଳିତ କରୁଛି। ଅକ୍ଷୟ ତୃତୀୟାରେ ଏହା ଆମ ପାଇଁ ଏକ ସୁନ୍ଦର ନୂତନ ଆରମ୍ଭ। ନିରନ୍ତର ସମ୍ପ୍ରସାରଣର ଅଂଶବିଶେଷ ଚାନ୍ଦି ଭଣ୍ଡାର ଓଡ଼ିଶାରେ ଏହାର ପଦଚିହ୍ନ ମଜଭୁତ କରୁଛି। କାରବାରରେ ନୂଆ ଅଧ୍ୟାୟ ଯୋଡ଼ି ରାଜ୍ୟ ବାହାରେ ଉପସ୍ଥିତି ବଢ଼ାଇଛି ଚାନ୍ଦି ଭଣ୍ଡାର। ରାୟପୁରରେ ଏହା ଦୁଇଟି ଷ୍ଟୋର ଖୋଲିଛି। ଭିଆଇପି ରୋଡ଼ ଏବଂ ପଣ୍ଡ୍ରିରେ ଏ ଷ୍ଟୋର ଦ୍ୱୟ ଖୋଲିଛି। ଚାନ୍ଦି ଭଣ୍ଡାର ବିଷୟରେ: ଚାନ୍ଦି ଭଣ୍ଡାର ରାଜ୍ୟର ସର୍ବବୃହତ୍ ରୁପା ଗହଣା ଚେନ୍ ଷ୍ଟୋର। ୨୦୧୩ରେ ଏକ ସ୍ୱତନ୍ତ୍ର ସିଲଭର ଷ୍ଟୋର ଭାବେ ଏହା ଓଡ଼ିଶାରେ ସ୍ଥାପିତ ହୋଇଥିଲା। ବର୍ତ୍ତମାନ ଏହାର ଷ୍ଟୋର ସଂଖ୍ୟା ୩୧ରେ ପହଞ୍ଚିଛି। ଭୁବନେଶ୍ୱରର ରଘୁନାଥପୁର, ସହିଦ ନଗର, ପଟିଆ, ରସୁଲଗଡ, ଜନପଥ, ସୌଭାଗ୍ୟନଗର, ନୟାପଲ୍ଲୀ, ଲୁଇସ୍ ରୋଡ୍, ଖଣ୍ଡଗିରି ଏବଂ ଚନ୍ଦ୍ରଶେଖରପୁର, ଖୋର୍ଦ୍ଧା, କଟକର କ୍ୟାଣ୍ଟନ୍‌ମେଣ୍ଟ ରୋଡ୍, ସିଡିଏ ଏବଂ ଲିଙ୍କ୍ ରୋଡ୍, ରାଉରକେଲା, ଅନୁଗୁଳର ଅମଲାପଡ଼ା ଏବଂ ଗାନ୍ଧି ମାର୍ଗ ଛକ, ଯାଜପୁର, ବ୍ରହ୍ମପୁର, ବାଲେଶ୍ୱର, ଢେଙ୍କାନାଳ, ତାଳଚେର, ବାରିପଦା, ସୁନ୍ଦରଗଡ଼, ଝାରସୁଗୁଡା, ବରଗଡ଼, ନୟାଗଡ଼, ବଲାଙ୍ଗୀର, ଭଦ୍ରକ ଏବଂ ରାୟପୁରର ଭିଆଇପି ରୋଡ୍ ଓ ପଣ୍ଡ୍ରିରେ ଏହାର ଷ୍ଟୋର ରହିଛି। ଗ୍ରାହକଙ୍କୁ ବ୍ୟାପକ ରେ଼ ରୁପା ଉତ୍ପାଦ ଯୋଗାଇବା, ଜୀବନକାଳ ମାଗଣା କ୍ଲିନିଂ, ସର୍ବୋତ୍ତମ ବଦଳ ନୀତି, କଷ୍ଟମାଇଜେସନ୍, କ୍ରୟ ପୂର୍ବରୁ ପରଖିବା, ଭ୍ୟାଲ୍ୟୁ ଫର୍ ମନି ଏବଂ ହଲ୍‌ମାର୍କଯୁକ୍ତ ଓ କ୍ୱାଲିଟି ଉତ୍ପାଦ ଚାନ୍ଦି ଭଣ୍ଡାରର ପ୍ରତିଶ୍ରୁତି।

ଆସନ୍ତା ୧୩ରେ ସକାଳ ୭ଟାରୁ ଜିଲ୍ଲାପାଳଙ୍କ ଜନଶୁଣାଣି ଆରମ୍ଭ

କଟକ,୯।୪(ନି.ପ୍ର): ଆସନ୍ତା ୧୩ ତାରିଖ ସୋମବାର ମାହାଙ୍ଗା ବ୍ଲକଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଏହି ଅଭିଯୋଗ ଶୁଣାଣି ଶିବିର ସକାଳ ୭ ଘଟିକା ସମୟରେ ଆରମ୍ଭ ହୋଇ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଚାଲିବ। ଅଭିଯୋଗକାରୀମାନେ ଏହି ସମୟରେ ଉପସ୍ଥିତ ରହି ନିଜ ଅଭିଯୋଗଗୁଡିକ ପଞ୍ଜିକରଣ କରି ପାଳି ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବା ସହ ଶୃଙ୍ଖଳିତ ଭାବେ ଅଭିଯୋଗ ଶୁଣାଣିରେ ଭାଗ ନେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ଶିବିରରେ ଜିଲ୍ଲାପାଳ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗର ଶୁଣାଣି କରିବେ। ଏଥିସହ ଜିଲ୍ଲାର ବିଭିନ୍ନ ପଞ୍ଚାୟତ ସ୍ତରରେ ହେଉଥିବା ଜନ ଅଭିଯୋଗ ଶୁଣାଣିଗୁଡିକ ମଧ୍ୟ ସକାଳ ୭ ଘଟିକା ଠାରୁ ୧୦ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

ଜିଲ୍ଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ

କଟକ , ୯।୪ (ନି.ପ୍ର): କଟକ ଜିଲ୍ଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକ ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ କମଳଜିତ୍ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଗତ ବୈଠକରେ ସଡକ ସୁରକ୍ଷା ନିମନ୍ତେ ନିଆଯାଇଥିବା ବିଭିନ୍ନ କାର୍ଯ୍ୟାନୁଷ୍ଠାନର ନିଷ୍ପତ୍ତି ଅନୁଯାୟୀ ଅଗ୍ରଗତି ଏବଂ ନୂତନ ଅସୁବିଧା ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରାରମ୍ଭରେ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ବିଶ୍ୱଜିତ ଦାଶ କାର୍ଯ୍ୟସୂଚୀ ଅନୁଯାୟୀ ବୈଠକ ପରିଚାଳନା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ କମଳଜି ଦାସ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଧାର୍ଯ୍ୟ କାର୍ଯ୍ୟାନୁଷ୍ଠାନ ଅନୁପାଳନ ଉପରେ ବିବୃତି ରଖିବାକୁ କହିବା ସହ ଅସମ୍ପୂର୍ଣ୍ଣ ଥିବା କାର୍ଯ୍ୟ ଗୁଡିକ ଉପରେ ତୁରନ୍ତ ପଦକ୍ଷେପ ଗ୍ରହଣ କରି କାର୍ଯ୍ୟାନୁଷ୍ଠାନ ଦିଗରେ ନିର୍ଦ୍ଦେଶ ଦେଇଥିଲେ। ଇତି ମଧ୍ୟରେ ମଙ୍ଗୁଳି ଠାରେ ଦୁର୍ଘଟଣା ଏଡାଇବାକୁ କ୍ରାସ୍ ବ୍ୟାରିଅର ପରିବର୍ତ୍ତେ କଣ୍ଟା ଜାତୀୟ ଫୁଲ ଗଛ ଲଗାଇବା କାର୍ଯ୍ୟ ସମ୍ପନ୍ନ ହେବାନେଇ ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଅଧିକାରୀ ସୂଚନା ଦେଇଥିଲେ। ବାଲିଘାଟରୁ ବାଲି ପରିବହନ ସମୟରେ ରାସ୍ତାରେ ପଡୁଥିବା ବାଲିକୁ ନିୟମିତ ଭାବେ ସଫା କରିବାକୁ ଅତିରିକ୍ତ ଜିଲ୍ଲାପାଳ ଉପସ୍ଥିତ ଖଣି ଅଧିକାରୀଙ୍କୁ

ନିର୍ଦ୍ଦେଶ ଦେଇଥିଲେ । ପୂର୍ବ ନିର୍ଦ୍ଦେଶ ଅନୁଯାୟୀ ହୋଇଥିବା ଉଚ୍ଛେଦ ସ୍ଥାନରେ ପୁନର୍ବାର ଜବରଦଖଲ ନେଇ ନିୟମିତଭାବେ ସମୀକ୍ଷା କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାସ୍ତା ଅବରୋଧ କରୁଥିବା ବ୍ୟବସାୟୀଙ୍କୁ ଅପସାରଣ କରି ଦୁର୍ଘଟଣାକୁ ଆହୁରି ହ୍ରାସ କରାଯାଇପାରିବ ବୋଲି ମତପ୍ରକାଶ ପାଇଥିଲା। ନୋ ପାର୍କିଂ ଫଳକ ଲାଗିଥିବା ସ୍ଥାନରେ ଅବୈଧ ଭାବେ ପାର୍କିଂ କରୁଥିବା ଯାନବାହାନ ଗୁଡିକୁ ନିୟମିତ ଭାବେ ଚଢାଉ କରିବା ଏବଂ ଅମାନିଆ। ଗାଡିଚାଳକ ,ମଦ୍ୟପାନ କରି ଗାଡିଚଳାଉଥିବା ଚାଳକମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାରପ୍ରାପ୍ତ ପୁଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସୂଚନାଥାଉକି ନୂତନଭାବେ ୧୪ଟି ନୋ ପାର୍କିଂ ଫଳକ ଜିଲ୍ଲାର ଆବଶ୍ୟକୀୟ ସ୍ଥାନରେ ଲଗାଯାଇଛି । ପୂର୍ବରୁ ଆଞ୍ଚଳିକ ପରିବହନ ବିଭାଗ ତରଫରୁ ବିଭିନ୍ନ ସମୟରେ ହେଉଥିବା ଚଢାଉକୁ ଆହୁରି କଡାକଡି କରିବାକୁ ବୈଠକରେ ମତ ପ୍ରକାଶ ପାଇଥିଲା। ଏଥିସହ ରାସ୍ତା ନିକଟବର୍ତ୍ତୀ ଥିବା ସରକାରୀ ଓ ବେସରକାରୀ ବିଦ୍ୟାଳୟ ଗୁଡିକରେ ନିର୍ଦ୍ଦିଷ୍ଟ ଭାବେ ଶିକ୍ଷକ ମାନଙ୍କୁ ବିଦ୍ୟାଳୟ ଖୋଲିବା ଓ ବନ୍ଦ ସମୟରେ ନିୟୁକ୍ତ କରିବାକୁ ଉପସ୍ଥିତ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୂର୍ବବର୍ଷ ଅପେକ୍ଷା ଚଳିତ ବର୍ଷ ସଡକ ଦୁର୍ଘଟଣା ଅପେକ୍ଷାକୃତ ଭାବେ ହ୍ରାସ ପାଇଛି। ସେହିପରି ନିୟମ ଭଙ୍ଗକାରୀ ଚାଳକଙ୍କର ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ପୂର୍ବବର୍ଷ ଜାନୁୟାରୀ ରୁ ମାର୍ଚ୍ଚ ମଧ୍ୟରେ ୭୩୫ ଥିବାବେଳେ ଚଳିତବର୍ଷ ୮୩୦ କୁ ବୃଦ୍ଧିପାଇଛି। ବୈଠକରେ ଆଞ୍ଚଳିକ ପରିବହନ ବିଭାଗ ତରଫରୁ ଗୁଡ ସମରୀଟାନ୍ ଭାବେ ଶ୍ରୀ ସୌମିତ୍ରି ଦାଶଙ୍କୁ ୪୦୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା ଯ ବୈଠକରେ କଟକ ଜିଲ୍ଲା ବସ ମାଲିକ ସଂଘ ଏବଂ ଟ୍ରକ ମାଲିକ ସଂଘର କର୍ମକର୍ତ୍ତାମାନେ ଭାଗନେଇ ଆଲୋଚନାରେ ଅଂଶଗ୍ରହଣ ପୂର୍ବକ ନିଜ ନିଜର ସୁଚିନ୍ତିତ ମତାମତ ରଖିଥିଲେ। ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ନିଜ ମଧ୍ୟରେ ସମନ୍ୱୟ ରକ୍ଷା ପୂର୍ବକ ବୈଠକରେ ନିଆଯାଉଥିବା ନିଷ୍ପତ୍ତି ଗୁଡିକୁ ତ୍ୱରିତ କାର୍ଯ୍ୟକାରୀ କରିବା ଦିଗରେ ଅତିରିକ୍ତ ଜିଲ୍ଲାପାଳ ଗୁରୁ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଉପଆୟୁକ୍ତ ପୁଲିସ କମିଶନରେଟ୍ ଶ୍ରୀ ଅମରେନ୍ଦ୍ର ପଣ୍ଡାଙ୍କ ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ସଂପୃକ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

ବ୍ରଜପାତରେ ଜଣେ ଚାଷୀଙ୍କ ମୃତ୍ୟୁ

ପିପିଲି,୯।୪ (ନି.ପ୍ର): ପିପିଲି ବ୍ଲକ ଅନ୍ତର୍ଗତ ବରାଗଡ ଗ୍ରାମର ଜଣେ ଚାଷୀ ପାନବରଜରେ କାମ କରୁଥିବା ସମୟରେ ବ୍ରଜପାତ ଆଘାତରେ ମୃତ୍ୟୁବରଣ କରିଥିବା ସୂଚନା ମିଳିଛି। ମୃତକ ହେଲେ ରବିନ୍ଦ୍ର ନାୟକ (୫୦)ବରାଗଡ ଗ୍ରାମ ବୋଲି ଜଣାପଡିଛି।

ତେବେ ମିଳିଥିବା ସୂଚନା ମୁତାବକ ରବୀନ୍ଦ୍ର ପାନବରଜରେ କାମ କରୁଥିବା ବେଳେ ବ୍ରଜପାତରେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକମାନଙ୍କ ସହାୟତାରେ ପ୍ରଥମେ ପିପିଲି ମେଡିକାଲ କୁ ଚିକିତ୍ସା ପାଇଁ ନିଆଯାଇଥିଲା। ଅବସ୍ଥା ଗୁରୁତର ଥିବା ରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ କୁ ସ୍ଥାନାନ୍ତରିତ କରାଯାଇଥିଲା। ଡାକ୍ତର ସେଠାରେ ମୃତ୍ୟୁ ଘୋଷଣା କରିଥିଲେ। ତାଙ୍କର ଆକସ୍ମିକ ବିୟୋଗ ରେ ଅଂଚଳରେ ଶୋକର ଛାୟା ଖେଳିଯାଇଛି। ମୃତକ ପରିବାର କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବୀ କରିଛନ୍ତି ।

ଯାଜପୁର ଜିଲ୍ଲା ଲେଖକ ସମ୍ମେଳନ ପକ୍ଷରୁ ଆମ ଲେଖା ଆମ ରାଗ ଆସର

ଯାଜପୁର, ୯।୪ (ନି.ପ୍ର): ଯାଜପୁର ଜିଲ୍ଲା ଲେଖକ ସମ୍ମେଳନ ପକ୍ଷରୁ କୁଆଖିଆ ବନମାଳୀ ବ୍ରହ୍ମଚାରୀ ଶିକ୍ଷକ ଭବନ ପରିସର ରେ ସଭାପତି ଡ ରୁଦ୍ରନାରାୟଣ ପୁଷ୍ଟି ଙ୍କ ଅଧ୍ୟକ୍ଷତାରେ ଆମ ଲେଖା ଆମ ରାଗ ଆସର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ମୁଖ୍ୟ ବକ୍ତା ସମ୍ମାନୀତ ଅତିଥି ଓ ବିଷୟ ବିଶାରଦ ଭାବେ ଯଥାକ୍ରମେ ବ୍ୟାସନଗର ସ୍ୱୟଂ ଶାସିତ ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ଶିବ ଚରଣ ମାଝି, ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ମହେଶ୍ୱର ପାତ୍ର, ଗୋକର୍ଣିକା ସମ୍ପାଦକ ରମାକାନ୍ତ ଜେନା ଓ ବ୍ୟାସନଗର ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅଧ୍ୟାପିକା ମମତମୟୀ ଦାଶ ପ୍ରମୁଖ ଗଳ୍ପ ସାହିତ୍ୟ ର ଇତିହାସ ସହିତ ଯାଜପୁର ର ଗାଳ୍ପିକ ଓ ତାଙ୍କ ଗଳ୍ପ ସମ୍ଭାର ବିଷୟ ରେ ବିସ୍ତୃତ ଆଲୋକପାତ କରିଥିଲେ। କବି ପ୍ରଦୀପ କୁମାର ସାମଲ ଙ୍କ ସଂଯୋଜନା ରେ ଗତିକାର ପ୍ରତାପରୁଦ୍ର ପଣ୍ଡା ବ୍ୟଗକବି ବାଇଧର ମାଝି, ଶିକ୍ଷୟତ୍ରୀ ଗାୟତ୍ରୀ ନାୟକ, ଯୁବକବି ରଞ୍ଜନ କୁମାର ବାରିକ୍, ସନ୍ତୋଷ କୁମାର ପାଢୀ, ସୁରେନ୍ଦ୍ର ବେହେରା ରମାକାନ୍ତ ସ୍ୱାଇଁ, ନବଘନ ସ୍ୱାଇଁ, ନରୋତ୍ତମ ସାହୁ, ଅଭୟ କୁମାର ତ୍ରିପାଠୀ , ପ୍ରଦୀପ କୁମାର ସେଠୀ, ସବିତା ମହାନ୍ତି, ରବିନାରାୟଣ ମିଶ୍ର ଓ ଲକ୍ଷ୍ମୀ ଧର ପଣ୍ଡା ପ୍ରମୁଖ କବିତା, ଗୀତିକବିତା, ବ୍ୟଙ୍ଗ କବିତା, ଅଣୁଗଳ୍ପ ଆଦି ପାଠ କରିଥିଲେଯ ସାଧାରଣ ସମ୍ପାଦକ ଦୟାନିଧି ନାୟକ ସମ୍ପାଦକୀୟ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରି ଥିବା ବେଳେ ସୁତିଲିପି ସମ୍ପାଦକ ଭୁବନ ମୋହନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

ଓଡ଼ିଆ ପୁସ୍ତକ ପଠନ ପ୍ରତି ରୁଚି ସୃଷ୍ଟି କରୁଛି 'ଆସ ବହିଟିଏ କିଣିବା

କଟକ, ୯।୪ (ନି.ପ୍ର): ଓଡ଼ିଆ ପୁସ୍ତକ ପଢା ପ୍ରତି ରୁଚି ବୃଦ୍ଧି କରିବା ତଥା ପ୍ରସିଦ୍ଧ ଓଡ଼ିଆ। ଲେଖକମାନଙ୍କ ଅନବଦ୍ୟ କୃତିଗୁଡିକ ଜନସାଧାରଣଙ୍କ ନିକଟରେ ପହଂଚାଇବା ଉଦ୍ଦେଶ୍ୟରେ ଆଜି କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆସ ବହିଟିଏ କିଣିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଡଃ ଦିବ୍ୟଲୋଚନ ମହାନ୍ତ ଓ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ କମଳଜି ଦାସ କାର୍ଯ୍ୟକ୍ରମର ଉଦଘାଟନ କରିବା ସହ ଓଡ଼ିଆ। ଭାଷାର ପ୍ରଚାର ପ୍ରସାର ଏବଂ ଡିଜିଟାଲ ଯୁଗରେ ପୁସ୍ତକ ପଠନ ପ୍ରତି ଆଗ୍ରହ ସୃଷ୍ଟି କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବହୁ ସଂଖ୍ୟାରେ ଅଧିକାରୀ ଓ କର୍ମଚାରୀ ପୁସ୍ତକ କ୍ରୟ

କରିଥିଲେ। ଏଠାରେ ସୂଚନାଯୋଗ୍ୟ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମରେ ରାଜ୍ୟରେ ଏପ୍ରିଲ ୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ। ପକ୍ଷ ପାଳନ ଅବସରରେ ପ୍ରତ୍ୟେକ ଦିନ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ।

୮୨ ଗ୍ରାମର ଧଳାଜହର ଜବତ : ଅଭିଯୁକ୍ତ ଗିରଫ

ଜଗତସିଂହପୁର, ୯।୪ (ନି.ପ୍ର): ବାଲିକୁଦା ଅବକାରୀ ଥାନା ପକ୍ଷରୁ ଅସିଳୋ ଛକରେ ଚଢାଉ କରାଯାଇ ୮୨ ଗ୍ରାମର ବ୍ରାଉନସୁଗାର ଜବତ କରାଯିବା ସହ ଅଭିଯୁକ୍ତ ବିଶ୍ୱଜିତ ସାହୁ ଙ୍କୁ ଗିରଫ କରାଯାଇଛି।ଗୁରୁବାର ଦିନ ଜଗତସିଂହପୁର ଅବକାରୀ ରେଞ୍ଜ ଇନ୍ସପେକ୍ଟର ଶ୍ରୀକାନ୍ତ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ ବିଶେଷ ସୂତ୍ରକୁ ଆଧାର କରି ଅସିଳୋ ଛକ ଠାରେ ଚଢାଉ କରି ବ୍ରାଉନସୁଗାର ବିକ୍ରି କରିବାକୁ ଆସିଥିବା ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ କୂଳସାହି ଗ୍ରାମର ମାୟାଧର ସାହୁଙ୍କ ପୁଅ ବିଶ୍ୱଜିତ ସାହୁ (୩୧) ଙ୍କଠାରୁ ୮୨ ଗ୍ରାମର ବ୍ରାଉନସୁଗାର ସହ ଏକ ବଜାଜ ପଲସର ମୋଟରସାଇକେଲ (ଓଡି-୧୩-ୱାଇ-୨୧୫୩) ଓ ଏକ ମୋବାଇଲ ଫୋନ ଜବତ କରିବା

ସହ ତାଙ୍କୁ ଗିରଫ କରିଛନ୍ତି।

ଅଭିଯୁକ୍ତ ଙ୍କୁ ଅଦାଲତ ଚାଲଣ କରାଯାଇଥିବା ବେଳେ ଜିଲ୍ଲା ଦୌରାଜଜ ଅଭିଯୁକ୍ତ ଙ୍କ ଜାମିନ ନାମଞ୍ଜୁର କରି କାରାଗାର କୁ ପଠାଇଛନ୍ତି। ଆଜିର ଏହି ଚଢାଉ ରେ କନଷ୍ଟେବଲ ଜୟଦେବ ପାତ୍ର, ଦୀନବନ୍ଧୁ ସେଠୀ, ପ୍ରତିମା ଜେନା, ଶୁଭଶ୍ରୀ ବିଶ୍ୱାଳ, ଅନୁରାଗ ସୂର୍ଯ୍ୟବଂଶୀ ପ୍ରମୁଖ ସାମିଲ ଥିଲେ। ଜିଲ୍ଲାରେ ଦିନକୁ ଦିନ ବ୍ରାଉନସୁଗାର କାରବାର ବଢି ଚାଲିଥିବା ବେଳେ ଏବଂ ସମଗ୍ର ରାଜ୍ୟରେ ସ୍ୱେଶାଲ ଡ୍ରାଇଭ ଚାଲିଥିବା ବେଳେ ଏହା ନିଶ୍ଚିତ ଭାବେ ଜଗତସିଂପୁର ଅବକାରୀ ବିଭାଗ ପାଇଁ ବଡ ସଫଳତା। ଅବକାରୀ ଅଧିକ୍ଷକ ଶ୍ରୀମତି ଅନିତା ପ୍ରଧାନ ବାଲିକୁଦା ଅବକାରୀ ଥାନା କୁ ପ୍ରଶଂସା କରିବା ସହ ଆଗାମୀ ଦିନ ମାନଙ୍କରେ ଚଢାଉ କୁ ଜୋରଦାର କରିବା ପାଇଁ ଉତ୍ସାହିତ କରିଛନ୍ତି।

ଖାଦ୍ୟରେ ମିଶୁଛି ରାସାୟନିକ ଦ୍ରବ୍ୟ
ଯାଞ୍ଚ ହେଉନି ଖାଦ୍ୟର ମାନ

ବୁଗୁଡା, ୯।୪ (ନି.ପ୍ର): ଆରମ୍ଭ ହୋଇ ଗଲାଣି ଦଣ୍ଡଯାତ୍ରା ପର୍ବ । ଖୋଲା ମେଲାରେ ପଡିଲାଣି ମାଳମାଳ ଖାଦ୍ୟ ସାମଗ୍ରୀର ପସରା । କେବଳ ଗ୍ରାମାଞ୍ଚଳରେ ନୁହେଁ ,ବୁଗୁଡ଼ା ସହରରେ ମଧ୍ୟ ଠେଲା ଗାଡିଠାରୁ ଆରମ୍ଭ କରି ଅନେକ ଦୋକାନରେ ଫାଷ୍ଟଫୁଡ୍ ଓ ଦୂଷିତ ଜଳ ବିକ୍ରି ହେଉଛି। ବିନା ଲାଇସେନ୍ସରେ ରାସ୍ତା କଡରେ ବିକ୍ରି ହେଉଥିଲେ ବି ଖାଦ୍ୟର ମାନ ଯାଞ୍ଚ ହେଉନାହିଁ । ନାଳ ନର୍ଦ୍ଦମା କଡେ ଅସ୍ୱାସ୍ଥ୍ୟକର ପରିବେଶରେ ଏଗୁଡିକ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି। ଦହିବରା, ଆଳୁଦମ୍, ଗୁପଚୁପ, ଚାଟ୍, ଦୋସା,ପକୁଡି ସମେତ ବିଭିନ୍ନ ରକମର ଫାଷ୍ଟଫୁଡ୍ ଖାଦ୍ୟକୁ ଘୋଡାଇ ରଖାଯାଉନାହିଁ। ରାସ୍ତାରେ ଉଡୁଥିବା ଧୂଳି ଏହା ଉପରେ ପଡୁଛି । ତେଣୁ ଏସବୁ ଖାଦ୍ୟ ଏକ ପ୍ରକାର ବିଷାକ୍ତ ହୋଇପଡୁଛି । ଏହି ପଦାର୍ଥକୁ ଯାଞ୍ଚ କରିବା ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉଥିବାରୁ ଏମାନଙ୍କ କାରବାର ଏବେ ବ୍ୟାପକ ହୋଇଛି। ଆଗାମୀ ଦିନରେ ଏହା ଜଣ୍ଡିସ୍ ସାଙ୍ଗକୁ ଅନ୍ୟାନ୍ୟ ରୋଗକୁ ଆମନ୍ତ୍ରଣ କରିବ ବୋଲି ସାଧାରଣରେ ଆଲୋଚନା ହେଉଛି । ଆଖପାଖ ଅଞ୍ଚଳରୁ ମଧ୍ୟ ଅନେକ ଲୋକ ବୁଗୁଡ଼ା ସହରକୁ ବିଭିନ୍ନ କାମରେ ଆସୁଥିବା ବେଳେ ଏହି ଫାଷ୍ଟଫୁଡ୍କୁ ଆଦରି ନେଉଛନ୍ତି। ଖାଲି ସେତିକି ନୁହେଁ ଖାଦ୍ୟ ପ୍ରସ୍ତୁତି ସମୟରେ ବ୍ୟବହାର କରାଯାଉଥିବା ବିଭିନ୍ନ କୃତିମ ରଙ୍ଗ ସାଙ୍ଗକୁ ଚାଇନା ସଲଟ୍, ଭିନେଗାର, ସୋୟାସସ୍ ଭଳି ବହୁ ରକମର ରାସାୟନିକ ଦ୍ରବ୍ୟ ଭକ୍ଷଣ କରିବା ଫଳରେ ନାନା ରୋଗର କାରଣ ପାଲଟିଛି। ତେଣୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ନିୟମିତ ଯାଞ୍ଚ କରିବାକୁ ସାଧାରଣରେ ଦାବି ହେଉଛି ।

ଜିଲ୍ଲା ସ୍ତରୀୟ ବଜେଟ ସଚେତନତା କର୍ମଶାଳା

ଜଗତସିଂହପୁର, ୯।୪ (ନି.ପ୍ର): ଆମେ ଜାଣିବା, ଆମ ବଜେଟ ଅଭିଯାନ: ୧-୧୪ ଏପ୍ରିଲ ମଧ୍ୟରେ ପଞ୍ଚାୟତ ସ୍ତର ପର୍ଯ୍ୟନ୍ତ ଆୟୋଜିତ ହେବ। ଏହି ପରିପ୍ରେକ୍ଷୀରେ ଆଜି ପୂର୍ବାହ୍ନ ରେ ସ୍ଥାନୀୟ ଆଦିକି ସାରଳା ଦାସ ସଂସ୍କୃତି ଭବନ ଠାରେ ଜିଲ୍ଲା ସ୍ତରୀୟ ବଜେଟ କର୍ମଶାଳା, ଆମେ ଜାଣିବା, ଆମ ବଜେଟ ଆୟୋଜିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସାଂସଦ ଜଗତସିଂହପୁର ଶ୍ରୀ ବିଭୁ ପ୍ରସାଦ ତରାଇ କହିଲେ ଯେ,୨୦୨୬-୨୭ ଆର୍ଥିକ ବର୍ଷର ବଜେଟ୍ ଆମ ସମୃଦ୍ଧ ଓଡ଼ିଶା ଭିଜନର ଲକ୍ଷ୍ୟ ହାସଲ ନିମନ୍ତେ ଏକ ସୁଦୃଢ଼ ମୂଳଦୂଆ। ସାବ୍ୟସ୍ତ ହେବ। ଚଳିତ ବର୍ଷର ବଜେଟ ଅଟକଳ, ବିଗତ ବର୍ଷର ବଜେଟ ଅଟକଳ ଠାରୁ ୭ ପ୍ରତିଶତ ଅଧିକ। ବଜେଟ ସମ୍ପର୍କିତ ଏହି ସଚେତନତା କାର୍ଯ୍ୟକ୍ରମ ରେ ବଜେଟ ର ସବିଶେଷ ଆଲୋଚନା ହେବ ଯାହା ଲୋକମାନଙ୍କ ମଧ୍ୟରେ ଚେତନା ଜାଗ୍ରତ କରିବ। ଏହି ବଜେଟ୍ ଓଡ଼ିଶାକୁ ପୂର୍ବଭାରତର ଏକ ପ୍ରମୁଖ ଲଜିଷ୍ଟିକ୍ ଏବଂ

ଯୋଗାଯୋଗ ହବ୍ ଭାବରେ ଗି ତୋଳିବ ବୋଲି ସାଂସଦ କହିଥିଲେ। ଏଥିସହିତ ରାଜନୈତିକ ଇଚ୍ଛାଶକ୍ତି, ପ୍ରାଶାସନିକ ସହଯୋଗ ଓ ଜନସାଧାରଣ ଙ୍କ ସହଭାଗିତା ମିଶିଲେ ଯାଇ ଏକ ସୁଦୃଢ଼ ଶୃଙ୍ଖଳ ତିଆରି ହୋଇପାରିବ ଯାହା ରାଜ୍ୟ ତଥା ଜିଲ୍ଲା କୁ ବିକାଶ ପଥରେ ଅଗ୍ରସର କରାଇବ। ସେ ଜନସାଧାରଣଙ୍କୁ ଏହି ପ୍ରକ୍ରିୟାରେ ସକ୍ରିୟ ଭାଗ ନେଇ ତାଙ୍କର ମତାମତ ପ୍ରଦାନ କରିବାକୁ ଆହ୍ୱାନ କରିଥିଲେ। କର୍ମଶାଳାରେ ବିଶିଷ୍ଟ ଅତିଥି ଭାବରେ ନିର୍ମାଣ ବିଭାଗ ତଥା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସଞ୍ଜୟ କୁମାର ସିଂ (ଭା. ପ୍ର .ସେ) ଯୋଗଦେଇ କହିଲେ ଯେ ଆମେ ଜାଣିବା ଆମ ବଜେଟ କାର୍ଯ୍ୟକ୍ରମ ରାଜ୍ୟ ସରକାର ଙ୍କ ଏକ ଅଭିନବ ପ୍ରୟାସ। ଏହି କାର୍ଯ୍ୟକ୍ରମ ମାଧ୍ୟମ ରେ ଅତ୍ୟନ୍ତ ସରଳ ଭାଷାରେ ବଜେଟ ଜନ ସାଧାରଣ ଙ୍କ ପାଖରେ ପହଞ୍ଚିବ। ଜଗତସିଂହପୁର ଜିଲ୍ଲା କେବଳ ଓଡ଼ିଶା ନୁହେଁ ବରଂ ଭାରତ ଅର୍ଥନୈତିକ ମାନଚିତ୍ର ରେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ବୋଲି ସଚିବ କହିଥିଲେ। ଜିଲ୍ଲା ର ପାରାଦ୍ୱୀପ ବନ୍ଦର, ଆଇ ଓ ସି ଏଲ ଭଳି ରାଷ୍ଟ୍ରୀୟ ଉଦ୍ୟୋଗ ଯୋଗୁଁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ରେ ଜିଲ୍ଲା ମୁଖ୍ୟ ଭୂମିକା ଗ୍ରହଣ କରିଛି। ଦେଶର ଭିଜନ୍ ସହିତ ତାଳ ମିଳାଇ ରାଜ୍ୟ ସରକାର ୨୦୪୭ ସୁଦ୍ଧା ମୁଣ୍ଡପିଛା ଆୟକୁ ୧.୮ ଲକ୍ଷ ଟଙ୍କାରୁ ୩୨ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା, ଜୀବନଧାରଣର ମାନରେ ଉନ୍ନତି ଆଣିବା, ବହୁମୁଖୀ ଦାରିଦ୍ର୍ୟକୁ ୫ ପ୍ରତିଶତକୁ ହ୍ରାସ କରିବା, ମହିଳା ଶ୍ରମିକଙ୍କ ଅଂଶଗ୍ରହଣକୁ ୭୦ ପ୍ରତିଶତକୁ ବୃଦ୍ଧି କରିବା, ହାରାହାରି ଆୟୁଷକୁ ୮୦ ବର୍ଷରୁ ଅଧିକ କରିବା ଏବଂ ରକ୍ତହୀନତା ଓ ଅପପୁଷ୍ଟିକୁ ସମ୍ପୂର୍ଣ୍ଣ ଦୂର କରିବା ପାଇଁ ଲକ୍ଷ୍ୟ ରଖିଛି। ଏହି ବଜେଟ କୁ ଏଣଇଘ ର ସଂଜ୍ଞା ଦେଇ ଗରିବ, ୟୁଥ, ଅନ୍ନଦାତା ଓ ନାରୀ ସଶକ୍ତିକରଣ ର ବଜେଟ ବୋଲି ସେ କହିଥିଲେ। ଏହି ବଜେଟ୍ରେ ମୋଟ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବାବେଳେ ପୁଞ୍ଜି ବ୍ୟୟକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଚଳିତ ବର୍ଷର ବଜେଟ, ବିଗତ ବର୍ଷର ବଜେଟ ଅଟକଳ ଠାରୁ ୭ ପ୍ରତିଶତ ଅଧିକ। ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ କରିଡର (BCPPER), ଜିଲ୍ଲା ରେ ଇଞ୍ଜିନିୟରିଂ ଓ ମେଡିକାଲ କଲେଜ, ୟୁନିଭରସିଟି, ନୂତନ ଇଣ୍ଡଷ୍ଟ୍ରିଓ ଯୁବକ ମାନଙ୍କ ପାଇଁ ରୋଜଗାର, ପୋର୍ଟବେସ୍ଡ ଉନ୍ନତି, ଦକ୍ଷତା ବିକାଶ ଆଦିକୁ ଗୁରୁତ୍ୱ ଦିଆଯାଇଛି। ଜାତୀୟ ଜଳପଥ-୫, ଏବଂ ବିଭିନ୍ନ ନୂତନ କରିଡର ଓ ପୋର୍ଟ ପ୍ରକଳ୍ପ ମାଧ୍ୟମରେ ଓଡ଼ିଶାକୁ ଏକ ଶକ୍ତିଶାଳୀ ଲଜିଷ୍ଟିକ୍ସ ହବ୍ରେ ପରିଣତ କରାଯିବ।

ଓଡ଼ିଆ ପକ୍ଷ ଅବସରରେ ଆସ ବହିଟିଏ କିଣିବା ଅଭିଯାନ

ଜଗତସିଂହପୁର, ୯।୪ (ନି.ପ୍ର): ରାଜ୍ୟରେ ଅପ୍ରେଲ ମାସ ୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ। ପକ୍ଷ ପାଳନ କରାଯାଉଛି। ଆଜି ଓଡ଼ିଆ। ପକ୍ଷ ପାଳନର ନବମ ଦିବସ ଅବସରରେ ସାରା ରାଜ୍ୟରେ

ଆସ ବହିଟିଏ କିଣିବା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଆଜିର ଦିବସଟି ଓଡ଼ିଆ। ସାହିତ୍ୟ ଜଗତର ସାରସ୍ୱତ ସ୍ରଷ୍ଟାମାନଙ୍କ ପାଇଁ ସମର୍ପିତ ଥିଲା ଆଜିର ଏହି ଆସ ବହିଟିଏ କିଣିବା ଅଭିଯାନ। ସାରସ୍ୱତ ସାଧକମାନଙ୍କ ଦ୍ୱାରା ଲିଖିତ ପୁସ୍ତକକୁ କିଣିବା, ପିବା ଓ ଅନ୍ୟମାନଙ୍କୁ ଉପହାର ଦେବା ଲକ୍ଷ୍ୟରେ ଆଜି ଆସ ବହିଟିଏ କିଣିବା ଅଭିଯାନକୁ ପାଳନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଆଜି ଜିଲ୍ଲା ର ସ୍ୱାମୀ ବିବେକାନନ୍ଦ ସ୍ୱୟଂ ଶାସିତ ମହାବିଦ୍ୟାଳୟ ରେ ଅସ୍ଥାୟୀ ପୁସ୍ତକ ବିକ୍ରୟ କେନ୍ଦ୍ର ତଥା ପୁସ୍ତକ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ଏଥିରେ ମହାବିଦ୍ୟାଳୟ ର ଅଧ୍ୟକ୍ଷା ଡ ଶ୍ରୀମତୀ ସୁଜାତା ଓତା ଯୋଗଦେଇ ଓଡ଼ିଆ। ପକ୍ଷ ଏବଂ ଆଜି କାର୍ଯ୍ୟକ୍ରମ ଉପରେ ଆଲୋକପାତ କରି କହିଥିଲେ ଯେ ଫୁଲତୋଡ଼ା ଅସ୍ଥାୟୀ କିନ୍ତୁ ପୁସ୍ତକ ଚିରସ୍ଥାୟୀ, ତେଣୁ ପୁଲତୋଡ଼ା ଉପହାର ନ ଦେଇ ବିଭିନ୍ନ ଅବସରରେ ପୁସ୍ତକ ଉପହାର ଦିଅନ୍ତୁ । ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ମାନେ ପୁସ୍ତକ ପ୍ରଦର୍ଶନୀ ପରିଦର୍ଶନ କରିଥିଲେ ଏବଂ ସମସ୍ତେ ନିଜ ପାଇଁ ମନଲାଖି ବହି କିଣିଥିଲେ।

ଓଡିଆ ପକ୍ଷପାଳନ ଅବସରରେ ଜିଲ୍ଲାସ୍ତରୀୟ ଯୋଗ ଏବଂ ରକ୍ତ ଦାନ ଶିବିର

ଭବାନୀପାଟଣା, ୯/୦୪ (ମନ୍ଥନ) ଓଡିଆ ପକ୍ଷପାଳନ ଅବସରରେ ଆଜି ଜିଲ୍ଲାପାଳ କଳାହାଣ୍ଡି ଙ୍କ କାର୍ଯ୍ୟାଳୟ ପରିସର ମଧ୍ୟରେ ଜିଲ୍ଲାସ୍ତରୀୟ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ. ନିହାରେନ୍ଦ୍ର ପଣ୍ଡା, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା କ୍ରିଡା ଅଧିକାରୀ ରମେଶ ଚନ୍ଦ୍ର ପାଢୀ, ଅଧ୍ୟାପକ ପରମେଶ୍ୱର ମୁଣ୍ଡ, ପତଞ୍ଜଳୀ ଯୋଗ ଶିବିରର କର୍ମକର୍ତ୍ତା ଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ, ବରିଷ୍ଠ ନାଗରିକ ପ୍ରମୁଖ ଯୋଗଦେଇଥଲେ । ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ. ପଣ୍ଡା ଏହି ଶିବିରରେ ସମସ୍ତଙ୍କୁ ଯୋଗ ଶିକ୍ଷା ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦରଓ୍ୱାନ ଓଡିଆ ପକ୍ଷ ପାଳନ ସମ୍ପର୍କରେ ସୂଚନା ଦେଇ ଯୋଗାଭ୍ୟାସ ଉପକାରିତା ଉପରେ ଆଲୋକପାତ କରିଥିଲେ । ଅଧ୍ୟାପକ ଶ୍ରୀ ମୁଣ୍ଡ ଓଡିଆ ଅସ୍ମିତା ସମ୍ପର୍କରେ ଉଲ୍ଲେଖ କରି ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଉପରେ ଆଲୋକପାତ କରିଥିଲେ । ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ମହାନନ୍ଦ ଏପ୍ରିଲ ପାହିଲାରୁ ୧୪ ଦିନ

ପର୍ଯ୍ୟନ୍ତ ପାଳନ ହେବାକୁ ଥିବା ଓଡିଆ ପକ୍ଷ ପାଳନ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା ଏହି କାର୍ଯ୍ୟକ୍ରମରେ ଉକ୍ତ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ ଭି.ସି. ଡ. ନିବେଦିତା ନାଥ,ଉପ ଜିଲ୍ଲାପାଳ ଧର୍ମଗଡ଼ ପ୍ରେକ୍ଷ୍ୟା ଅଗ୍ରୱାଲା, ଡେପୁଟି ରେଜିଷ୍ଟ୍ରାର ଜୟଦେବ ସାହୁ, ଅତିରିକ୍ତ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକରି ଡଃ. ନିହାରେନ୍ଦ୍ର ପଣ୍ଡା, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା କ୍ରିଡା ଅଧିକାରୀ ରମେଶ ଚନ୍ଦ୍ର ପାଢୀ, ଶିକ୍ଷାବିତ ଡ. ଉମେଶ ଚନ୍ଦ୍ର ଶତପଥି ପ୍ରମୁଖ ଯୋଗଦେଇ ରକ୍ତଦାନ ଶିବିରର ଶୁଭ ଉଦଘାଟନ କରି ରକ୍ତଦାନ ମହାପୁଣ୍ୟ ଉପରେ ଉଲ୍ଲେଖ କରି ସ୍ୱେଚ୍ଛାକୃତ ରକ୍ତଦାନ କରି ଅମୂଲ୍ୟ ଜୀବନକୁ ବଞ୍ଚାଇବାରେ ସହାୟକ ହେବା ପାଇଁ ଆହ୍ୱାନ ଦେଇଥିଲେ । ଏହି ରକ୍ତଦାନ ଶିବିର ରେ ଉପଜିଲ୍ଲାପାଳ ଧର୍ମଗଡ ପ୍ରେକ୍ଷା ଅଗ୍ରୱାଲ ରକ୍ତଦାନ କରିଥିଲେ । ଏହି ଅବସରରେ ଆଜି ଜୟପ୍ରକାଶ ସାନ୍ଧ୍ୟ ମହାବିଦ୍ୟାଳୟ ଓ ଧର୍ମଗଡ଼ ଉପଖଣ୍ଡ ରେ ମଧ୍ୟ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା ଏବଂ ସର୍ବମୋଟ ୬୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ।

ଖଣ୍ଡପଡ଼ାରେ ଦଣ୍ଡ କାମେନାଙ୍କ ମହାମିଳନ

ଖଣ୍ଡପଡ଼ା, ୯/୪ (ନି.ପ୍ର): ଖଣ୍ଡପଡ଼ା ଏନଏସି ଅଧୀନ ମଧୁବନ ପଡିଆରେ ୧୦ଗୋଟି ମୌଜାର ଆରାଧ ଠାକୁରଙ୍କ ମେଳନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଜିଅପରାହ୍ନରେ ଖଣ୍ଡପଡ଼ାର ଆରାଧ ଠାକୁର ଶ୍ରୀ ନୀଳକଣ୍ଠେଶ୍ୱର ଦେବଙ୍କ ଆମନ୍ତ୍ରଣ କ୍ରମେ ସୁନାଖଳା, ଚମ୍ପତିପୁର, ପାଟଣାସାହି, ସାହାସପୁର, ସୁକଳଗାଡ଼ିଆ, ଗୋବିନ୍ଦପୁର, ଗଦାଧରପ୍ରସାଦ, ମଙ୍ଗଳପୁର, ଖପରମଲ୍ଲ, କାଟରସାହିଗ୍ରମର ଆରାଧ ଠାକୁରଙ୍କୁ ନେଇ ଏହି ମହାମିଳନ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବିଭିନ୍ନ ମୌଜାର ଠାକୁର ଖଣ୍ଡପଡ଼ାରେ ପହଞ୍ଚିବା ସହିତ ନିକଟସ୍ଥ ପୁଷ୍କରିଣୀରେ ସ୍ନାନ କରି ନଗର ପରିକ୍ରମା କରିଥିଲେଯ ଅନ୍ୟପକ୍ଷରେ ବିଭିନ୍ନ ପାରମ୍ପରିକ ରୀତିନୀତି ଅନୁଯାୟୀ ଠାକୁରଙ୍କୁ ସ୍ୱାଗତ କରିଥିଲେ ସହରାଞ୍ଚଳ ବାସୀୟ ସହରାଞ୍ଚଳ ଅଧୀନ ଥାନା ନିକଟରୁ ବିଶାଳ ଶୋଭାଯାତ୍ରା ରଥଗଡା ଦେଇ ମଧୁବନ କ୍ରିଡାଙ୍ଗନ ଅଭିମୁଖେ ବାହାରିଥିଲା। ଏ ଅବସରରେ ଅଘୋରୀ ମାନଙ୍କ ନୃତ୍ୟକୁ ଉପଭୋଗ କରିଥିଲେ ଶତାଧିକ ଶ୍ରଦ୍ଧାଳୁଯ ପରେ ସମସ୍ତ ଠାକୁର ମଧୁବନ ପଡିଆରେ ସମବେତ ହେବା ସହିତ ଶଙ୍ଖ, ମୃଦଙ୍ଗ, ବାଜାର ତାଳେ ବିଜେ କରିବା ସହିତ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଖଣ୍ଡପଡ଼ାର ଆରାଧ ଠାକୁର ଶ୍ରୀ ନୀଳକଣ୍ଠେଶ୍ୱରଙ୍କ ସମେତ ବିଭିନ୍ନ ଗ୍ରାମର ଆରାଧ ଠାକୁର ବିଶାଳ ଶୋଭାଯାତ୍ରାରେ ନଗର ପରିକ୍ରମା ସହ ଶ୍ରଦ୍ଧାଳୁଙ୍କ ଠାରୁ ଭୋଗ

ଖାଇଥିବା ନେଇ ସୂଚନା ମିଳିଛି। ଅନ୍ୟପକ୍ଷରେ ଏହି କାର୍ଯ୍ୟକ୍ରମକୁ ଦେଖିବାକୁ ସହରାଞ୍ଚଳ ସମେତ ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ ଗତ ୩ ବର୍ଷ ହେବ ସହରାଞ୍ଚଳରେ ଏଭଳି ମିଳନ ପର୍ବ ଅନୁଷ୍ଠିତ ହୋଇଆସୁଥିବା ବେଳେ ଚଳିତବର୍ଷ ଏହା ଚତୁର୍ଥ ବର୍ଷରେ ପହଞ୍ଚିଛି।

ଖଣ୍ଡପଡ଼ାରେ ଥମୁନି ପ୍ରଧାନମନ୍ତ୍ରୀ ଆବାସ ତାତି
ଲୋକଙ୍କୁ କେବେ ମିଳିବ ଆବାସ ତାକୁ ନେଇ ସସପେନ୍ସ

ଖଣ୍ଡପଡ଼ା, ୯/୪ (ନି.ପ୍ର): ଚଳିତ ବର୍ଷ ଗ୍ରୀଷ୍ମଋତୁ ଆରମ୍ଭ ହୋଇଥିବା ବେଳେ ଆବାସ ପାଇଁ ଆଶା ବାନ୍ଧିଥିଲେ ଖଣ୍ଡପଡ଼ା ସହରାଞ୍ଚଳ ବାସିନ୍ଦା। ବର୍ଷା ପୂର୍ବରୁ ଘର କରି ଅନେକ ହିତାଧିକାରୀ ବୋନସ ହାସଲ ପାଇଁ ମଧ୍ୟ ଆଶା ବାନ୍ଧିଥିଲେ। ମାତ୍ର ରାଜନୈତିକ ବିବାଦ ଓ ପ୍ରଶାସନିକ କଲମ ମୁନରେ ଏବେ ବନ୍ଧା ପଡିଛି ଘର ଖଣ୍ଡିଏର ସ୍ୱପ୍ନ। ଖଣ୍ଡପଡ଼ା ଏନଏସିରେ ପ୍ରଧାନମନ୍ତ୍ରୀ ଆବାସକୁ ନେଇ ବିବାଦ ଥମିନଥିବା ବେଳେ ବିବାଦ ତୀବ୍ର ହୋଇଛି। ଲୋକଙ୍କୁ ଆବାସ ପାଇଁ ଡାକି ପ୍ରଶାସନ ଭଣ୍ଡାଉଥିବା ବେଳେ ଆନ୍ଦୋଳନକୁ ଓହ୍ଲାଇବ ନଗର କଂଗ୍ରେସ। ମିଳିଥିବା ସୂଚନା ଅନୁଯାୟୀ ଖଣ୍ଡପଡ଼ା ସହରାଞ୍ଚଳ ବାସିନ୍ଦାଙ୍କୁ ବାରମ୍ବାର ଆବାସ ଯୋଗାଇଦେବାରେ ଜିଲ୍ଲା ପ୍ରଶାସନ ବାଧକ ସାଜିଥିବା ଅଭିଯୋଗ ଆଣିଛି ନଗର କଂଗ୍ରେସ। କଂଗ୍ରେସ ନଗର ସଭାପତି ସନ୍ତୋଷ କୁମାର ସାହୁଙ୍କ ଅଭିଯୋଗ ଅନୁଯାୟୀ ଗତ ପ୍ରାୟ ୩ ଦଶନ୍ଧି ହେବ ପ୍ରଶାସନିକ ଉଦାସୀନତାର ଶିକାର ହୋଇଆସୁଛନ୍ତି ଖଣ୍ଡପଡ଼ା ବାସିନ୍ଦା ବାସଗୃହ, ଖାଦ୍ୟ ସୁରକ୍ଷା ଭଳି ମୌଳିକ ବ୍ୟବସ୍ଥାକୁ ପ୍ରଶାସନ ପକ୍ଷରୁ ସୁନିଶ୍ଚିତ କରାଯାଉନଥିବା ବେଳେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ମଧ୍ୟ କାର୍ଯ୍ୟକାରୀ କରାଯାଉନାହିଁ। ଦୀର୍ଘ ୭ ବର୍ଷ ପରେ ପ୍ରଧାନମନ୍ତ୍ରୀ ଆବାସ ବଣ୍ଟନ ପାଇଁ ଏନଏସି ପ୍ରଶାସନ ଅଣ୍ଟା ଭିଡିଥିଲା। ତେବେ ଅଧକ୍ଷା ଏବଂ ସ୍ଥାନୀୟ ବିଧାୟକ ମୁହାଁମୁହିଁ ହେବା କାରଣରୁ ଜିଲ୍ଲା ପ୍ରଶାସନ କାର୍ଯ୍ୟକ୍ରମ ବାତିଲ କରିଥିଲା। ଦୁଇଦିନ ତଳେ ଅଧକ୍ଷା ଓ ନିର୍ବାହୀ ଅଧିକାରୀ କିଛି ହାତଗଣତି ହିତାଧିକାରୀଙ୍କୁ ଆବାସ ଓ ରାସନ କାର୍ଡ ବଣ୍ଟନ କରିଥିବା ବେଳେ ପରବର୍ତ୍ତୀ ସମୟରେ ଅନ୍ୟ ହିତାଧିକାରୀଙ୍କୁ ଏହା ଦିଆଯିବ ନାହିଁ ବୋଲି ସୂଚନା ଦିଆଯାଇଛି। ଫଳରେ ବାରମ୍ବାର ସହର ବାସୀଙ୍କ ସହ ପ୍ରତାରଣା କରାଯାଉଥିବା କଂଗ୍ରେସ କହିଛି। ଆସନ୍ତା ଶୁକ୍ରବାର ଏନଏସି ଅଫିସ ଘେରାଉ ସହିତ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବ ବୋଲି ସୂଚନା ଦେଇଛନ୍ତି ଶ୍ରୀ ସାହୁ। ଜିଲ୍ଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ସହରାଞ୍ଚଳ ବାସୀ ଦାବି କରିଛନ୍ତି।

dishamanthan.com RNI No. ORIORI/20

ବନ୍ଧା ହେଲେ ଜଳସେଚନ ବିଭାଗର କୋଟିପତି ବାବୁ

ଭିଜିଲାନ୍ସ ଚଢ଼ାଉ ବେଳେ ଘରୁ ମିଳିଲା ପୁଳା ପୁଳା ସୁନା ଗହଣା

ଭୁବନେଶ୍ୱର,୯।୪(ନି.ପ୍ର.): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଜଳସେଚନ ବିଭାଗର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ରାଜେଶ ଚନ୍ଦ୍ର ମହାନ୍ତିଙ୍କୁ ଭିଜିଲାନ୍ସ ଗିରଫ କରିଛି। ଏହି ଘଟଣା ରାଜ୍ୟର ପ୍ରଶାସନିକ ମହଲରେ ଚର୍ଚ୍ଚା ସୃଷ୍ଟି କରିଛି। ଗିରଫ ପୂର୍ବରୁ ତାଙ୍କ ଘର ସମେତ ଏକକାଳୀନ ୬ଟି ସ୍ଥାନରେ ଭିଜିଲାନ୍ସ ଦଳ ଚଢ଼ାଉ କରିଥିଲା।

ଚଢ଼ାଉ ସମୟରେ ମହାନ୍ତିଙ୍କ ପାଖରୁ ଆଖି ଖସିଲା ଭଳି ସମ୍ପତ୍ତି ଠାବ ହୋଇଛି। ଘରୁ ନଗଦ ୬.୨୩ ଲକ୍ଷ ଟଙ୍କା ଜବତ ହେବା ସହିତ ବ୍ୟାଙ୍କରେ ପ୍ରାୟ ୧.୮୧ କୋଟି ଟଙ୍କା ଡିପୋଜିଟ୍ ରଖାଯାଇଥିବା ଜଣାପଡିଛି। ଏହାସହ ୩୫୦ ଗ୍ରାମ ସୁନା ଗହଣା ମଧ୍ୟ ମିଳିଛି। ତାଙ୍କର ବିଭିନ୍ନ ସ୍ଥାନରେ ବହୁତଳ କୋଠା, ୮ଟି ଫ୍ଲାଟ୍ ଓ ଢେଙ୍କାନାଳରେ ଥିବା ଏକ ଫାର୍ମହାଉସ ମଧ୍ୟ ଚିହ୍ନଟ ହୋଇଛି।

ଭିଜିଲାନ୍ସ ତଦନ୍ତରେ ଜଣାପଡ଼ିଛି ଯେ, ଯନ୍ତ୍ରୀ ବାବୁଙ୍କ ବିଦେଶୀ ଘଣ୍ଟା ଓ ଚଷମା ସଉକ ରହିଥିଲା। ଲଫାଫାରେ ଲୁଚିଥିଲା ବିଡା ବିଡା ଟଙ୍କା।ଘରୁ ମିଳିଲା ପୁଳା ପୁଳା ସୁନା ଗହଣା। ପ୍ରକଳ୍ପ ଓ ଚୁକ୍ତି ସମ୍ପର୍କିତ ଦସ୍ତାବିଜ ମଧ୍ୟ ଜବତ ହୋଇଛି।

ତଦନ୍ତ ସମୟରେ ଦୁଇଟି ଚାରିଚକିଆ ଓ ଦୁଇଟି ଦୁଇଚକିଆ ଯାନ ମଧ୍ୟ ଠାବ ହୋଇଛି। ଏହା ସହ ତାଙ୍କ ନାମରେ ମହଙ୍ଗା ବିଦେଶୀ ଘଣ୍ଟା ଓ ଚଷମା ପ୍ରତି ଆସକ୍ତି ଥିବା ମଧ୍ୟ ଜଣାପଡ଼ିଛି। ଗତ କିଛି ବର୍ଷରେ ବହୁ ଟଙ୍କା ଖର୍ଚ୍ଚ କରି ବିଦେଶ ଯାତ୍ରା କରିଥିବା ସୂଚନା ମଧ୍ୟ ମିଳିଛି। ଏହି ରେଡରେ ଜଣେ ଅତିରିକ୍ତ ଏସପି, ୧୧ ଡିଏସପି ଓ ୯ ଜଣ ଇନ୍ସପେକ୍ଟର ସମେତ ବଡ଼ ଟିମ୍ ସାମିଲ ଥିଲେ। ଭୁବନେଶ୍ୱର, ଢେଙ୍କାନାଳ, କଟକ ଓ ଯାଜପୁରର ବିଭିନ୍ନ ସ୍ଥାନରେ ଏହି ଚଢ଼ାଉ ଚାଲିଥିଲା।

ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନାକୁ ୧୧ ବର୍ଷ : ଦେଶର ସୂକ୍ଷ୍ମ ଓ କ୍ଷୁଦ୍ର ଉଦ୍ୟୋଗୀ ହୋଇଛନ୍ତି ସଶକ୍ତ

ନୂଆଦିଲ୍ଲୀ,୯।୪(ପିଆଇବି): ୨୦୧୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା (ପିଏମଏମୱାଇ) ସଫଳତା ପୂର୍ବକ ୧୧ ବର୍ଷ ପୂରଣ କରିଛି। ଏହା ଭାରତର ତୃଣମୂଳସ୍ତରର ଉଦ୍ୟୋଗୀମାନଙ୍କୁ ସଶକ୍ତ କରିଛି। ଆର୍ଥିକ ଉପଲବ୍ଧତାରେ ରହିଥିବା ଶୂନ୍ୟସ୍ଥାନ ଦୂର କରି ଏହି ଯୋଜନା ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବନ୍ଧକମୁକ୍ତ ଋଣ ପ୍ରଦାନକୁ ଅଧିକ ବ୍ୟବସ୍ଥିତ ଓ ସୁବିଧାଜନକ କରିଛି। ଫଳରେ କ୍ଷୁଦ୍ର ବ୍ୟବସାୟୀମାନେ ଅଣକର୍ପୋରେଟ୍ ଏବଂ ଅଣକୃଷି କାର୍ଯ୍ୟକଳାପ ଲାଗି ସହଜରେ ଋଣ ପାଇପାରୁଛନ୍ତି ।

ଭାରତରେ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମଏସଏମଇ)ଗୁଡିକ ଶିଳ୍ପ ଜଗତର ଆଧାର ରୂପେ କାର୍ଯ୍ୟ କରିଥା'ନ୍ତି। ସେମାନେ ପ୍ରମୁଖ କମ୍ପାନୀଗୁଡିକର ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ଭାବେ ଦେଶରେ ସନ୍ତୁଳିତ ଆର୍ଥିକ ବିକାଶକୁ ଆଗେଇ ନେଇଥା'ନ୍ତି। ଏମଏସଏମଇ ଉଦ୍ୟୋଗୀଙ୍କ ପାଇଁ ପିଏମଏମୱାଇ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି। ଏହା ପାଣ୍ଠିରୁ ବଞ୍ଚିତ ଉଦ୍ୟୋଗୀଙ୍କୁ ପାଣ୍ଠି ଯୋଗାଇ ଦେଇଛି। ପୂର୍ବରୁ ଏହି ଉଦ୍ୟୋଗୀମାନେ ପ୍ରାୟତଃ ଔପଚାରିକ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଦ୍ୱାରା ଅବହେଳାର ଶିକାର ହୋଇଆସୁଥିଲେ।

ଏହି ଯୋଜନାକୁ ୧୧ ବର୍ଷ ପୂରଣ ହେବା ଉପଲକ୍ଷେ କେନ୍ଦ୍ର ଅର୍ଥ ଓ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, ''ଗତ ଏକ ଦଶନ୍ଧି ମଧ୍ୟରେ, ଭାରତ ଏକ ନିରବ ପରିବର୍ତ୍ତନ ଦେଖିଛି ଯେଉଁଠାରେ କୋଟି କୋଟି ସାଧାରଣ ନାଗରିକ ନୂତନ ଆତ୍ମବିଶ୍ୱାସର ସହିତ ଉଦ୍ୟୋଗ ଆରମ୍ଭ କରିବା କ୍ଷେତ୍ରରେ ପାଦ ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ମୁଦ୍ରା ଯୋଜନାପାଣ୍ଠିରୁ ବଞ୍ଚିତ ଉଦ୍ୟୋଗୀଙ୍କୁ ପାଣ୍ଠି ଯୋଗାଣ ସୁନିଶ୍ଚିତ କରିଛି ।ଦେଶରେ ଏମଏସଏମଇ ଓ ଅଗଣିତ ବ୍ୟକ୍ତିଗତ ଉଦ୍ୟୋଗୀମାନଙ୍କ ପାଇଁ ଋଣ ପରିଦୃଶ୍ୟକୁ ନୂଆ ରୂପ ଦେବାରେ ପିଏମଏମୱାଇ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ବୋଲି ସେ କହିଛନ୍ତି ।

କେନ୍ଦ୍ର ଅର୍ଥ ମନ୍ତ୍ରୀ ଆହୁରି କହିଛନ୍ତି, ପିଏମଏମୱାଇ କୋଟି କୋଟି ଲୋକଙ୍କୁ ସଶକ୍ତ କରିବା ସହିତ ସମାବେଶୀ ବିକାଶର ଦୃଷ୍ଟିକୋଣକୁ ସାକାର କରୁଛି। ଏବେ ସୁଦ୍ଧା ୪୦.୦୭ ଲକ୍ଷ କୋଟି ଟଙ୍କାରୁ ଅଧିକ ପରିମାଣର ୫୭.୭୯ କୋଟି ଋଣ ଯୋଗାଇ ଦିଆଯାଇଛି। ମହିଳା ଉଦ୍ୟୋଗୀଙ୍କୁ ଦୁଇ ତୃତୀୟାଂଶରୁ ଅଧିକ ଋଣ ମିଳିଛି। ଏକ ପଞ୍ଚମାଂଶ ଋଣ ପ୍ରଥମ ଥରର ଉଦ୍ୟୋଗୀ ପାଇଛନ୍ତି। ଅର୍ଥାତ୍ ନୂଆ ଉଦ୍ୟୋଗୀମାନଙ୍କୁ ୧୨ ଲକ୍ଷ କୋଟି ଟଙ୍କାରୁ ଅଧିକ ପରିମାଣର ୧୨.୧୫ କୋଟି ଋଣ ଯୋଗାଇ ଦିଆଯାଇଛି।

ଏହି ଅବସରରେ, କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ କହିଛନ୍ତି, 'ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନାର ଲକ୍ଷ୍ୟ ସୂକ୍ଷ୍ମ-ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବା। ଆର୍ଥିକ ଅନ୍ତର୍ଭୁକ୍ତୀକରଣ ସରକାରଙ୍କର ସର୍ବୋଚ୍ଚ ପ୍ରାଥମିକତା ମଧ୍ୟରୁ ଅନ୍ୟତମ।ମୁଦ୍ରା ଯୋଜନା କ୍ଷୁଦ୍ର ଉଦ୍ୟୋଗୀମାନଙ୍କୁ ବ୍ୟାଙ୍କ, ଏନବିଏଫସିଏବଂ ଏମଏଫଆଇଠାରୁ ଋଣ ସହାୟତା ପାଇବା ପାଇଁ ଏକ ମଞ୍ଚ ପ୍ରଦାନ କରେ ।ଏହି ଯୋଜନାର ଶୁଭାରମ୍ଭ କରିବା ସମୟରେ ପ୍ରଧାନମନ୍ତ୍ରୀ କହିଥିଲେ, ଭାରତର କ୍ଷୁଦ୍ର ଉଦ୍ୟୋଗୀମାନଙ୍କୁ ସମର୍ଥନ କରିବା ହେଉଛି ଭାରତୀୟ ଅର୍ଥବ୍ୟବସ୍ଥାର ଅଭିବୃଦ୍ଧି ଏବଂ ସମୃଦ୍ଧି ପାଇଁ ସବୁଠାରୁ ପ୍ରଭାବଶାଳୀ ଉପାୟ। ଏହି ଯୋଜନା ବହୁ ସଂଖ୍ୟକ ଉଦ୍ୟୋଗୀଙ୍କୁ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ସହାୟତା ପ୍ରଦାନ କରିଛି। ସେମାନଙ୍କୁ ନିଜ ବ୍ୟବସାୟ ସ୍ଥାପନ ଓ ପରିଚାଳନା କରିବାରେ ସାହାଯ୍ୟ କରିଛି ଏବଂ ସେମାନଙ୍କ ମଧ୍ୟରେ ଆର୍ଥିକ ସୁରକ୍ଷାର ଭାବନା ସୃଷ୍ଟି କରିଛି। ଶ୍ରୀ ଚୌଧୁରୀ ଆହୁରି କହିଛନ୍ତି, ଏହି ଯୋଜନାରେ ୫୧% ହିତାଧିକାରୀ ଓବିସି ବର୍ଗର ହୋଇଥିବା ବେଳେ ୬୭% ମହିଳା ଅଛନ୍ତି। ତେଣୁ ଏହା ସମାଜର ବଞ୍ଚିତ ବର୍ଗକୁ ସହାୟତା କରିଛି।

ମୁଦ୍ରା ଯୋଜନାରେ ମୁଖ୍ୟତଃ ୪ଟି ବର୍ଗରେ ଋଣ ପ୍ରଦାନ କରାଯାଉଛି । ଶିଶୁ ବର୍ଗରେ ୫୦ ହଜାର ଟଙ୍କା, କିଶୋର ବର୍ଗରେ ୫୦ ହଜାରରୁ ୫ ଲକ୍ଷ ଟଙ୍କା, ତରୁଣ ବର୍ଗରେ ୫ ଲକ୍ଷରୁ ୧୦ ଲକ୍ଷ ଟଙ୍କା, ତରୁଣ ପ୍ଲସ୍ ବର୍ଗରେ ୧୦ ଲକ୍ଷରୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରାଯାଉଛି। ଉତ୍ପାଦନ, ବ୍ୟବସାୟ ଓ ସେବା କ୍ଷେତ୍ରରେ ପୁଞ୍ଜି ଆବଶ୍ୟକତାକୁ ଦୃଷ୍ଟିରେ ରଖି ଋଣ ପ୍ରଦାନ କରାଯାଉଥିବା ବେଳେ ରିଜର୍ଭ ବ୍ୟାଙ୍କର ମାର୍ଗଦର୍ଶିକା ଆଧାରରେ ନମନୀୟ ପରିଶୋଧ ସର୍ତ୍ତାବଳୀ ମଧ୍ୟ ରହିଛି । ମହିଳା ହିତାଧିକାରୀଙ୍କୁ ଶିଶୁ ବର୍ଗରେ ମୋଟ ୯.୦୨ଲକ୍ଷ କୋଟି ଟଙ୍କା, କିଶୋର ବର୍ଗରେ ୬.୨୨ଲକ୍ଷ କୋଟିଟଙ୍କା ଏବଂ ତରୁଣ ବର୍ଗରେ ୧.୦୯ଲକ୍ଷ କୋଟି ଟଙ୍କାଋଣ ପ୍ରଦାନ କରାଯାଇଛି । ସଂଖ୍ୟାଲଘୁ ହିତାଧିକାରୀଙ୍କୁ ଶିଶୁ ଯୋଜନାରେ ୧.୩୩ ଲକ୍ଷ କୋଟିଟଙ୍କା, କିଶୋର ଯୋଜନାରେ ୧.୫୪ ଲକ୍ଷ କୋଟିଟଙ୍କା ଏବଂ ତରୁଣ ଯୋଜନାରେ ୬୨ ହଜାର କୋଟି ଟଙ୍କା ବଣ୍ଟନ କରାଯାଇଛି।

ଖୋର୍ଦ୍ଧା ରୋଡ୍ ମଣ୍ଡଳ ରେଳ ହସ୍ପିଟାଲରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ

ଖୋର୍ଦ୍ଧା,୯।୪(ନି.ପ୍ର.): ଖୋର୍ଦ୍ଧା ରୋଡ୍ ମଣ୍ଡଳ ସ୍ଥିତ ରେଳ ହସ୍ପିଟାଲରେ "ସ୍ୱାସ୍ଥ୍ୟ ପାଇଁ ଏକାଠି: ବିଜ୍ଞାନ ସହିତ ଠିଆ ହେବା" ଆଧାରରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ସ୍ୱାସ୍ଥ୍ୟସେବା ଏବଂ ସାର୍ବଜନୀନ ସ୍ୱାସ୍ଥ୍ୟ ଉନ୍ନତିରେ ବୈଜ୍ଞାନିକ ପ୍ରଗତିର ଭୂମିକା ସମ୍ପର୍କରେ ଜନସାଧାରଣ ଓ ସ୍ୱାସ୍ଥ୍ୟକର୍ମୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର ସେମିନାରରେ ପ୍ରତିରୋଧକ ସ୍ୱାସ୍ଥ୍ୟସେବା, ଟୀକାକରଣର ଗୁରୁତ୍ୱ ଏବଂ ସୁସ୍ଥ ଜୀବନଶୈଳୀ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା।

କାର୍ଯ୍ୟକ୍ରମରେ ବରିଷ୍ଠ ମଣ୍ଡଳ ଚିକିତ୍ସା ଅଧିକାରୀ ଡାକ୍ତର କେ. ସେଠି ସଭାକୁ ସମ୍ବୋଧିତ କରି ସ୍ୱାସ୍ଥ୍ୟସେବା ପ୍ରଦାନରେ ଆଧୁନିକ ବୈଜ୍ଞାନିକ ପଦ୍ଧତିର ପ୍ରୟୋଗ ଉପରେ ଆଲୋକପାତ କରିଥିଲେ।

ସେହିପରି ନର୍ସିଂ ଅଧୀକ୍ଷିକା ଶ୍ରୀମତୀ ମମତା ସାହୁ ଏବଂ ଶ୍ରୀମତୀ ବର୍ଣ୍ଣାଲି ଦାସ ରୋଗୀ ସେବାରେ ଗୁଣାତ୍ମକ ମାନ ବଜାୟ ରଖିବା ପାଇଁ ପ୍ରମାଣିକ ଭିତ୍ତିରେ ଆଧାରିତ ଅଭ୍ୟାସର ଆବଶ୍ୟକତା ସମ୍ପର୍କରେ ନିଜର ମତ ଉପସ୍ଥାପନ କରିଥିଲେ। ମଣ୍ଡଳ ଚିକିତ୍ସା ଅଧିକାରୀ ଡାକ୍ତର ଆର୍.ଏନ୍. ପଣ୍ଡା ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ହସ୍ପିଟାଲର ସମସ୍ତ ଡାକ୍ତର ଓ ପାରାମେଡିକାଲ୍ କର୍ମଚାରୀମାନେ ଏଥିରେ ସକ୍ରିୟ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

ଏଥର ଅଙ୍ଗନବାଡ଼ି ପିଲାଙ୍କୁ ପାଠ ପଢେଇବେ କଲେଜ ଛାତ୍ରଛାତ୍ରୀ

ଭୁବନେଶ୍ୱର,୯।୪(ନି.ପ୍ର.): ଏଥର ଅଙ୍ଗନବାଡ଼ି ପିଲାଙ୍କୁ ପାଠ ପଢେଇବେ କଲେଜ ଛାତ୍ରଛାତ୍ରୀ । ସମ୍ପୂର୍ଣ୍ଣ ବଦଳିଯିବ ଅଙ୍ଗନବାଡ଼ି କେନ୍ଦ୍ରର ଚେହେରା । କୁନି କୁନି ପିଲାଙ୍କ ପାଠପଢ଼ା ଏବଂ ସ୍ୱାସ୍ଥ୍ୟର ଯତ୍ନ ନେବେ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ । ପ୍ରାରମ୍ଭିକ ଶିଶୁ ଶିକ୍ଷାକୁ ଗୁରୁତ୍ୱ ଦେଇ ସରକାର ଏହି ମାଷ୍ଟରପ୍ଲାନ ପ୍ରସ୍ତୁତ କରିଛନ୍ତି । ପ୍ରତି ବିଶ୍ୱବିଦ୍ୟାଳୟ ଓ କଲେଜ ଅତିକମରେ ୫ରୁ ୬ଟି ଅଙ୍ଗନବାଡ଼ି କେନ୍ଦ୍ରକୁ ପୋଷ୍ୟ ଭାବେ ଗ୍ରହଣ କରିବେ । ଶିଶୁ ଶିକ୍ଷାକୁ ଅଧିକ ସୁଦୃଢ଼ କରିବା ପାଇଁ ୟୁଜିସି ଜାରି କରିଛି ଏହି ନିର୍ଦ୍ଦେଶନାମା ।

ଫିଲ୍ଡ ୱାର୍କ, ସାମାଜିକ ସେବା ଏବଂ ଇଣ୍ଟର୍ନସିପରେ ଛାତ୍ରଛାତ୍ରୀଙ୍କୁ ଏହା ସହାୟକ ହେବ । ମୁଖ୍ୟ ଶାସନ ସଚିବମାନଙ୍କ ସମ୍ମିଳନୀ ପରେ ନୀତି ଆୟୋଗର କାର୍ଯ୍ୟ ବିବରଣୀ ପ୍ରକାଶ ପାଇଛି । ସମସ୍ତ କୁଳପତି ଓ ଅଧକ୍ଷଙ୍କୁ ଚିଠି ଲେଖି ଜଣାଇଲା ୟୁଜିସି । ବିଶେଷ କରି ଶିକ୍ଷା, ମନୋବିଜ୍ଞାନ, ପୋଷଣ ଏବଂ ସମାଜ ମଙ୍ଗଳ ବିଭାଗର ଛାତ୍ରଛାତ୍ରୀମାନେ ଅଙ୍ଗନବାଡ଼ି କେନ୍ଦ୍ରକୁ ଯାଇ ପିଲାଙ୍କ ବିକାଶରେ ସହଯୋଗ କରିବେ । ଏହାଦ୍ୱାରା ୩ରୁ ୬ ବର୍ଷର ଶିଶୁମାନଙ୍କୁ ଗୁଣାତ୍ମକ ଶିକ୍ଷା ମିଳିବା ସହ ଉଚ୍ଚଶିକ୍ଷା ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ପେଶାଗତ ଅନୁଭୂତି ହାସଲ କରିପାରିବେ । ଉଭୟ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ପାଇଁ ଏହି ନିୟମ ଲାଗୁ ହେବାକୁ ଯାଉଛି । ଏହା କେବଳ ଶିକ୍ଷା ନୁହେଁ, ବରଂ ସମାଜ ପ୍ରତି ଛାତ୍ର ସମାଜର ଦାୟିତ୍ୱବୋଧକୁ ଆହୁରି ବୃଦ୍ଧି କରିବ ।

କଲାଇ- ୨ ଜଳବିଦ୍ୟୁତ ପ୍ରକଳ୍ପ ନିର୍ମାଣ ପାଇଁ ନିବେଶ ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ

ନୂଆଦିଲ୍ଲୀ,୯।୪: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅର୍ଥନୈତିକ ବ୍ୟାପାର କ୍ୟାବିନେଟ କମିଟି ଅରୁଣାଚଳ ପ୍ରଦେଶର ଅଞ୍ଜା ଜିଲ୍ଲାରେ ଲୋହିତ ନଦୀ ଉପରେ କଲାଇ- ୨ ଜଳ ବିଦ୍ୟୁତ ପ୍ରକଳ୍ପ (ଏଚଇପି) ନିର୍ମାଣ ପାଇଁ ୧୪,୧୦୫.୮୩ କୋଟି ଟଙ୍କାର ନିବେଶକୁ ଅନୁମୋଦନ କରିଛନ୍ତି । ଏହି ପ୍ରକଳ୍ପର ସମାପ୍ତି ଅବଧି ୭୮ ମାସ ହେବ ବୋଲି ଆକଳନ କରାଯାଇଛି।୧୨୦୦ ମେଗାୱାଟ୍ (୬ ଘ ୧୯୦ ମେଗାୱାଟ୍ ଏବଂ ୧ ଘ ୬୦ ମେଗାୱାଟ୍) ସ୍ଥାପିତ କ୍ଷମତା ବିଶିଷ୍ଟ ଏହି ପ୍ରକଳ୍ପରୁ ବାର୍ଷିକ ୪୮୫୨.୯୫ ଏମୟୁ ଶକ୍ତି ଉତ୍ପାଦନ ହେବାର ଆଶା କରାଯାଉଛି। ଲୋହିତ ନଦୀରେ ପ୍ରଥମ ଜଳ ପ୍ରକଳ୍ପ ଭାବରେ, ଏହା ରାଜ୍ୟରେ ବିଦ୍ୟୁତ ଯୋଗାଣକୁ ସୁଦୃଢ଼ କରିବ, ସର୍ବାଧିକ ଚାହିଦା ପରିଚାଳନାରେ ସହାୟତା କରିବ ଏବଂ ଜାତୀୟ ଗ୍ରୀଡକୁ ସନ୍ତୁଳିତ କରିବାରେ ଯୋଗଦାନ ଦେବ।

ଏହି ପ୍ରକଳ୍ପଟି ଟିଏଚଡିସି ଇଣ୍ଡିଆ ଲିମିଟେଡ୍ ଏବଂ ଅରୁଣାଚଳ ପ୍ରଦେଶ ସରକାରଙ୍କ ମଧ୍ୟରେ ଏକ ମିଳିତ ଉଦ୍ୟମ କମ୍ପାନୀ ମାଧ୍ୟମରେ କାର୍ଯ୍ୟକାରୀ କରାଯିବ। ଭାରତ ସରକାର ରାଜ୍ୟର ଇକ୍ୱିଟି ଅଂଶ ପାଇଁ ୭୫୦ କୋଟି ଟଙ୍କାର କେନ୍ଦ୍ରୀୟ ଆର୍ଥିକ ସହାୟତା ସହିତ ସକ୍ଷମ ଭିତ୍ତିଭୂମି ଅଧୀନରେ ରାସ୍ତା, ସେତୁ ଏବଂ ସମ୍ପୃକ୍ତ ପରିବହନ ଲାଇନ ନିର୍ମାଣ ଲାଗି ବଜେଟ ସହାୟତା ଭାବରେ ୫୯୯.୮୮କୋଟି ଟଙ୍କା ପ୍ରଦାନ କରିବେ।

ରାଜ୍ୟକୁ ୧୨% ମାଗଣା ବିଦ୍ୟୁତ୍ ଏବଂ ସ୍ଥାନୀୟ କ୍ଷେତ୍ର ବିକାଶ ପାଣ୍ଠି (ଏଲଏଡିଏଫ୍) ପାଇଁ ଅତିରିକ୍ତ ୧% ମିଳିବ, ଏହା ସହିତ ଏହି ଅଞ୍ଚଳ ପାଇଁ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ବିକାଶ ଏବଂ ସାମାଜିକ - ଆର୍ଥିକ ଲାଭ ମିଳିବ।

ନାମସାଇ ଏବଂ ଅଞ୍ଜା ଜିଲ୍ଲାରେ ଭିତ୍ତିଭୂମିରେ ଉଲ୍ଲେଖନୀୟ ଉନ୍ନତି ହେବ , ଯେଉଁଥିରେ ପ୍ରାୟ ୨୯ କିଲୋମିଟର ରାସ୍ତା ଏବଂ ସେତୁର ବିକାଶ ଅନ୍ତର୍ଭୁକ୍ତ, ଯାହା ମୁଖ୍ୟତଃ ସ୍ଥାନୀୟ ବ୍ୟବହାର ପାଇଁ ଉପଲବ୍ଧ ହେବ। ସ୍ଥାନୀୟ ଜନସାଧାରଣ ମଧ୍ୟ ଅନେକ ପ୍ରକାରର କ୍ଷତିପୂରଣ, ନିଯୁକ୍ତି ଏବଂ ସିଏସଆର୍ କାର୍ଯ୍ୟକଳାପରୁ ଉପକୃତ ହେବେ।

ଏସ୍‌ଜିଏଚ୍ ପାଇଁ ଆତ୍ମରକ୍ଷା ପ୍ରଶିକ୍ଷଣ ଆରମ୍ଭ

ଭୁବନେଶ୍ୱର,୯।୪(ନି.ପ୍ର.): ମହିଳା ସଶକ୍ତିକରଣ ଦିଗରେ ଓଡ଼ିଶାରେ ଆଉ ଏକ ବଡ଼ ପଦକ୍ଷେପ। ମିଶନ ଶକ୍ତି ବିଭାଗ ଓ ଜାତୀୟ ମହିଳା ଆୟୋଗ (ଏନ୍‌ସିଡବ୍ଲୁ)ଙ୍କ ଯୁଗଳ ସହଯୋଗରେ ଆଜି ମିଶନ ଶକ୍ତି ଭବନରେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ମହିଳାମାନଙ୍କ ପାଇଁ ଏକ ବିଶେଷ 'ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ'ର ଶୁଭାରମ୍ଭ ହୋଇଛି। ଏହି ପଦକ୍ଷେପ ମହିଳାମାନଙ୍କୁ କେବଳ ସୁରକ୍ଷା ନୁହେଁ, ଆତ୍ମବିଶ୍ୱାସ ଓ ସ୍ୱାଭିମାନରେ ମଧ୍ୟ ଦୃଢ଼ କରିବାରେ ସହାୟକ ହେବ।

ଏହି ପ୍ରଶିକ୍ଷଣ ମାଧ୍ୟମରେ ଏସଏଚଜି ମହିଳାମାନେ ଦୈନନ୍ଦିନ ଜୀବନରେ ଆସୁଥିବା ବିଭିନ୍ନ ବିପଦ ସ୍ଥିତିକୁ ସାହସର ସହିତ ମୁକାବିଲା ପାଇଁ କୌଶଳ ଶିକ୍ଷାଲାଭ କରିବେ। ଯାତାୟାତ ସମୟରେ, ବଜାର କିମ୍ବା ବ୍ୟବସାୟିକ କ୍ଷେତ୍ରରେ ନିଜକୁ କିପରି ସୁରକ୍ଷିତ ରଖିବେ, ସେଥିପାଇଁ ଏହି ପ୍ରଶିକ୍ଷଣ ଏକ ନୂତନ ଦିଗ ଦେଖାଇବ। ମହିଳାମାନଙ୍କ ମଧ୍ୟରେ ଆତ୍ମନିର୍ଭରତା, ସୁରକ୍ଷା ଓ ମର୍ଯ୍ୟାଦା ବୃଦ୍ଧି କରିବା ହେଉଛି ଏହାର ପ୍ରମୁଖ ଲକ୍ଷ୍ୟ।

ପାଇଲଟ୍ ପ୍ରକଳ୍ପ ଭାବେ ପ୍ରଥମ ପର୍ଯ୍ୟାୟରେ ଖୋର୍ଦ୍ଧା, କଟକ, ପୁରୀ, କେନ୍ଦୁଝର ଓ ଗଞ୍ଜାମ ଜିଲ୍ଲାର ପ୍ରାୟ ୫,୦୦୦ ଝିଅଏ ସଦସ୍ୟାଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଉଛି। ଏହା ପରବର୍ତ୍ତୀ ସମୟରେ ରାଜ୍ୟର ଅନ୍ୟାନ୍ୟ ଜିଲ୍ଲାକୁ ବିସ୍ତାର କରାଯିବା ଯୋଜନା ରହିଛି।

ଆଜିର କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ତାଙ୍କ ସହ ଜାତୀୟ ମହିଳା କମିଶନର ଅଧକ୍ଷା ଶ୍ରୀମତୀ ବିଜୟା କିଶୋର ରାହତକର, ଓଡ଼ିଶା ରାଜ୍ୟ ମହିଳା କମିଶନର ଅଧକ୍ଷା ଶୋଭନା ମହାନ୍ତି, ମିଶନ ଶକ୍ତି ବିଭାଗର କମିଶନର ଓ ସଚିବ ମାନସୀ ନିମ୍ଭାଲ ଏବଂ ଅତିରିକ୍ତ ସଚିବ ଶୈଳେନ୍ଦ୍ର କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ପଦକ୍ଷେପ ମହିଳା ସଶକ୍ତିକରଣ ମାର୍ଗରେ ଏକ ମାଇଲଷ୍ଟୋନ୍ ସାବ୍ୟସ୍ତ ହେବା ସହ ରାଜ୍ୟରେ ମହିଳାମାନଙ୍କ ସୁରକ୍ଷା ଓ ସମ୍ମାନକୁ ଆଉ ଦୃଢ଼ କରିବ ବୋଲି ଆଶା କରାଯାଉଛି।

ରାଜଧାନୀରୁ ୧୦୭ ସହ ୩୪୩୫ଟି ସିଲିଣ୍ଡର ଜବତ

ଭୁବନେଶ୍ୱର,୯।୪(ନି.ପ୍ର.); ରାଜ୍ୟରେ ଏଲପିଜି ଗ୍ୟାସର କଳାବଜାରୀ ଓ ବେଆଇନ ମହଜୁଦକୁ ରୋକିବା ପାଇଁ ଆଜି ରାଜ୍ୟବ୍ୟାପୀ ଚଢ଼ଉ ଜୋରଦାର କରିଛି ଯୋଗାଣ ବିଭାଗ। ଏହି ଚଢ଼ଉ ଅଭିଯାନରେ ସମଗ୍ର ରାଜ୍ୟରେ ୩୪୩୫ଟି ସିଲିଣ୍ଡର ଜବତ ହୋଇଛି। କେବଳ ରାଜଧାନୀ ଭୁବନେଶ୍ୱରରେ ସାମନ୍ତରାୟପୁର ଅଂଚଳରୁ ୧୦୭ଟି ଗ୍ୟାସ୍ ସିଲିଣ୍ଡର ଜବତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଗତ ସପ୍ତାହରେ ଏଲପିଜି କଳାବଜାରୀଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ।

ସୂଚନା ଅନୁସାରେ, ଏଲପିଜି ଗ୍ୟାସର କଳାବଜାରୀ ଓ ବେଆଇନ ମହଜୁଦକାରୀଙ୍କୁ ଠାବ କରିବା ପାଇଁ ଜିଲ୍ଲାପାଳମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ମାରାଥନ୍ ଚଢ଼ଉ ଜାରି ରହିଛି। ଏବେସୁଦ୍ଧା ରାଜ୍ୟର ୭୦୨ଟି ଗ୍ୟାସ ଏଜେନ୍ସି ଓ ୧୨୧୩ଟି ଅନ୍ୟାନ୍ୟ ବ୍ୟବସାୟିକ ପ୍ରତିଷ୍ଠାନ ସମେତ ମୋଟ୍ ୧୯୧୫ଟି ସ୍ଥାନରେ ଯାଞ୍ଚ କରାଯାଇ ୩୪୩୫ଟି ସିଲିଣ୍ଡର ଜବତ କରାଯାଇଛି। ଅତ୍ୟାବଶ୍ୟକୀୟ ସାମଗ୍ରୀ ଅଧିନିୟମ ଅନୁଯାୟୀ ୩୨୩ଟି ମାମଲା ମଧ୍ୟ ରୁଜୁ ହୋଇଛି। ୨୩ଟି ଏଫଆଇଆର ରୁଜୁ ସହ ବେଆଇନ କାର୍ଯ୍ୟରେ ସଂପୃକ୍ତ ଥିବା ୫ ଜଣଙ୍କୁ ଗିରଫ କରାଯାଇଛି। ଜିଲ୍ଲା ଯୋଗାଣ ଅଧିକାରୀମାନେ ପ୍ରତିଦିନର ଯାଞ୍ଚ ବିବରଣୀ ମଧ୍ୟ ପ୍ରଦାନ କରୁଛନ୍ତି।

ଆଜି ଖୋର୍ଦ୍ଧା ଜିଲ୍ଲା ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରିୟ ମିଶ୍ରଙ୍କ ନେତୃତ୍ୱରେ ଯୋଗାଣ ବିଭାଗର ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ଓ ବିଏମସି ଅଧିକାରୀମାନେ ଭୁବନେଶ୍ୱର ସାମନ୍ତରାପୁର ଅଞ୍ଚଳରେ ଥିବା ଏକ କାଠଗୋଲା ଉପରେ ଚଢ଼ାଉ କରିଥିଲେ।

ପୁଲିସ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ହୋଇଥିବା ଏହି ଚଢ଼ାଉବେଳେ 'ତାରିଣୀ ଟିମ୍ବର ସପ୍' ପରିସରରେ ଅତ୍ୟନ୍ତ ବିପଜ୍ଜନକ ଓ ବେଆଇନ ଭାବେ ଗଚ୍ଛିତ ରଖାଯାଇଥିବା ୧୦୭ଟି ଗ୍ୟାସ ସିଲିଣ୍ଡର ଜବତ କରାଯାଇଛି। ସେଥିରେ ୭୮ଟି ଘରୋଇ ସିଲିଣ୍ଡର, ୫ଟି ବ୍ୟବସାୟିକ ସିଲିଣ୍ଡର ଓ ୨୪ଟି ୫କେଜିଆ ଛୋଟ ସିଲିଣ୍ଡର ରହିଛି। ଏହି ସିଲିଣ୍ଡରଗୁଡିକ ବିଭିନ୍ନ ଏଲପିଜି ଯୋଗାଣକାରୀ କମ୍ପାନୀର ଥିଲା।ଶ୍ରୀ ମିଶ୍ର କହିଛନ୍ତି ଯେ, କାଠଗୋଲା ଭଳି ସ୍ପର୍ଶକାତର ସ୍ଥାନରେ ଏତେ ଗ୍ୟାସ ଷ୍ଟକ ରଖିବା ଜନସାଧାରଣଙ୍କ ଜୀବନ ସହ ଖେଳିବା ସଦୃଶ। ଏତେ ଗ୍ୟାସ କେଉଁଠୁ ଆସିଲା ଓ ଏଥିରେ କେଉଁ ଡିଷ୍ଟ୍ରିବ୍ୟୁଟର ସାମିଲ ଅଛନ୍ତି, ତାହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ। ଆଗାମୀ ଦିନରେ ଏହି ରେଡ୍ ଆହୁରି ବ୍ୟାପକ କରାଯିବ। ଡିଷ୍ଟ୍ରିବ୍ୟୁଟରଙ୍କ ସହାୟତା ବିନା ଏତେ ପରିମାଣର ଗ୍ୟାସ ଆସିବା ଅସମ୍ଭବ ବୋଲି ଯୋଗାଣ ବିଭାଗ ସନ୍ଦେହ କରୁଛି। ତେଣୁ ଏହି କଳାବଜାରୀ ପଛରେ ଡିଷ୍ଟ୍ରିବ୍ୟୁଟର ଓ ଦଲାଲଙ୍କ ଭୂମିକାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଦଲାଲମାନେ ଗୋଟିଏ ଲେଖାଏଁ ଘରୋଇ ସିଲିଣ୍ଡରକୁ ୩୦୦୦ଟଙ୍କା ପର୍ଯ୍ୟନ୍ତ ଚାଦରରେ ବିକ୍ରି କରୁଥିବା ଅଭିଯୋଗ ହୋଇଛି।

ସୂଚନାଯୋଗ୍ୟ, ରାଜ୍ୟର ବିଭିନ୍ନ ସ୍ଥାନରେ ଏଲପିଜି ଗ୍ୟାସ୍ ପାଇଁ ଲୋକେ ଲମ୍ୱାଧାଡି ଲଗାଇଥିବା ଦେଖିବାକୁ ମିଳୁଛି। ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ଏଲପିଜି ଉପଲବ୍ଧ ଅଛି ବୋଲି ରାଜ୍ୟ ସରକାର କହୁଥିଲେ ମଧ୍ୟ ସାଧାରଣ ଖାଉଟିଙ୍କୁ ଏଲପିଜି ପାଇଁ ହନ୍ତସନ୍ତ ହେବାକୁ ପଡୁଛି।

ଏଚ୍‌ଆର୍‌ଆର୍‌ଏଲ୍ ପାଇଁ ମୂଲ୍ୟ ଓ ଇକ୍ୱିଟି ନିବେଶ ସଂଶୋଧନକୁ କ୍ୟାବିନେଟ୍ ମଞ୍ଜୁରୀ

ନୂଆଦିଲ୍ଲୀ,୯।୪(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅର୍ଥନୈତିକ ବ୍ୟାପାର କ୍ୟାବିନେଟ୍ କମିଟି ଏଚ୍‌ପିସିଏଲ୍ ରାଜସ୍ଥାନ ରିଫାଇନାରୀ ଲିମିଟେଡ୍ (ଏଚ୍‌ଆର୍‌ଆର୍‌ଏଲ୍) ପ୍ରକଳ୍ପର ସଂଶୋଧିତ ମୂଲ୍ୟକୁ ଅନୁମୋଦନ କରିଛି। ପୂର୍ବରୁ ୪୩,୧୨୯ କୋଟି ଟଙ୍କା ଥିବା ପ୍ରକଳ୍ପ ମୂଲ୍ୟକୁ ବଢ଼ାଇ ୭୯,୪୫୯ କୋଟି ଟଙ୍କା କରାଯାଇଛି। ସେହିପରି ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ୍ (ଏଚ୍‌ପିସିଏଲ) ଦ୍ୱାରା ୮,୯୬୨ କୋଟି ଟଙ୍କାର ଅତିରିକ୍ତ ଇକ୍ୱିଟି ନିବେଶକୁ ମଧ୍ୟ ଅନୁମୋଦନ ମିଳିଛି। ଏହି ବୃଦ୍ଧି ପରେ ଏଚ୍‌ପିସିଏଲର ମୋଟ ଇକ୍ୱିଟି ନିବେଶ ୧୯,୬୦୦ କୋଟି ଟଙ୍କାକୁ ପହଞ୍ଚିବ।

କାର୍ଯ୍ୟାନ୍ୱୟନ ରଣନୀତି ଏବଂ ଲକ୍ଷ୍ୟ:

ଏଚ୍‌ଆର୍‌ଆର୍‌ଏଲ୍ ରିଫାଇନାରୀ ହେଉଛି ଏକ ଅତ୍ୟନ୍ତ ବୃହତ ରିଫାଇନାରୀ ଯେଉଁଥିରେ ଉତ୍ପାଦ ସ୍ଲେଟ୍ ସହିତ ୨୬%ରୁ ଅଧିକ ପେଟ୍ରୋକେମିକାଲ ଉତ୍ପାଦ ହୋଇଥାଏ । ପ୍ରତି ବର୍ଷ ୧ ମିଲିୟନ୍ ମେଟ୍ରିକ ଟନ୍ (ଏମ୍‌ଏମ୍‌ଟିପିଏ) ପେଟ୍ରୋଲ, ୪ ଏମ୍‌ଏମ୍‌ଟିପିଏ ଡିଜେଲ ଉତ୍ପାଦନ ସହିତ, ଏହା ୧ ଏମ୍‌ଏମ୍‌ଟିପିଏ ପଲିପ୍ରୋପାଇଲିନ୍, ୦.୫ ଏମ୍‌ଏମ୍‌ଟିପିଏ ଏଲଏଲ୍‌ଡିଇ (ଲିନିୟର୍ ଲୋ ଡେନ୍ସିଟି ପଲିଇଥିଲିନ), ୦.୫ ଏମ୍‌ଏମ୍‌ଟିପିଏ ଏଚ୍‌ଡିପିଇ (ହାଇ ଡେନ୍ସିଟି ପଲିଇଥିଲିନ୍) ଏବଂ ପ୍ରାୟ ୦.୪ ଏମ୍‌ଏମ୍‌ଟିପିଏ ବେଞ୍ଜିନ, ଟୋଲ୍ୟୁଇନ୍ ଏବଂ ବ୍ୟୁଟାଡିନ ଉତ୍ପାଦନ କରିବ । ଏହି ସମସ୍ତ ଉତ୍ପାଦ ପରିବହନ, ଔଷଧ, ରଙ୍ଗ, ପ୍ୟାକେଜିଂ ଶିଳ୍ପ ଇତ୍ୟାଦି କ୍ଷେତ୍ରରେ ଆମର ଶକ୍ତି ଏବଂ ଶିଳ୍ପ ଇକୋସିଷ୍ଟମ୍ ପାଇଁ ଗୁରୁତ୍ୱପୂର୍ଣ୍ଣ । ଏହି ପ୍ରକଳ୍ପ ଶକ୍ତି ଆତ୍ମନିର୍ଭରତା ଦିଗରେ ଅଗ୍ରସର ହେବ ଏବଂ ପେଟ୍ରୋକେମିକାଲ୍ କ୍ଷେତ୍ରର ଆମଦାନୀ ନିର୍ଭରତା ହ୍ରାସ କରିବ । ଏହାର ନିର୍ଦ୍ଧାରିତ ବାଣିଜ୍ୟିକ କାର୍ଯ୍ୟ ତାରିଖ (ଏସ୍‌ୱିଓଡି) ହେଉଛି ୧ ଜୁଲାଇ, ୨୦୨୬ ।

ଦେଶରେ ବର୍ଦ୍ଧିତ ଶକ୍ତି ଓ ପେଟ୍ରୋକେମିକାଲ ଆବଶ୍ୟକତା ଏବଂ ସ୍ୱତନ୍ତ୍ର ଉତ୍ପାଦ ଉତ୍ପାଦନକୁ ବିଚାରକୁ ନେଇ ଏଚ୍‌ଆର୍‌ଆର୍‌ଏଲ୍ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ, ଯାହା ଦ୍ୱାରା ଆମଦାନୀ ଉପରେ ଦେଶର ନିର୍ଭରଶୀଳତା ହ୍ରାସ ପାଇବ ଏବଂ ବିଦେଶୀ ମୁଦ୍ରା ସଞ୍ଚୟ ହେବ । ଏହା ବ୍ୟତୀତ, ଏହି ପ୍ରକଳ୍ପ ଏକ ପଛୁଆ ଅଞ୍ଚଳର ଶିଳ୍ପାୟନ, ସ୍ଥାନୀୟ ଭାବରେ ଉପଲବ୍ଧ ମଙ୍ଗଳା ଅଶୋଧିତ ତୈଳର ବ୍ୟବହାର ଏବଂ ଭାରତକୁ ଏକ ରିଫାଇନିଂ ହବ୍ ଭାବରେ ପ୍ରୋତ୍ସାହିତ କରିବାରେ ମଧ୍ୟ ଯୋଗଦାନ ଦେବ । ଏହି ପ୍ରକଳ୍ପର କାର୍ଯ୍ୟାନ୍ୱୟନ ସମୟରେ, ଏଚ୍‌ଆର୍‌ଆର୍‌ଏଲ୍ ରିଫାଇନାରୀ ୟୁନିଟ୍ର ନିର୍ମାଣରେ ନିୟୋଜିତ ବିଭିନ୍ନ ଅଂଶୀଦାରଙ୍କ ଦ୍ୱାରା ପ୍ରାୟ ୨୫ ହଜାର ଶ୍ରମିକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି ।

ଏସ୍‌ସିବି ମେଡିକାଲ ପରିସରରେ ଖୋଲିବ ନୂଆ ଥାନା

କଟକ,୯।୪(ନି.ପ୍ର.): କଟକର ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ୍ ପରିସରରେ ଖୁବ୍‌ଶୀଘ୍ର ଖୋଲିବାକୁ ଯାଉଛି ଏକ ନୂଆ ଥାନା, ଯାହା ରାଜ୍ୟର ସମସ୍ତ ମେଡିକାଲ କଲେଜମାନଙ୍କ ମଧ୍ୟରେ ପ୍ରଥମ ଘଟଣା ଭାବେ ଗଣାଯିବ। ଦିନକୁ ଦିନ ବଢୁଥିବା ରୋଗୀ ଭିଡ଼ ଓ ସୁରକ୍ଷା ଚ୍ୟାଲେଞ୍ଜକୁ ଦୃଷ୍ଟିରେ ରଖି ଏହି ବଡ଼ ପଦକ୍ଷେପ ନିଆଯାଇଛି।ବର୍ତ୍ତମାନ ଏସ୍‌ସିବି ପରିସରରେ ଥିବା ଫାଣ୍ଡିକୁ ଅପଗ୍ରେଡ୍ କରି ଥାନାର ମାନ୍ୟତା ଦିଆଯିବ। ସେହିପରି ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରେ ମଧ୍ୟ ଏକ ନୂଆ ଫାଣ୍ଡି ସ୍ଥାପିତ ହେବ, ଯାହା ଏସ୍‌ସିବି ଥାନା ଅଧୀନରେ କାର୍ଯ୍ୟ କରିବ। ଏହା ଦ୍ୱାରା ସମଗ୍ର ମେଡିକାଲ ପରିସରରେ ସୁରକ୍ଷା ବ୍ୟବସ୍ଥା ଆହୁରି ମଜବୁତ ହେବ।

ଏବେ ଥିବା ପୁଲିସ୍ ବ୍ୟବସ୍ଥା ଆବଶ୍ୟକତା ଅନୁଯାୟୀ ପର୍ଯ୍ୟାପ୍ତ ନୁହେଁ। ଯଦିଓ ଡିସିପି କାର୍ଯ୍ୟାଳୟ ପକ୍ଷରୁ ଟ୍ରମା ଓ ନନ୍-ଟ୍ରମା କାଜୁଆଲିଟିରେ ଫୋର୍ସ ନିଯୁକ୍ତ ଅଛି, ତଥାପି ମେଡିସିନ୍ ୱାର୍ଡ, ସ୍ୱସିଆଲ ଆଉଟଡୋର, ନିରାମୟ ଓ ଚକ୍ଷୁ ବିଭାଗରେ ଅସମ୍ଭାଳ ଭିଡ଼ ସମସ୍ୟା ସୃଷ୍ଟି କରୁଛି। ଏହି ପରିସ୍ଥିତିରେ ନୂଆ ଥାନା ଆବଶ୍ୟକତା ଅତ୍ୟାବଶ୍ୟକ ହୋଇପଡିଛି।

ନୂଆ ମେଡିକାଲ କୋଠା ନିକଟରେ ପ୍ରାୟ ୧୦ ହଜାର ବର୍ଗଫୁଟ ଅଞ୍ଚଳରେ ଏହି ଥାନା ନିର୍ମାଣ ହେବାକୁ ଯାଉଛି। ଏପାଇଁ ଡିପିଆର୍ ପ୍ରସ୍ତୁତ ହୋଇସାରିଛି ଏବଂ ଖୁବ୍‌ଶୀଘ୍ର ନିର୍ମାଣ କାମ ଆରମ୍ଭ ହେବ। ନିର୍ମାଣ ପୂର୍ବରୁ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ସ୍ଥିତିର ସମୀକ୍ଷା କରିଥିବା ଜଣାପଡିଛି।

ଏହି ପଦକ୍ଷେପ କେବଳ ଆଇନ-ଶୃଙ୍ଖଳାକୁ ସୁଦୃଢ଼ କରିବା ନୁହେଁ, ବରଂ ରୋଗୀ, ସେବାଦାତା ଓ ଡାକ୍ତରମାନଙ୍କ ପାଇଁ ଏକ ସୁରକ୍ଷିତ ପରିବେଶ ନିଶ୍ଚିତ କରିବ। ଏସ୍‌ସିବିରେ ନୂଆ ଥାନା ସ୍ଥାପନା ରାଜ୍ୟର ସ୍ୱାସ୍ଥ୍ୟ ପ୍ରଣାଳୀ ସହ ସୁରକ୍ଷା ବ୍ୟବସ୍ଥାକୁ ଏକ ନୂଆ ମାତ୍ରା ଦେବାକୁ ଯାଉଛି।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, Email : odishamanthan@gmail.com

● Editor : Sarat Raut

ସଂପାଦକ: ଶରତ ରାଉତ